

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୧୧ ମଇ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 11 MAY 2021

Vol.No. 32 ■ No. 119 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ପ୍ରକାଶ ଅପେକ୍ଷାରେ

ରଥ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଟିକାର ଦାମ୍ ଓ ଟିକାକରଣକୁ ନେଇ କେନ୍ଦ୍ର ସରକାରଙ୍କ ଶପଥନାମା




ନୂଆଦିଲ୍ଲୀ,୧୦/୦୫: କେନ୍ଦ୍ର ସରକାର ଓ ସୁପ୍ରିମ କୋର୍ଟଙ୍କ ମଧ୍ୟରେ ଟିକାର ଦାମ ଓ ଟିକାକରଣକୁ ନେଇ ଚାଲିଥିବା ମାମଲାରେ କେନ୍ଦ୍ର ସରକାର ତାଙ୍କର ଶପଥନାମା କୋର୍ଟରେ ଦାଖଲ କରିଛନ୍ତି । ଏଥିରେ କେନ୍ଦ୍ର ସରକାର କହିଛନ୍ତି କି ଟିକାକରଣକୁ ନେଇ କେନ୍ଦ୍ର ସରକାରଙ୍କର ନୀତି ସମାନ ରହିଛି । ସରକାର ସବୁ ରାଜ୍ୟକୁ ଜନସଂଖ୍ୟା ତୁଳନାରେ ଟିକା ପ୍ରେରଣ କରୁଛନ୍ତି । ଏହାସହ ଏଭଳି ମହାମାରୀ ସମୟରେ ସରକାରଙ୍କ ଉପରେ ଅଦାଲତ ହସ୍ତକ୍ଷେପ କରିବାର ଏକ ସୀମା ରହିଛି । ଏହାସହ ଟିକାର ସମାନ ଦାମ ନେଇ କୋର୍ଟରେ ହୋଇଥିବା ଆବେଦନ ଉପରେ କେନ୍ଦ୍ର ସରକାର ରବିବାର ଦିନ ତାଙ୍କର ଶପଥନାମା କୋର୍ଟରେ ଦାଖଲ କରିଥିଲେ । ଏଥିରେ କୁହାଯାଇଛି କି, ରାଜ୍ୟ ମାନଙ୍କ ଅନୁରୋଧ ପରେ ୧୮ ରୁ ୪୪ ବର୍ଷର ଲୋକଙ୍କୁ ଟିକା ଦେବାକୁ କେନ୍ଦ୍ର ସରକାର ମଞ୍ଜୁରୀ ପ୍ରଦାନ କରିଥିଲେ । ଏହାସହ ପ୍ରତି ରାଜ୍ୟକୁ ସମାନ ଦରରେ ଟିକା ଦେବାକୁ ଟିକା ନିର୍ମାତା କମ୍ପାନୀ ମାନଙ୍କୁ ରାଜି କରାଯାଇଥିଲା । ଶପଥନାମାରେ ସରକାର କହିଛନ୍ତି କି ଏହି ନୀତି ନ୍ୟାୟ ସଙ୍ଗତ, ବିନା ଭେଦଭାବରେ ୧୮ ରୁ ୪୫ ବର୍ଷର ଲୋକଙ୍କୁ ଟିକାକରଣ ନିମନ୍ତେ ସ୍ଥିର କରାଯାଇଛି । ଏହାସହ ଏଭଳି ମାମଲାରେ କୋର୍ଟଙ୍କ ହସ୍ତକ୍ଷେପର ଆବଶ୍ୟକତା ନାହିଁ ବୋଲି ସରକାର କହିଛନ୍ତି । କହିରଖୁ କି କୋଭିଡ-୧୯ ଟିକା ମୂଲ୍ୟ ନିର୍ଦ୍ଧାଣ ଉପରେ ଆଉଥରେ ବିଚାର କରିବାକୁ କୋର୍ଟ ନିର୍ଦ୍ଦେଶ ଦେବା ପରେ କେନ୍ଦ୍ର ସରକାରଙ୍କ ତରଫରୁ ଏଭଳି ଶପଥନାମା କୋର୍ଟଙ୍କୁ ଦିଆଯାଇଛି । ଏହି ମାମଲାରେ ଆଜି ଶୁଣାଣି ହେବାର ଅଛି ।

## ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବାର ୪୮ ଘଂଟା ଭିତରେ କରୋନା ସଂକ୍ରମିତ ହେଲେ ପୁଡୁଚେରୀ ମୁଖ୍ୟମନ୍ତ୍ରୀ



ପୁଡୁଚେରୀ,୧୦/୦୫: ଦେଶରେ କରୋନା ମହାମାରୀର ଦ୍ୱିତୀୟ ଲହର ସୁନାମୀ ଭଳି ମାଡିଚାଲିଛି । ଯାହା କାରଣରୁ ଏବେ ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ସେଲିବ୍ରେଟି ଓ ନେତା ଓ ଖେଳାଳୀ ମାନେ ବି କରୋନା କବଳରେ

▶▶ପୃଷ୍ଠା ୭

### ଭୟ ବଢ଼ାଉଛି କରୋନା ସଂକ୍ରମିତଙ୍କ ଠାରେ ନୂଆ ଲକ୍ଷଣ

## ରାଜ୍ୟର ପ୍ରଥମ ବ୍ଲାକ୍ ଫଙ୍ଗସ୍ ରୋଗୀ ଚିହ୍ନଟ



ଭୁବନେଶ୍ୱର,୧୦/୦୫(ନି.ପ୍ର): କରୋନା ସଂକ୍ରମିତଙ୍କଠାରେ ଦେଖାଯାଉଥିବା ନୂଆ ଲକ୍ଷଣ ବ୍ଲାକ ଫଙ୍ଗସକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ବରିଷ୍ଠ ଡାକ୍ତର ନିରୋଜ ମିଶ୍ର । କରୋନାରୁ ସୁସ୍ଥ ହେବା ପରେ ରୋଗୀଙ୍କ ଶରୀରରେ କଳା ରଙ୍ଗର ଯାଦୁ ଭଳି ଦାଗ ବା ବ୍ଲାକ୍ ଫଙ୍ଗସ ଦେଖାଯାଉଛି । ଯାହାକୁ ମୁକୋରମିକୋସିସ୍ ବୋଲି କୁହାଯାଏ । ବିଶେଷକରି କରୋନାରୁ ସୁସ୍ଥ ହେବା ପରେ ଏଭଳି ଲକ୍ଷଣ ଦେଖାଯାଉଛି । ଏହା ବ୍ୟତିତ କେତେକ ଆକ୍ରାନ୍ତ ସୁସ୍ଥ ହେବା ପରେ ଦୃଷ୍ଟିଶକ୍ତି ହରାଉଥିବା ମଧ୍ୟ ସୂଚନା ମିଳିଛି । ଗୁଜୁରାଟର ସୁରତଠାରେ ଏଭଳି ୪୦ଟି ମାମଲା ଚିକିତ୍ସା ବିଶେଷଜ୍ଞଙ୍କ ନିଜରକୁ ଆସିଥିବା ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି । ବ୍ଲାକ ଫଙ୍ଗସ ହେଉଛି ଏକ ପ୍ରକାର ଚର୍ମ ସଂକ୍ରମଣ । ପୋଡିଯିବା, କଟିଯିବା, ଭଳି କୌଣସି କ୍ଷତ ପରେ ଚର୍ମ ଉପରେ ଏଭଳି ସଂକ୍ରମଣ ହୋଇ କଳା ପଡିଯାଏ । ବାୟୁ ଦ୍ୱାରା ଏହା ସଂକ୍ରମିତ ହୋଇଥାଏ । ଗଳା ଏବଂ ଫୁସଫୁସ ସଂକ୍ରମଣ କାରଣରୁ ମଧ୍ୟ ଏହା ହୋଇଥାଏ । ଏହାଦ୍ୱାରା ମୁଣ୍ଡ ବିନ୍ଧିବା ସହ ଆଖି ଲାଲ ପଡିଥାଏ । କରୋନାରୁ ସୁସ୍ଥ ହେବାର ଦୁଇ ବା ତିନି ଦିନ ପରେ ଏହା ଆରମ୍ଭ ହୋଇଥାଏ । କ୍ରମେ ଏହା ମସ୍ତିଷ୍କକୁ ସଂକ୍ରମିତ କରିଥାଏ । ମଧୁମେହ ରୋଗୀ ଓ ଦୃଷ୍ଟିହୀନଙ୍କୁ ଏହା ଅଧିକ ମାତ୍ରାରେ ପ୍ରଭାବିତ କରିଥାଏ । ଦିଲ୍ଲୀରେ ମଧ୍ୟ ଏଭଳି ରୋଗୀ ଚିହ୍ନଟ ହୋଇଥିବା କୁହାଯାଉଛି ।

## କରୋନାରେ ଦେଶରେ ଗତ ୨୪ ଘଂଟାରେ ୩,୬୬,୧୬୧ ନୂଆ ମାମଲା



ନୂଆଦିଲ୍ଲୀ,୧୦/୦୫ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ ୩,୬୬,୧୬୧ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଏହି ସମୟ ମଧ୍ୟରେ ମୋଟ ୩,୭୫୪ ଜଣ କରୋନା ରୋଗୀ ପ୍ରାଣ ହରାଇଛନ୍ତି । ଏହା ସହିତ ଦେଶରେ କୋରୋନା ଆକ୍ରାନ୍ତଙ୍କ ସଂଖ୍ୟା :୨,୨୬,୬୨,୫୭୫ ପହଂଚିଛି । ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ସକ୍ରିୟ ରୋଗୀଙ୍କ ସଂଖ୍ୟା ୩୭,୪୫,୨୩୭ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ୨,୪୬,୧୧୬ ଜଣ ମୃତ୍ୟୁ ବରଣ କରିଛନ୍ତି ।

## କ୍ୟାବିନେଟ୍ ନିଷ୍ପତ୍ତି : ଟିକାକରଣ ପାଇଁ ହେବ ଗ୍ଲୋବାଲ ଟେଣ୍ଡର

### ଗଠନ ହେବ ବୈଷୟିକ କମିଟି, ୧୧ଟି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍‌ର ମଂଜୁରୀ

ନୂଆଦିଲ୍ଲୀ,୧୦/୦୫: ରାଜ୍ୟରେ ଟିକାକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ବିଭିନ୍ନ ପ୍ରମୁଖ କମ୍ପାନୀମାନଙ୍କଠାରୁ କୋଭିଡ୍ ଟିକା ସଂଗ୍ରହ ନିମନ୍ତେ ଗ୍ଲୋବାଲ ଟେଣ୍ଡର ଜାରି କରିବାକୁ ରାଜ୍ୟ କ୍ୟାବିନେଟ୍ ନିଷ୍ପତି ନେଇଛି । ରାଜ୍ୟ କ୍ୟାବିନେଟର ନିଷ୍ପତି ଅନୁସାରେ ଦେଶ-ବିଦେଶର ବିଭିନ୍ନ କଂପାନିରୁ ସରକାର ଟିକା ଆଣିବେ । ଟିକା ଉପରୁ ସମସ୍ତ ଟିକସ ଉଠାଇବା ପାଇଁ କେନ୍ଦ୍ରକୁ ଦାବି କରାଯିବ । ଟିକା ସଂଗ୍ରହ ପାଇଁ ଗ୍ଲୋବାଲ ଟେଣ୍ଡର ହେବ । ଗ୍ଲୋବାଲ ଟେଣ୍ଡର ପାଇଁ ବୈଷୟିକ କମିଟି ଗଠନ ହେବ । ଏହି କମିଟି ଟେଣ୍ଡର ବ୍ୟବସ୍ଥା ଉପରେ ବିଶଦ ଧ୍ୟାନଦେବ ବୋଲି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି । ସୋମବାର ଅପରାହ୍ନରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ କୋଭିଡ ପରିଚାଳନା ତଥା ରାଜ୍ୟରେ ସଂକ୍ରମଣ ରୋକିବା ପାଇଁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନିଆଯାଇଛି । ଏହା ବ୍ୟତୀତ ଜଳସମ୍ପଦ, ଶିଳ୍ପ, ବାଣିଜ୍ୟ ଏବଂ ପରିବହନ, ସାଧାରଣ ପ୍ରଶାସନ ଏବଂ ଜନ ଅଭିଯୋଗ, ଏବଂ ଗୃହ ବିଭାଗ ସହ ଜଡିତ ଅନ୍ୟ ୧୦ଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ମଧ୍ୟ ଗ୍ରହଣ କରାଯାଇଛି । କୋଭିଡ୍-୧୯ ବିରୁଦ୍ଧ ସଂଗ୍ରାମରେ କୋଭିଡ୍ ଯୋଦ୍ଧାମାନଙ୍କ ନିଷ୍ଠା ଓ ତ୍ୟାଗକୁ ପ୍ରଶଂସା କରିଛନ୍ତି ମୁଖ୍ୟମନ୍ତ୍ରୀ । ଏହାସହ ପରୀକ୍ଷଣ, ଚିହ୍ନଟକରଣ, ଟିକାକରଣ ଏବଂ ଲକ୍‌ଡାଉନ୍ ପରି ବିଭିନ୍ନ କୋଭିଡ୍ ପ୍ରତିରୋଧୀ ପଦକ୍ଷେପଗୁଡ଼ିକରେ ସହଯୋଗ କରିଥିବାରୁ ରାଜ୍ୟବାସୀଙ୍କୁ କୃତଜ୍ଞତା ଜଣାଇଛନ୍ତି । ବୈଠକର ନିଷ୍ପତି ସମ୍ପର୍କରେ ସୂଚନା ଦେଇ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର କହିଛନ୍ତି ଯେ ରୋଗର ଜଟିଳତା ହ୍ରାସ କରି ରୋଗୀର ଜୀବନ ରକ୍ଷା ଦିଗରେ ଟୀକାକରଣ ବହୁତ ଫଳପ୍ରଦ ହେଉଥିବା ଜଣାପଡିଛି । ଏହି ପରିପ୍ରେକ୍ଷୀରେ ଓଡ଼ିଶା ବାସୀ ଯେପରି ସୁବିଧା ରେ ଟୀକା ପାଇ ପାରିବେ ସେଥିପାଇଁ ବିଶ୍ୱର ବିଭିନ୍ନ ପ୍ରମୁଖ ଟାକା କମ୍ପାନୀରୁ ଟୀକା ସଗ୍ରହ ନିମନ୍ତେ

▶▶ପୃଷ୍ଠା ୭

## ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କଲେ ଡ. ହିମନ୍ତ



ଗୌହାଟୀ,୧୦/୦୫ (ନି.ପ୍ର): ଆସାମର ପଂଚଦଶ ମୁଖ୍ୟମନ୍ତ୍ରୀଭାବେ ବିଜେପି ବିଧାୟକ ଦଳର ନେତା ଡ. ହିମନ୍ତ ବିଶ୍ୱ ଶର୍ମା ସୋମବାର ଦିନ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଦ୍ୱିପହରକୁ ରାଜଧାନୀସ୍ଥିତ ଶ୍ରୀମନ୍ତ ଶଙ୍କରଦେବ କଳାକ୍ଷେତ୍ର ପରିସରରେ ଥିବା ଶ୍ରୀମନ୍ତ ଶଙ୍କରଦେବ ଆନ୍ତର୍ଜାତୀୟ ଅଡିଟୋରିୟମରେ ଶପଥ ଗ୍ରହଣ କରିବା ପରେ ମୁଖ୍ୟମନ୍ତ୍ରୀ ଡ. ଶର୍ମା ଜନତାଭବନସ୍ଥିତ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟକୁ ଯାଇ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିଥିଲେ । ଏହି ଅବସରରେ ଆସାମ ସରକାରଙ୍କର କେତେକ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ପୂର୍ବ କଳାକ୍ଷେତ୍ରରେ ଏକ ଭବ୍ୟ ସମାରୋହରେ ମୁଖ୍ୟମନ୍ତ୍ରୀ ରୂପେ ଡ. ଶର୍ମା ଶପଥ ନେଇଥିଲେ । ରାଜ୍ୟପାଳ ପ୍ର. ଜଗଦୀଶ ମୁଖୀ ମୁଖ୍ୟମନ୍ତ୍ରୀଙ୍କ ସହିତ ଅନ୍ୟ ୧୩ ଜଣ ବିଧାୟକଙ୍କ କ୍ୟାବିନେଟ ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରାଇଥିଲେ । ଏହି ଅବସରରେ ପୁରା ହଲ୍ ଲୋକମାନଙ୍କ ଗହଳି ହୋଇଥିଲା । ଶପଥ ଗ୍ରହଣ ସମାରୋହରେ କୋଭିଡ୍-୧୯ର ସମ୍ପୂର୍ଣ୍ଣଭାବେ

▶▶ପୃଷ୍ଠା ୭

## ଆଜିଠାରୁ ଏସପ୍ଲାନେଡ୍ ଭଳି ଆଉ ୩ ଟି ସ୍ଥାନରେ ଦିଆଯିବ ଦ୍ୱିତୀୟ ଡୋଜ୍ ଟିକା



ଭୁବନେଶ୍ୱର,୧୦/୦୫ (ନି.ପ୍ର): ଏସପ୍ଲାନେଡ୍ ମଲ୍ ରେ ଡ୍ରାଇଭ୍ ଇନ୍ କାର୍ଯ୍ୟକ୍ରମ ମାଧ୍ୟମରେ ଟିକାକରଣ ଯୋଜନା ସଫଳ ହେବା ପରେ ଭୁବନେଶ୍ୱର ମହାନଗର ନିଗମ ଆଉ ୩ ଟି ସ୍ଥାନରେ ଏଭଳି କାର୍ଯ୍ୟକ୍ରମ କରିବାକୁ ନିଷ୍ପତି ନେଇଛି । ଆସନ୍ତାକାଲି (ମଙ୍ଗଳବାର) ଠାରୁ କଳ୍ପନା ସ୍ଥିତ ଉତ୍କଳ କନିକା ଗ୍ୟାଲେରିଆ ମଲ୍ ର ପାର୍କିଂ ଲଟ୍ , ରୁଦ୍ରପୁର ଠାରେ ଥିବା ସିମ୍ଫୋନି ମଲ୍ ର ପାର୍କିଂ ଲଟ୍ ଓ ପଟିଆ ଠାରେ ଥିବା କିଟ୍ ବିଶ୍ୱ ବିଦ୍ୟାଳୟର କ୍ରିକେଟ୍ ଷ୍ଟାଡିୟମ୍ ରେ ଏହି ଯୋଜନାରେ ଟିକା ଦିଆଯିବ । କେବଳ ୪୫ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କଙ୍କୁ ଟିକାର ଦ୍ୱିତୀୟ ଡୋଜ୍ ଦିଆଯିବ । ୧୧ ମଇଠାରୁ ୧୫ ମଇ ପର୍ଯ୍ୟନ୍ତ ଏହି ସ୍ଥାନରେ ଟିକାକରଣ ହେବଏବଂ ପ୍ରତ୍ୟେକ ସ୍ଥାନ ପାଇଁ ପ୍ରତ୍ୟେହ ୩୦୦ ଟି ସ୍ଲଟ୍ ର ବ୍ୟବସ୍ଥା କରାଯାଇଥିବା ବିଏମସି ପକ୍ଷରୁ ସୂଚନା ଦିଆଯାଇଛି । ସୋମବାର ସଂଧ୍ୟା ୬ଟାରୁ ସ୍ଲଟ୍ ବୁକିଂ ଆରମ୍ଭ ହୋଇଛି । ବିଏମସିର ସୂଚନା ଅନୁଯାୟୀ

▶▶ପୃଷ୍ଠା ୭

## କରୋନାରୁ ସୁସ୍ଥ ହେବା ପରେ ଶରୀରରେ ବୃଦ୍ଧି ପାଉଛି ପ୍ରତିରୋଧ ଶକ୍ତି

ଭୁବନେଶ୍ୱର,୧୦/୦୫(ନି.ପ୍ର): ଥରେ କରୋନାରେ ସଂକ୍ରମିତ ହେଲେ, ରୋଗୀଙ୍କ ଶରୀରରେ ତିଆରି ହେଉଥିବା ଆଂଟିବଡି ବା ପ୍ରତିରୋଧ ଶକ୍ତି କରୋନା ବିରୋଧରେ ବୃଦ୍ଧି ପାଉଛି । ଦେଶର ସର୍ବୋଚ୍ଚ ଭେଷଜ ଗବେଷଣା ସଂସ୍ଥା ଆଇସିଏମଆର ଦ୍ୱାରା ପରିଚାଳିତ ଭୁବନେଶ୍ୱର ଆରଏମଆରସି ପକ୍ଷରୁ ହୋଇଥିବା ଅଧ୍ୟୟନରୁ ଏହା ଜଣାପଡିଛି । କିଛି ସ୍ୱାସ୍ଥ୍ୟକର୍ମୀ ଓ ଆଗଧାଡିର କରୋନା ଯୋଦ୍ଧାଙ୍କୁ ନେଇ ଏହି ଅଧ୍ୟୟନ କରାଯାଇଥିବା

▶▶ପୃଷ୍ଠା ୭

## ଟିକା ଆସିଲେ ଘରୋଇ ହସ୍ପିଟାଲକୁ ଦିଆଯିବ

ଭୁବନେଶ୍ୱର,୧୦/୦୫ (ନି.ପ୍ର): ଆଉ ଟିକା ଆସିଲେ ଘରୋଇ ହସ୍ପିଟାଲ ଗୁଡିକୁ ଦିଆଯିବ ବୋଲି କହିଛନ୍ତି ଭୁବନେଶ୍ୱର ମହାନଗର ନିଗମ (ବିଏମସି) କମିଶନର ପ୍ରେମ୍ ଚନ୍ଦ୍ର ଚୌଧୁରୀ । ଟିକାକରଣ ପାଇଁ ଭୁବନେଶ୍ୱରରେ ୩୧ ଟି ଘରୋଇ ହସ୍ପିଟାଲ ଚିହ୍ନଟ କରାଯାଇଥିଲା । ଏପର୍ଯ୍ୟନ୍ତ କୌଣସି ଘରୋଇ ହସ୍ପିଟାଲକୁ ଟିକା ଦିଆଯାଇନାହିଁ । ଆମ ପାଖକୁ ୧.୫ ଲକ୍ଷ ଟିକା ଆସିଥିଲା ଏବଂ ସେଥିପାଇଁ ସ୍ଲଟ୍ ବୁକିଂ ହୋଇସାରିଛି ।୧୯ ପର୍ଯ୍ୟନ୍ତ ସ୍ଲଟ୍ ବୁକିଂ ହୋଇସାରିଥିବାରୁ ତାକୁ କ୍ୟାନସେଲ କରାଯାଇପାରିବନି । ଆଉ ଅଧିକ ଟିକା ଆସିଲେ ଘରୋଇ ହସ୍ପିଟାଲକୁ ଦିଆଯିବା ବ୍ୟବସ୍ଥା କରାଯିବ । ଅପରପକ୍ଷରେ ଏସପ୍ଲାନେଡ୍ ମଲ୍ ପରି ଆଉ ୩ଟି ସ୍ଥାନ ବିଏମସି ନିର୍ଦ୍ଧାରଣ କରିଛି ।

## ଇସ୍ପାତ୍ ମନ୍ତ୍ରଣାଳୟ ଓ ଷ୍ଟିଲ୍ ପିଏସୟୁର ଅଫିସରମାନଙ୍କ ସହ କେନ୍ଦ୍ରମନ୍ତ୍ରୀଙ୍କ ବୈଠକ



ନୂଆଦିଲ୍ଲୀ/ଭୁବନେଶ୍ୱର,୧୦/୦୫ (ନି.ପ୍ର): କୋଭିଡ-୧୯ର ସଂକଟ ସମୟରେ ଦେଶରେ ଇସ୍ପାତ୍ କାରଖାନା ଦ୍ୱାରା ଉତ୍ପାଦିତ ଲିକୁଇଡ୍ ମେଡ଼ିକାଲ ଅକ୍ସିଜେନ(ଏଲଏମଓ)ର ଯୋଗାଣ ଓ ଲୋକଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ନିଆଯାଉଥିବା ପଦକ୍ଷେପ ନେଇ ସୋମବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଇସ୍ପାତ୍ ମନ୍ତ୍ରଣାଳୟ ଓ ଷ୍ଟିଲ ରାଷ୍ଟ୍ରାୟତ ଉଦ୍ୟୋଗ(ପିଏସୟୁ) ଗୁଡ଼ିକର ଅଫିସର ମାନଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଇସ୍ପାତ୍ ମନ୍ତ୍ରଣାଳୟ ଓ ଷ୍ଟିଲ୍ ରାଷ୍ଟ୍ରାୟତ ଉଦ୍ୟୋଗ ଗୁଡ଼ିକର ଅଫିସର ମାନଙ୍କ ସହ ଇସ୍ପାତ୍ ପ୍ଲାଂଟ୍ ଦ୍ୱାରା ଉତ୍ପାଦନ ହେଉଥିବା ଲିକୁଇଡ୍ ମେଡ଼ିକାଲ ଅକ୍ସିଜେନର ଯୋଗାଣ ନେଇ କେନ୍ଦ୍ରମନ୍ତ୍ରୀ ସମୀକ୍ଷା କରିଛନ୍ତି । ଏହାସହ ଇସ୍ପାତ୍ ପ୍ଲାଂଟ୍ ଦ୍ୱାରା ସ୍ୱାସ୍ଥ୍ୟସେବା ଭିତିଭୂମିକୁ ବୃଦ୍ଧି କରିବା ପାଇଁ

▶▶ପୃଷ୍ଠା ୭

## ଗୋଟିଏ ଦିନରେ ୧୦୦୩୧ କରୋନା ଆକ୍ରାନ୍ତ ଚିହ୍ନଟ



ଭୁବନେଶ୍ୱର,୧୦/୦୫ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୦୦୩୧ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୫୪୪୮୭୩ କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୪୪୭୮୬୩ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୯୪୭୬୦ ରହିଛି । ଆଜି ଚିହ୍ନଟ ହୋଇଥିବା ୧୦୦୩୧ ଜଣଙ୍କ ମଧ୍ୟରୁ ୬୬୨୩ ଜଣ ସଂଗରୋଧରୁ ହୋଇଥିବା ବେଳେ ୩୪୦୮ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୧୩୨୯ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୪୫୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୨୩୦ ଜଣ, ବରଗଡ଼ରୁ

▶▶ପୃଷ୍ଠା ୭

## ଟିକା ନେବାକୁ ଆସି ଘରକୁ କରୋନା ନେବେନି ତ ?



ଭୁବନେଶ୍ୱର,୧୦/୦୫(ନି.ପ୍ର): ଦୁଇ ଦିନର ସଟଡାଉନ୍ ପରେ ରାଜ୍ୟର ବିଭିନ୍ନ ଟିକାକରଣରେ ଆଜି ଭିଡ ଦେଖିବାକୁ ମିଳିଛି । କରୋନା ନିଜକୁ ସୁରକ୍ଷିତ ରଖିବା ଓ ଟିକା ନେବା ପାଇଁ ଲୋକଙ୍କ ମଧ୍ୟରେ ବଢିଥିବା ସଚେତନତା ଏହି ଭିଡ ଜୁଟାଇଛି । ଟିକାକରଣର ଅବ୍ୟବସ୍ଥା ସତ୍ତ୍ୱେ ଟିକା ନେବାକୁ ଲୋକଙ୍କ ଆଗ୍ରହ, ଉତ୍ସାହ, କରୋନା ବିରୋଧୀ ଲଢେଇ ପାଇଁ ଏକ ସକରାତ୍ମକ ବାର୍ତ୍ତା ଦେଉଛି । ଉପାନ୍ତରୁ ଉପକୂଳ, ସୀମାନ୍ତରୁ କେନ୍ଦ୍ରସ୍ଥଳ ସବୁସ୍ଥାନରେ ଟିକାକେନ୍ଦ୍ର ଆଗରେ ଲୋକଙ୍କ

▶▶ପୃଷ୍ଠା ୭

# କମ୍ରେଡ ପ୍ରଭାତଙ୍କ ପତ୍ନୀ ପାଗଳି ଅବସ୍ଥାରେ ସୁରକ୍ଷା ମାଗିବାରୁ ପୁଲିସ କହିଲା କୋଭିଡ ସମୟ ଆମେ ଏସବୁକୁ ସମୟ ଦେଇ ପାରିବୁ ନାହିଁ

ରାଉରକେଲା, ୧୦/୫ (ନି.ପ୍ର): ରାଉରକେଲାର ଶ୍ରମିକ ନେତା ପ୍ରଭାତ ମିଶ୍ର କରୋନାରେ ଦେହତ୍ୟାଗ କଲା ପରେ ଏକଦା ସରକାରୀ ଚାକିରୀ କରୁଥିବା ତାଙ୍କ ପତ୍ନୀ କବିତା ମହାପାତ୍ରଙ୍କୁ ତାଙ୍କ ଭାଇ ଓ ପରିବାର ଲୋକେ ପାଗଳି ଅବସ୍ଥାରେ ପାଇବା ପରେ ତାଙ୍କର ସୁରକ୍ଷା ଲାଗି ସାନ ଭଉଣୀ କବିତାଙ୍କ ପାଖରେ ରହି ତାଙ୍କୁ ସେବା କରୁଛନ୍ତି । ସେହି ଘରେ ଏକଦା ପ୍ରଭାତଙ୍କର ଗାଡିଚାଳକ ହୋଇ ଥିବା ଶଙ୍କର ଓ ତାର ସହଯୋଗୀ ସ୍ୱର୍ଗତ ପ୍ରଭାତଙ୍କ ପତ୍ନୀ ଓ ତାଙ୍କୁ ସେବା କରୁଥିବା ଲୋକଙ୍କୁ ନାନା ପ୍ରକାର ହଇରାଣ କରିବା, ଏଟିଏମ କାର୍ଡ ଦଖଲ କରିନେବା ଆଦି ଘଟଣାରେ କବିତାଙ୍କ ଭାଇ ଆଜି ପୁଲିସର ଧ୍ୟାନ ଆକର୍ଷଣ କରିବାରୁ ପୁଲିସ କହିଲା କୋଭିଡ ସମୟ ଆମକୁ ସମୟ ନାହିଁ । ଆପଣ ମାନେ କୋର୍ଟରେ ମାମଲା କରନ୍ତୁ । ବାଡା ପିଟା ହେଲେ ଆମେ ବାନ୍ଧିକି ପଠାଇପାରିବୁ । ନିକଟରେ ପ୍ରଭାତ ବାବୁଙ୍କର ଦେହାନ୍ତ ହେବା ପରେ ତାଙ୍କ ପତ୍ନୀଙ୍କ ଭଉଣୀ ସେଠାରେ ପହଁଚି ତାଙ୍କର ଦେଖାରେଖା କରୁଛନ୍ତି । ସେଠାରେ ଥିବା ଗାଡି ଚାଳକ ସେହି ଘରେ ନାନା ପ୍ରକାର ବିଶୃଙ୍ଖଳା ସୃଷ୍ଟି କରିବା ସହ ଏଟିଏମ କାର୍ଡ, କାର, ସ୍କୁଟର ଆଦି ସହ ଘରୁ ନାନା ପ୍ରକାର ସାମଗ୍ରୀ କେଉଁ ଆଡେ କାହାକୁ ସବୁ ଦେଇ ଦେଉଛି ଓ ସେଥିରେ କିଛି ଅସାମାଜିକ ବ୍ୟକ୍ତି ମଧ ତାକୁ ସହଯୋଗ କରୁଛନ୍ତି । ତେଣୁ ପାଗଳି ଭଉଣୀର ଚିକିତ୍ସା ଲାଗି ଚାହୁଁଥିବା ଭାଇ ଯେତେ ଚାହିଁଲେ ମଧ ସମ୍ଭବ ହୋଇପାରୁନାହିଁ, ତେଣୁ ସ୍ଥାନୀୟ ପୁଲିସକୁ ଏସବୁ ଲିଖିତ ଆକାରରେ ଦେଇ ସାହାଜ୍ୟ ମାଗିବାରୁ ଆଜି ଥାନା ପୋଲିସ ଓ ଏସଡିପିଓ କହିଲେ କୋଭିଡ ସମୟ ଆମେ ଏସବୁକୁ ସମୟ ଦେଇ ପାରିବୁ ନାହିଁ । ଥାନା ଅଧିକାରୀ କହିଲେ ଆପଣ ନିଜ ଭଉଣୀକୁ ଚିକିତ୍ସା ଲାଗି ନେଇ ପାରିବେ । ଡ୍ରାଇଭର ତାର ସାମଗ୍ରୀ ଧରି ସେଠାରୁ ଚାଲିଜିବ ତାକୁ ସହଯୋଗ କରିବେ, କିନ୍ତୁ ସେ ଘରୁ କଣ ନେବ ନନେବ ତାର କଣ ଥିଲା ନଥିଲା ସେ ନେଇ କିଛି ସମାଧାନ ହେଲା ନାହିଁ । ସେ ମନ ଇଚ୍ଛା ସେ ଘରୁ ସାମଗ୍ରୀ ଓ ଆସବାବପତ୍ର ନେବା ଆରମ୍ଭ କରିଛି । ଅନ୍ୟପକ୍ଷରେ ଏହି ଏତଲାରେ ଲେଖାଯାଇଥିବା ଗୁରତର ଅଭିଯୋଗ ଓ କବିତାଙ୍କୁ କିଏ ଏଭଳି ପାଗଳି କଲା ସେ ନେଇ ପୁଲିସ କୌଣସି ନଜର ଦେଇ ନଥଲା । ବରଂ ଏତଲାରେ ମୁଖ୍ୟ ଅଭିଯୁକ୍ତ ଭାବେ ଦର୍ଶାଯାଇଥିବା ଗାଡି ଚାଳକ କିଭଳି ଖସି ଯିବ ତାକୁ ସୁଯୋଗ ଦିଆଯାଇଥିବା ଅଭିଯୋଗ ହୋଇଛି । ବର୍ତମାନ ପ୍ରଶ୍ନ ଉଠୁଛି ସ୍ୱର୍ଗତ ପ୍ରଭାତ ବାବୁଙ୍କ ପତ୍ନୀଙ୍କୁ ବିଗତ ଏକ ବର୍ଷ ଭିତରେ କିଏ ଏଭଳି ପାଗଳି କଲା, ସେ ପୁବର୍ରୁ ସଠିକ କଥା ହେଉଥିଲେ,ତାଙ୍କୁ ହାଇଦ୍ରାବାଦ ନେଇ ବ୍ରେନ ମ୍ୟାପିଙ୍ଗ କରାଇ ସକାଳୁ ସଂଧ୍ୟା ଯାଏଁ ଶୋଇ ରହିବା ଲାଗି କିଏ ବଟିକା ଦେଉଥିଲା,ଏସବୁ ପଛରେ କାହାର ହାତ ଥିଲା, କାର୍, ସ୍କୁଟି କିଏ ନେଲା, ଏଟିଏମ କାର୍ଡ ଗଲା କୁଆଡେ, ପାଗଳି ପତ୍ନୀ ପାଉଥିବା ପେନସନ ଆଦିକୁ କିଏ ଲୁଟୁଛି । ସେ ସବୁ ନେଇ ପୁଲିସ କିଛି ବୁଝିବାକୁ ଚେଷ୍ଟା କଲାନି । ଶେଷ ଖବର ଅନୁଶାରେ ସମ୍ପୃକ୍ତ ଅଭିଯୁକ୍ତ ଡ୍ରାଇଭର ସେହି ଘରେ ୨ଟି ରୁମରେ ତାଲା ପକାଇ ନିଜ ରୁମରେ ରଖିଥିବା ସାମଗ୍ରୀ ଗୁଡିକୁ ଧରି ଚାଲିଯାଇଛି । ବର୍ତମାନ ପେନସନ ପାଉଥିବା ଓ ଅବସର ନେବା ପରେ ପାଇଥିବା ଅର୍ଥ ସମ୍ପର୍କରେ କିଛି ଜାଣି ନପାରି ପାଗଳ ହୋଇଥିବା ଏହି ମହିଳାଙ୍କର ଚିକିତ୍ସା କିଭଳି ହେବ ତାହା ବଡ ପ୍ରଶ୍ନ ହୋଇ ଠିଆ ହୋଇଛି । ରାଜ୍ୟ ସରକାର ଓ ପ୍ରଭାତ ବାବୁଙ୍କ ଦଳର ନେତା ମାନେ ମଧ ବିଚାର କରନ୍ତୁ ଏହା କିଭଳି ନ୍ୟାୟ ସ୍ୱର୍ଗତ ପ୍ରଭାତ ବାବୁଙ୍କ ପରିବାର ପକ୍ଷରୁ ଏନେଇ କୌଣସି ସହଯୋଗ କରାଗଲା ନାହିଁ, ପୁଲିସି ମଧ କହିଲା ସମୟ ନାହିଁ । ଏ ସମ୍ପର୍କରେ ପୁଲିସ ଏସପି, ଡିଜି ପୁଲିସକୁ ମଧ ଜଣାଯାଇଛି , ତେଣୁ ଉପରିସ୍ଥ ଅଧିକାରୀ ମାନେ କିଭଳି ଓ କେବେ ନ୍ୟାୟ ଦେଉଛନ୍ତି ତାକୁ ଏହି ଅବହେଳିତ ମହିଳା ଓ ତାଙ୍କର ସେବା କରୁଥିବା ଲୋକେ ଚାହିଁ ବସିଛନ୍ତି ।

# କୋଭିଡ୍ ନିୟମ ଉଲ୍ଲଙ୍ଘନ ଅଭିଯୋଗ : ୧୪ ଦୋକାନ ସିଲ୍

ଗଞ୍ଜାମ, ୧୦/୫ (ନି.ପ୍ର): ଗଞ୍ଜାମ ପୋଲିସ ଜିଲ୍ଲା ଓ ବ୍ରହ୍ମପୁର ପୋଲିସ ଜିଲ୍ଲା ପକ୍ଷରୁ କୋଭିଡ୍ ନିୟମ ଉଲ୍ଲଙ୍ଘନ ନେଇ ୧୪ ଟି ଦୋକାନକୁ ସିଲ୍ କରାଯାଇଛି । ଗଞ୍ଜାମ ପୋଲିସ ପକ୍ଷରୁ ଅମାନିଆଙ୍କ ଠାରୁ ଜୋରିମାନା ବାବଦରେ ୨ ଲକ୍ଷ ୩୬ ହଜାର ୫୦୦ ଟଙ୍କା ଜୋରିମାନା ଆଦାୟ କରାଯାଇଛି । ଏଥି ସହ ନାଇଟ୍ କର୍ଫ୍ୟୁ ଉଲ୍ଲଙ୍ଘନ ନେଇ ଗୋଟିଏ ଦୋକାନକୁ ସିଲ୍ କରାଯାଇଛି । ୮ଟି ଅବକାରୀ ମାମଲା ରୁଜୁ କରାଯିବା ସହ ୧୮.୨ ଲିଟର ଚୋରାମଦ ଜବତ କରାଯାଇଛି । ଏବଂ ମାମଲାରେ ୮ ଜଣଙ୍କୁ ଗିରଫ କରାଯାଇଛି । ସେହିପରି ବ୍ରହ୍ମପୁର ପୋଲିସ ଜିଲ୍ଲା ପକ୍ଷରୁ ନିୟମ ଉଲ୍ଲଙ୍ଘନକାରୀଙ୍କ ଠାରୁ ଗତ ୨୪ ଘଂଟା ମଧ୍ୟରେ ୧ ଲକ୍ଷ ୩୩ ହଜାର ୬୦୦ ଟଙ୍କା ଜୋରିମାନା ଅଦାୟ କରାଯାଇଛି । ୧୯୧ ଜଣଙ୍କ ଗାଡ଼ିର ଚାଲାଣ କଟାଯାଇଥିବା ବେଳେ ନାଇଟ୍ କର୍ଫ୍ୟୁ ଉଲ୍ଲଙ୍ଘନ ନେଇ ୮ଟି ମାମଲା, ସାମାଜିକ ଦୂରତା ଉଲ୍ଲଙ୍ଘନ ନେଇ ୧୭ଟି ମାମଲା ରୁଜୁ ହୋଇଛି । ଏହା ବ୍ୟତୀତ କୋଭିଡ୍ କଟକଣା ଉଲ୍ଲଙ୍ଘନ ଅଭିଯୋଗରେ ୧୩ଟି ଦୋକାନକୁ ସିଲ୍ କରାଯାଇଛି ।

# ମାଲବାହୀ ଟ୍ରେନ୍ ଧକ୍କାରେ ଗୁରୁତର ଥିବା ଦନ୍ତାର ମୃତ୍ୟୁ ଘଟିଲା: ବ୍ୟବଚ୍ଛେଦ ପରେ ପୋତାଗଲା

ହରିଚନ୍ଦନପୁର, ୧୦/୫ (ନି.ପ୍ର): କେନ୍ଦୁଝର ଜିଲ୍ଲା ଦେଓଗାଁ ରେଞ୍ଜ ଶଗଡପଟା ନିକଟସ୍ଥ ବାଘୁଆ ନାଳ ନିକଟରେ ମାଲବାହୀ ଟ୍ରେନ ଧକ୍କାରେ ଗୁରୁତର ଥିବା ଦନ୍ତାର ମୃତ୍ୟୁ ଘଟିଛି । ମିଳିଥିବା ଖବର ଅନୁଯାୟୀ ଶନିବାର ସନ୍ଧ୍ୟା ପ୍ରାୟ ୮.୩୦ ମିନିଟ୍ ସମୟରେ ରେଳ ଧାରଣା ପାର ହେଉଥିବା ବେଳେ ଏହି ଘଟଣା ଘଟିଛି । ମାଲବାହୀ ଖାଲି ଟ୍ରେନଟି ଟାଙ୍ଗିରିଆପାଳ ଷ୍ଟେସନରୁ କେନ୍ଦୁଝର ଅଭିମୁଖେ ଯାଉଥିବା ବେଳେ ବାଘୁଆ ନାଳ ନିକଟସ୍ଥ ହାତୀ ଯାତାୟତ ପଥରେ ଏହି ଘଟଣାଟି ଘଟିଥିବା ଜଣାପଡିଛି । ଟ୍ରେନ୍ ଧକ୍କା ଦେବା ଫଳରେ ଅଣ୍ଡିରା ଦନ୍ତା ହାତୀଟି ଧାରଣା ନିକଟରେ ଗୁରୁତର ଅବସ୍ଥାରେ ପଡ଼ି ଛଟପଟ ହୋଉଥିଲା । ଘଟଣାର ଖବର ପାଇ ଆନନ୍ଦପୁର ଡିଏଫ୍ଓ ଓ ଦେଓଗାଁ ରେଞ୍ଜର ସହ ଅନ୍ୟ କର୍ମଚାରୀ ଘଟଣାସ୍ଥଳରେ ପହଂଚି ଗୁରୁତର ଦନ୍ତାର ଚିକିତ୍ସା ଚଳାଇଥିଲେ । ହେଲେ ହାତୀର ପଛ ପାଖ ସହ ପେଟରେ ଗଭୀର ଆଘାତ ଲାଗିଥିବା ନେଇ ଛିଡ଼ା ହେବାର ସକ୍ଷମ ନହୋଇ ରବିବାର ଦିନ ୨.୨୫ ମିନିଟ୍ ସମୟରେ ସେଠାରେ ମୃତ୍ୟୁ ଘଟିଛି । ହାତୀ ଯାତାୟତ ପଥରେ ବନବିଭାଗ ପକ୍ଷରୁ ଲଗାଯାଇଥିବା ସୂଚନା ଫଳକରେ ବଡ଼ବଡ଼ ଅକ୍ଷରରେ ସୂଚିତ ଟ୍ରେନର ଗତି ଧିର କରନ୍ତୁ ଓ ହର୍ଣ୍ଣ ବଜାନ୍ତୁ । ହେଲେ ସୂଚିତ ସୂଚନା ଫଳକ ଥାଇ ମଧ କିଭଳି ଭାବେ ଉକ୍ତ ଚଲାପଥରେ ଟ୍ରେନ ଧକ୍କାରେ ଗୋଟିଏ ନିରିହ ହାତୀର ମୃତ୍ୟୁ ଘଟିଲା । ତାହାକୁ ନେଇ ବନ୍ୟଜନ୍ତୁଙ୍କ ସୁରକ୍ଷା ଉପରେ ଜନ ସାଧାରଣରେ ଉଠୁଛି ବଡ଼ ପ୍ରଶ୍ନ । ମୃତ ହାତୀର ବ୍ୟବଚ୍ଛେଦ ପରେ ସେଠାରେ ମେସିନ ସାହାଯ୍ୟରେ ଏକ ଗାତ ଖୋଳାଯାଇ ସେଠାରେ ପୋତା ଯାଇଥିବା ବନବିଭାଗ ପକ୍ଷରୁ ସୂଚନା ମିଳିଛି ।

## ୨ଟି ଘଟଣାରେ ପୋଖରୀରେ ବୁଡ଼ି ମା ଓ ଝିଅ ସହ ୩ ମୃତ

ଜୟପୁର, ୧୦/୫ (ନି.ପ୍ର): କୋରାପୁଟ ଜିଲ୍ଲାରେ ୨୪ ଘଂଟା ଭିତରେ ୨ଟି ଘଟଣାରେ ୩ ଜଣ ମୃତ୍ୟୁବରଣ କରିଥିବା ଘଟଣା ଜିଲଲାରେ ଚହଳ ସୃଷ୍ଟି କରିଛି । ବୈପାରୀଗୁଡ଼ାରେ ଘଟିଛି ଅଭାବନୀୟ ଘଟଣା । ପୋଖରୀରେ ବୁଡ଼ି ମା ଓ ଝିଆର ମୃତ୍ୟୁ ହୋଇଥିବା ଘଟଣା ଦେଖିବାକୁ ମିଳିଛି ରାମଗିରି ଫାଣ୍ଡି ଅନ୍ତର୍ଗତ ପୁରୁଣା ପାଣି ଗ୍ରାମରେ । ମୃତ ୨ ଜଣ ଉକ୍ତ ଗ୍ରାମର ଭଗତ ଚାଲାଣଙ୍କ ୩୦ ବର୍ଷୀୟ ସ୍ତ୍ରୀ ଚଂଚଳା ଚାଲାଣ ଓ ୧୧ ବର୍ଷୀୟ ଝିଅ ସାନମତି ଚାଲାଣ ବୋଲି ଜଣାପଡ଼ିଛି । ପରିବାର ଲୋକଙ୍କ କହିବା ଅନୁଯାୟୀ ଗତ କାଲି ସନ୍ଧ୍ୟାରେ ଭଗତଙ୍କ ସ୍ତ୍ରୀ ଓ ଝିଅ ବାସନ ମାଜିବା ପାଇଁ ଗାଁ ନିକଟରେ ଥିବା ପୋଖରୀକୁ ଯାଇଥିଲେ । ହେଲେ ଝିଅଟି ଖେଳୁଥିବା ବେଳେ ପୋଖରୀରେ ବୁଡ଼ିଯାଉଥିବା ବେଳେ ମା ଝିଅକୁ ଉଦ୍ଧାର କରିବାକୁ ଯାଇ ଗଭୀର ପାଣିରେ ଉଭୟ ମା ଓ ଝିଅ ବୁଡ଼ିଯାଇଥିଲେ । ଯାହାଫଳରେ ଉଭୟ ମା ଓ ଝିଅଙ୍କ ମୃତ୍ୟୁ ଘଟିଛି । ସ୍ଥାନୀୟ ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଂଚିଥିଲେ । ପୋଲିସ ଓ ଅଗ୍ନିଶମ ବିଭାଗ ଦ୍ୱାରା ମୃତ ମା ଓ ଝିଅକୁ ଉଦ୍ଧାର କରାଯାଇଛି । ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଜଣାପଡ଼ିଛି । ସେହିପରି କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ୍ ଚଣାବାଡ଼ ଗାଁରେ ଅଭାବନୀୟ ଘଟଣା ଘଟିଛି । ଅସାବଧାନତା ଯୋଗୁଁ ଚେକ୍ ଡ୍ୟାମରେ ବୁଡ଼ି ୩ ବର୍ଷର ଶିଶୁପୁତ୍ରର ପ୍ରାଣ ଯାଇଛି । ଦଶମନ୍ତପୁର ପୋଲିସ ଘଟଣାସ୍ଥଳରେ ପହଂଚି ଶବକୁ ଜବତ କରି ତଦନ୍ତ ଚଳାଇଛି । ଏହି ଘଟଣା ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳାଇ ଦେଇଛି ।

# କମ୍ପ୍ୟୁଟର ପ୍ରଶିକ୍ଷକ ଜ୍ୟୋତିର୍ମୟ ଖାଡଙ୍ଗାଙ୍କ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ

କନ୍ଧମାଳ, ୧୦/୫ (ନି.ପ୍ର): କନ୍ଧମାଳ ଜିଲ୍ଲାରେ କୋଭିଡର ଦ୍ୱିତୀୟ ଲହରୀରେ ୨୫ ଜଣରୁ ଅଧିକ ସଂକ୍ରମିତଙ୍କ ମୃତ୍ୟୁ ହୋଇଛି । ଏହି ସୂଚନା ବିଭିନ୍ନ ଅଂଚଳରୁ ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି । ତେବେ ଏହି ସୂଚନାକୁ ନିୟମିତ ଭାବରେ କୋଭିଡ ସଂକ୍ରମିତ ଏବଂ ସୁସ୍ଥ ହୋଇ ଘରକୁ ଫେରୁଥିବା ରୋଗୀଙ୍କ ସଂଖ୍ୟାର ସୂଚନା ସମେତ ଗଣମାଧ୍ୟମକୁ କିମ୍ବା ସାଧାରଣରେ ପ୍ରକାଶ କରାଯାଉନାହିଁ । ପୁର୍ବରୁ ଜିଲ୍ଲାର ବାଲିଗୁଡା, କ.ନୁଆଗାଁ, ଦାରିଙ୍ଗବାଡି ଭଳି ଅନେକ ଯାଗାରେ ସଂକ୍ରମିତଙ୍କ ମୃତ୍ୟୁ ହୋଇଛି । ଏହି ସୂଚନାକୁ ମଧ୍ୟ ଲୋକଲୋଚନକୁ ଅଣାଯାଉନାହିଁ । ସେହିପରି ଗତ ୨୫ ତାରିଖରେ ଫୁଲବାଣୀ ବସଷ୍ଟାଣ୍ଡ ନିକଟରେ ରହୁଥିବା ଜ୍ୟୋତିର୍ମୟ ଖାଡଙ୍ଗା ନାମକ ଫୁଲବାଣୀ ବିପିଆଇଟି ରେ କାର୍ଯ୍ୟରତ ଥିବା ଜଣେ କମ୍ପ୍ୟୁଟର ପ୍ରଶିକ୍ଷକ କୋଭିଡ ସଂକ୍ରମିତ ହୋଇ ଫୁଲବାଣୀ କୋଭିଡ ହସପିଟାଲରେ ଭର୍ତି ହୋଇ ଚିକିତ୍ସିତ ହେଉଥିଲେ । ଗତ କିଛି ଦିନ ହେଲା ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଭଲ ନଥିଲା । ତେଣୁ ତାଙ୍କୁ ଶନିବାର ଅପରାହ୍ନ ୩ଟା ବେଳେ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଥିଲା । ଆଜି ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ଆଜି ସକାଳେ ଦେହାନ୍ତ ହୋଇଥିବା ନେଇ ତାଙ୍କ ପରିବାର ଲୋକଙ୍କଠାରୁ ଜଣାପଡିଛି ତାଙ୍କୁ ୪୬ ବର୍ଷ ବୟଷ ହୋଇଥିଲା । ତାଙ୍କର ଗୋଟିଏ ୧୨ ବର୍ଷର ପୁଅ ଏବଂ ସ୍ତ୍ରୀ ଅଛନ୍ତି । ଜ୍ୟୋତିର୍ମୟ ଜଣେ ଶାନ୍ତ ସ୍ୱଭାବର ସରଳ ଓ ଧର୍ମ ପରାୟଣ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ଜଣେ ଉତମ କମ୍ପ୍ୟୁଟର ପ୍ରଶିକ୍ଷକ ଭାବରେ ତାଙ୍କର ଫୁଲବାଣୀରେ ଖ୍ୟାତି ଥିଲା । ତାଙ୍କର ଦେହାନ୍ତରେ ତାଙ୍କ ପରିବାର ବର୍ଗଙ୍କ ସମେତ ସହକର୍ମୀ, ଛାତ୍ରଛାତ୍ରୀ ଏବଂ ବନ୍ଧୁବର୍ଗଙ୍କ ମହଲରେ ଶୋକର ଛାୟା ଖେଳି ଯାଇଛି । ଆଜି ଅପରାହ୍ନରେ ଭୁବନେଶ୍ୱରଠାରେ ତାଙ୍କର ଅନ୍ତେଷ୍ଟି କ୍ରିୟା ସମ୍ପର୍ଣ୍ଣ ହୋଇଥିବା ଜଣପଡିଛି ।

# ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଦୃଷ୍ଟିହୀନମାନଙ୍କୁ ଖାଦ୍ୟ ପ୍ରଦାନ

ଧର୍ମଶାଳା, ୧୦/୫ (ନି.ପ୍ର): କେରାନା ସଂକ୍ରମଣରେ ରୋକ ଲାଗୁ ନାହିଁ । ଫଳରେ ଲକ ଡାଇନ ସହ ସପ୍ତାହନ୍ତ ସଟ ଡାଉନ ଜାରି ରହିଛି । ଯାହାକୁ ନେଇ ଦୃଷ୍ଟିହୀନ ବ୍ୟକ୍ତମାନଙ୍କ ଉପରେ ପ୍ରଭାବ ପଡିଛି । ଏହି ସମୟରେ ସେମାନଙ୍କ ଖାଦ୍ୟ ପେୟରେ ନାନା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି । ଏହି ସମୟରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେମାନଙ୍କ ସହଯୋଗର ହାତ ବଢାଇ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି । ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପର ଜିଲା ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ । ଏହି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଂଟିଆକଣ ବିଦ୍ୟାଳୟରେ ୨୬ ଜଣ ଦୃଷ୍ଟିହୀନ ବ୍ୟକ୍ତି ଲକ ଡାଉନ ସମୟରେ ଆଶ୍ରୟ ନେଇଛନ୍ତି । ସେମାନଙ୍କ ଖାଦ୍ୟ ପେୟରେ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହୋଇଛନ୍ତି । ସେମାନଙ୍କୁ ସହଯୋଗର ହାତବଢାଇଛନ୍ତି ଧର୍ମଶାଳା ଅଂଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଅଂଶୁମାନ ମେମୋରିଆଲ ଟ୍ରଷ୍ଟର ସମ୍ପାଦକ ହିମାଂଶୁ ଶେଖର ସାହୁଙ୍କ ନିର୍ଦ୍ଦେଶ କ୍ରମେ ସେମାନଙ୍କୁ ଅତ୍ୟାବଶ୍ୟକୀୟ ଖାଦ୍ୟ ସାମଗ୍ରୀ ପ୍ରଦାନ କରାଯାଇଛି । ସୂଚନା ମୁତାବକ ଏହି ଦୃଷ୍ଟିହୀନ ବ୍ୟକ୍ତିମାନେ ଭୁବନେଶ୍ୱରସ୍ଥିତ ଶିଶୁପାଳଗଡରେ ଗୋ ଇଣ୍ଡିଆ ଚାରିଟେବୁଲ ଟ୍ରଷ୍ଟ ନାମକ ଏକ ସଂସ୍ଥାରେ ଏକତ୍ର ହୋଇ ରହିଆସୁଥିଲେ । ସେଠାରେ ଫିନାଇଏ.ଧୂପକାଠି,ଖଲିପତ୍ର ଆଦି ବିଭିନ୍ନ ସାମଗ୍ରୀ ତିଆରି କରିବା ବିକ୍ରୀ କରି ନିଜ ନିଜର ପରିବାର ପ୍ରତିପୋଷଣ କରୁଥିଲେ । ଗତ ବର୍ଷ ସେଠାରେ ବିଭିନ୍ନ ସମସ୍ୟା ଦେଖାଦେବାରୁ ସେମାନେ ଯାଜପୁର ଜିଲା ଚଣ୍ଡିଖୋଲ ଅଂଚଳକୁ ଚାଲିଆସିଥିଲେ । ସେଠାରେ ଘରେ ରହିବା ସମସ୍ୟା ଦେଖାଦେବାରୁ ସେମାନେ ଯାବରାସ୍ଥିତ କଂଟିଆବଣ ବିଦ୍ୟାଳୟରେ ଆଶ୍ରୟ ନେଇଛନ୍ତି । ତେବେ ସେମାନଙ୍କ ଖବର ପାଇ ଅଂଶୁମାନ ଟ୍ରଷ୍ଟ ସହଯୋଗର ହାତ ବଢାଇଛି ।

# ଏମକେସିଜି କାଜୁଆଲିଟି ସ୍ଥିତି ଅନୁଧ୍ୟାନ କଲେ ଜିଲ୍ଲାପାଳ

ଗଞ୍ଜାମ, ୧୦/୫ (ନି.ପ୍ର): ଗଞ୍ଜାମ ଜିଲ୍ଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଏଥିପାଇଁ ଏମକେସିଜଜି ମେଡିକାଲରେ ରୋଗୀ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଲୋକେ ଚିକିତ୍ସା ପାଇଁ ଏମକେସିଜି ମେଡ଼ିକାଲ କଲେଜର କାଜୁଆଲିଟିରେ ଭିଡ଼ ଜମାଉଛନ୍ତି । ରୋଗୀଙ୍କୁ ଆବଶ୍ୟକ ଚିକିତ୍ସା ସେବା ଯୋଗାଇଦେବା ପାଇଁ ଡ଼ାକ୍ତର ଓ ସ୍ୱାସ୍ଥ୍ୟ କର୍ମୀ ମାନେ ଉଦ୍ୟମ ଜାରୀ ରଖିଛନ୍ତି । ଏହାର ସ୍ଥିତି ଅନୁଧ୍ୟାନ କରିବା ପାଇଁ ଗଞ୍ଜାମ ଜିଲ୍ଲାପାଳ ବିଜୟ ଅମୃତା କୁଲରାଙ୍ଗେ ଆଜି କାଜୁଆଲିଟିରେ ପହଂଚି ଥିଲେ । ରୋଗୀଙ୍କୁ କିଭଳି ଚିକିତ୍ସା ସେବା ମିଳୁଛି । ସେନେଇ ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ । କାଜୁଆଲିଟିରେ ଗୁରୁତର ରୋଗୀଙ୍କ ଚିକିତ୍ସା ପାଇଁ ବ୍ୟବସ୍ଥା କରାଯାଇଛି । ତେଣୁ ଅତ୍ୟନ୍ତ ଜରୁରୀ ନଥିଲେ । କାଜୁଆଲିଟିରେ ଭିଡ଼ ନକରିବା ପାଇଁ ଜିଲ୍ଲାପାଳ ଲୋକଙ୍କୁ ପରାମର୍ଶ ଦେଇଛନ୍ତି । ଅଯଥା ଭିଡ଼ ଯୋଗୁଁ ରୋଗୀଙ୍କ ଚିକିତ୍ସାରେ ଅସୁବିଧା ସୃଷ୍ଟି ହେଉଛି । ଏଣୁ ଏ ଦିଗରେ ସହଯୋଗ କରିବା ପାଇଁ ଜିଲ୍ଲାପାଳ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି । ଏହି ସମୟରେ ବ୍ରହ୍ମପୁର ଉପଜିଲ୍ଲାପାଳ ଭି. କାର୍ତିଭାସନ ବଡ଼ ମେଡ଼ିକାଲ ପ୍ରଶାସନିକ ଅଧିକାରୀ ସଚ୍ଚିଦାନନ୍ଦ ନାୟକ ଏବଂ ବିଭାଗୀୟ ଡ଼ାକ୍ତର ମାନେ ଉପସ୍ଥିତ ଥିଲେ।

# ବିଜେଡି ଗାର୍ଲସ୍ ୱିଙ୍ଗର ଡିଜିଟାଲ ସମ୍ପାଦକଙ୍କ ନାମ ଘୋଷଣା

ଧର୍ମଶାଳା, ୧୦/୫ (ନି.ପ୍ର): ଯାଜପୁର ଜିଲା ଜାରକାସ୍ଥିତ ବିଜେଡି କାର୍ଯ୍ୟାଳୟରେ ଧର୍ମଶାଳା ନିର୍ବାଚନ ମଣ୍ଡଳୀ ବିଜେଡି ଗାର୍ଲସ ୱିଙ୍ଗ୍ର ପଂଚାୟତ ସ୍ତରୀୟ ଡିଜିଟାଲ୍ ସଂପାଦକଙ୍କ ନାମ ଘୋଷଣା କରାଯାଇଛି । ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ଅନୁମୋଦନକ୍ରମେ ଗାର୍ଲସ ୱିଙ୍ଗ୍ର ସଭାନେତ୍ରୀ କ୍ଷୀରାବ୍ଧୀ ତନୟା ମଲିକ ୫୪ ପଂଚାୟତର ଡିଜିଟାଲ୍ ସଂପାଦକଙ୍କ ନାମ ଘୋଷଣା କରିଥିଲେ । ଏଣ୍ଡଲବା ପଂଚାୟତର ଡିଜିଟାଲ୍ ସଂପାଦକ ଭାବେ ସ୍ମରଣିକା ନାୟକ, ରେଖିଦେଇପୁର ସୀମା ପରିଡା, ରାଇଛନ୍ଦା ବନିତା ମଲିକ, ଚକ୍ରଧରପୁର ସୁପ୍ରିୟା ବଳ, ତାଳଜଙ୍ଗ ଅନିଶା ପଟ୍ଟନାୟକ, ଅଂଜିରା ରୀତାଞ୍ଜଳି ମଲିକ, ମଧୁସୂଦନପୁର ଉଷାରାଣୀ ନାୟକ, କବାଟବନ୍ଧ ସୁଶ୍ରୀ ଶୁଭଦର୍ଶନୀ ଦାସ, ମର୍ଜିତାପୁର ଟିକି ବିଶ୍ୱାଳ, ବୃନ୍ଦାଦେଇପୁର ସସ୍ମିତା ଶତପଥୀ, ଜେନାପୁର ଦୀପିକା ସାମଲ, କମାଗଡ ବିଜୟଲକ୍ଷ୍ମୀ ସାହୁ, ମଧୁପୁରଗଡ ମୋନାଲିସା ଦାସ, ମହିସରା ରୀତା ସାହୁ, ପୁରୁଣା ବଉଳମାଳ ସୁଶ୍ରୀ ପରିଡା, ସାହାଣୀଡିହ ମୀରା ପ୍ରଧାନ, ସଂପାରୁ ଶୁଭଙ୍କରୀ ରାଉତ, ଅଂଟିଆ ସରସ୍ୱତୀ ରାଉତ, ତରଜିଂଆ ଶ୍ୱେତାପଦ୍ମା ଜେନା, ଆରୁହା ଜ୍ୟୋର୍ତିମୟୀ ବେହେରା, ପାଖର ଇତିଶ୍ରୀ ଖିଲାର, ଥାନୁଆଳ ଜ୍ୟୋର୍ତିମୟୀ ପରିଡା, ଗଙ୍ଗାଧରପୁର ସ୍ୱର୍ଣ୍ଣଲତା ଗୁଇଁ, କୁମାରୀର ସସ୍ମିତା ସ୍ୱାଇଁ, ହରିଦାସପୁର ସୁନିତା ରାଉତ, ନେଉଳପୁର ହାଜରା ବେଗମ୍, କ୍ଷେତ୍ରପାଳ ନିରୂପମା ଜେନା, କଂଟିଗଡିଆ ଲିପ୍ସା ମହାନ୍ତି, ଜାରକା ଲିପା ଦାସ, ଚୋରମୁହାଁ ନାଜିଆ ନାସିଦ୍, ଚହଟା ପ୍ରତିମା ସାହୁ, ଅଭୟପୁର ବର୍ଷା ପ୍ରଧାନ, ଭବାନୀପୁର ସୁଜାତା ମଲିକ, ବଡକାଏମା ଶ୍ରଦ୍ଧାଞ୍ଜଳି ଓଝା, ମିର୍ଜାପୁର ସୋନାଲି ବେହେରା, ପାଟପୁର ପୂଜାରାଣୀ ସାହୁ, ସୁନ୍ଦୁରିଆ ସସ୍ମିତା ଦାସ, ଉତରପ୍ରତାପ ସୀତା ମଲିକ, ଦେଓଦା ମାନସୀ ମଲିକ, ମଙ୍ଗଳପୁର ଅନୁପମା ଦାସ, ଅରାବଳ ମାଳତୀ ନାୟକ, କୋତପୁର ଲିପ୍ସା ଜେନା, କଦମପାଳ ଗୀତାଞ୍ଜଳି ମହାନ୍ତି, ଅରେଇକଣା ରସ୍ମିତା ଜେନା, ପଟୁଣିଆ ରୋଜାଲିନ୍ ରାଉତ, ରସୁଲପୁର ପ୍ରିୟଙ୍କା ପଣ୍ଡା, ଓଡିଶୋ ସୁନନ୍ଦା ମଲିକ, ବାରବାଟୀ ଆଶାବତୀ ଲେଙ୍କା, ଜାବରା ସୁନିତା ବେହେରା, ଶ୍ରୀବନ୍ତପୁର କୁନିତା ବାରିକ, କଲଣ ଲିଜାରାଣୀ ରାଉତ, ନଠୁଆବର ସୌଭାଗ୍ୟବତୀ ବରାଳ, ସିଂହାପୁର ସଂଗୀତା ନାୟକ ଓ ରାହାମ୍ଭା ପଂଚାୟତର ଡିଜିଟାଲ୍ ସଂପାଦକ ଭାବେ ପ୍ରତୀକ୍ଷା ଦାସଙ୍କ ନାମ ଘୋଷଣା କରାଯାଇଥିଲା । ନିର୍ବାଚନ ମଣ୍ଡଳୀ ଡିଜିଟାଲ୍ ସଂପାଦକ ପ୍ରିୟଙ୍କା ପ୍ରିୟଦର୍ଶିନୀ ରାୟ, ବ୍ଲକ୍ ଡିଜିଟାଲ ସଂପାଦକ ବୈଜୟନ୍ତୀମାଳା ଭୂତିଆ, ଉପସଭାନେତ୍ରୀ ମଧୁସ୍ମିତା ମହାନ୍ତି, ସାଧାରଣ ସଂପାଦିକା ସାହିନା ଖାତୁନ୍, ଜୋନ୍ ସଭାନେତ୍ରୀ ଲିସାରାଣୀ ମହାନ୍ତି ଓ ନବ ନିଯୁକ୍ତ ଡିଜିଟାଲ ସଂପାଦକମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । କରୋନା ମହାମାରି ସମୟରେ ନିଜେ ସୁରକ୍ଷିତ ରହିବା ସହିତ ଅନ୍ୟକୁ ସଚେତନ କରାଇବା ଓ ସରକାରଙ୍କ କୋଭିଡ-୧୯ ନିୟମକୁ ମାନି ଚଳିବାପାଇଁ ଗାର୍ଲସ ୱିଙ୍ଗ୍ର ସଭାନେତ୍ରୀ ଗୁରୁତ୍ୱାରୋପ କରିଥିଲେ । ପ୍ରିୟଙ୍କା ପ୍ରିୟଦର୍ଶିନୀ ରାୟ ଧନ୍ୟବାଦ ଦେଇଥିଲେ ।

## ପେଟ୍ରୋଲ ପମ୍ପ ମାଲିକଙ୍କ ବିୟୋଗରେ ଶୋକ

ଧର୍ମଶାଳା, ୧୦/୫ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକର ଜାରକାସ୍ଥିତ ଶଙ୍ଖାରିଡିହର ବହୁ ପୁରାତନ ପେଟ୍ରେଲ ପମ୍ପର ମାଲିକ ଜ୍ୟୋତିନ୍ଦ୍ର ଷଡଙ୍ଗୀଙ୍କର ଆଜି ଭୋରୁ ତାଙ୍କ ବାସଭବନଠାରେ ୫୫ ବର୍ଷ ବୟସରେ ପରଲୋକ ହୋଇଯାଇଛି । ତାଙ୍କର ପରଲୋକର ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଂଚଳରେ ଶୋକରଛାୟା ଖେଳିଯାଇଛି । ବିଭିନ୍ନ ବ୍ୟକ୍ତି ବିଶେଷ କରୋନା ନିୟମକୁ ମାନି ଟେଲିଫୋନ ମାଧ୍ୟମରେ ତାଙ୍କ ପରିବାରଙ୍କୁ ସମବେଦନା ଜଣାଇଛନ୍ତି । ସେ ପଂଚମୁଖୀ ହନୁମାନ ମନ୍ଦିରର ପ୍ରତିଷ୍ଠାତା ସଦସ୍ୟ ଓ ମନ୍ଦିର ପରିଚାଳନା କମିଟିର ପୂର୍ବତନ ସଭାପତି ଥିଲେ ।

## ତୃତୀୟ ବର୍ଗଙ୍କ ଟିକାକରଣ ପାଇଁ ଅନ୍ ଲାଇନରେ ପଞ୍ଜିକରଣ ବାଧ୍ୟତାମୂଳକ : ମୋଟ୍ ୨୦ଟି କେନ୍ଦ୍ରରେ ହେବ ଟିକାକରଣ

ଗଞ୍ଜାମ, ୧୦/୫ (ନି.ପ୍ର): ଆସନ୍ତା କାଲି ଠାରୁ ତୃତୀୟ ବର୍ଗଙ୍କ ଟୀକାକରଣ ପାଇଁ ଅନ୍ ଲାଇନରେ ପଞ୍ଜିକରଣ କରିବାକୁ ବାଧ୍ୟତାମୂଳକ କରାଯାଇଛି । ସହରର ୮ଟି କେନ୍ଦ୍ରରେ ଟୀକାକରଣ କରାଯାଉଥିବା ବେଳେ ତୃତୀୟ ପର୍ଯ୍ୟାୟରେ ୧୮ ବର୍ଷରୁ ଉର୍ଦ୍ଧ୍ୱ ବର୍ଗର ପ୍ରାୟ ୨ ଲକ୍ଷରୁ ଉର୍ଦ୍ଧ୍ୱ ରହୁଥିବାରୁ ଟୀକାକରଣ କେନ୍ଦ୍ର ସଂଖ୍ୟା ମଧ ବୃଦ୍ଧି କରାଯାଇଛି । ପୂର୍ବରୁ ଥିବା ୮ଟି କେନ୍ଦ୍ର ସହ ୧୨ ଟି ଅତିରିକ୍ତ ଟୀକାଦାନ କେନ୍ଦ୍ର ଖୋଲିବା ନେଇ ପଦକ୍ଷେପ ଗ୍ରହଣ କରାଯାଇଛି । ପୂର୍ବରୁ ବ୍ରହ୍ମପୁର ବଡ଼ ମେଡ଼ିକାଲ, ସିଟି ହସ୍ପିଟାଲ ସମେତ ମହାନଗର ନିଗମ ଅଧିନରେ ଥିବା ୬ଟି ସହରାଚଂଳ ସ୍ୱାସ୍ଥ୍ୟକେନ୍ଦ୍ର ଆସିକା ରୋଡ଼, ଆଗା ସାହି, ରେଡ଼କ୍ରସ୍ ହସ୍ପିଟାଲ, ବୈକୁଣ୍ଠ ନଗର, ଗୁଡ଼ସ୍ ସେଡ୍ ରୋଡ଼ ଓ ଖୋଡ଼ାସିଙ୍ଗି ରହିଛି । ଅତିରିକ୍ତ ୧୨ଟି କେନ୍ଦ୍ର ମଧ୍ୟରେ ପୁରୁଣା ବ୍ରହ୍ମପୁର ହାଇସ୍କୁଲ, ଆସିକା ରୋଡ଼ ବାଳିକା ଉଚ୍ଚ ବିଦ୍ୟାଳୟ, ଟାଉନ୍ ବାଳିକା ଉଚ୍ଚ ବିଦ୍ୟାଳୟ, ବାବାଜି ତୋଟା ସାହି ସ୍ଥିତ କୁଇନ୍ ଅଫ୍ ମିଶନ ହାଇସ୍କୁଲ, ଭି.ଭି.ଗିରି ବାଳିକା ଉଚ୍ଚ ବିଦ୍ୟାଳୟ, ଗୋସାଣି ନୂଆଗାଁ କେ.ସି. ହାଇସ୍କୁଲ, ସହିଦ ଲକ୍ଷ୍ମଣ ନାୟକ ସ୍ମୃତି ସରକାରୀ ପୌର ଉଚ୍ଚ ବିଦ୍ୟାଳୟ କୋଟପେଟା, ଆଙ୍କୁଲି ହାଇସ୍କୁଲ, ରାମଲିଙ୍ଗେଶ୍ୱର ପାର୍କ ଭଳି ସହରର ବିଭିନ୍ନ ଶିକ୍ଷାନୁଷ୍ଠାନ ଗୁଡିକରେ ଟୀକାକରଣ କେନ୍ଦ୍ର କରିବା ନେଇ ପଦକ୍ଷେପ ଗ୍ରହଣ କରାଯାଇଛି । ପୂର୍ବରୁ ଥିବା ୮ଟି ଓ ଅତିରିକ୍ତ ୧୨ଟି କେନ୍ଦ୍ରକୁ ମିଶାଇ ମୋଟ୍ ୨୦ଟି କେନ୍ଦ୍ରରେ ପ୍ରାଥମିକ ସ୍ତରରେ ଟୀକାକରଣ କାର୍ଯ୍ୟକ୍ରମ ଚାଲୁ ରହିବ । ଆବଶ୍ୟକ ହେଲେ ଅଧିକ କେନ୍ଦ୍ର କରିବା ନେଇ ନିଗମ ପକ୍ଷରୁ ଯୋଜନା କରାଯାଇଥିବା ନେଇ କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାର ସୂଚନା ଦେଇଛନ୍ତି । ପୂର୍ବରୁ ସକାଳ ୮ଟାରୁ ଦିନ ୧ଟା ପର୍ଯ୍ୟନ୍ତ ୧୮ରୁ ୪୪ ବର୍ଷର ଯୁବବର୍ଗଙ୍କୁ ଟୀକାକରଣ କରାଯିବା ବେଳେ ୪୫ରୁ ଉର୍ଦ୍ଧ୍ୱ ବୟସ୍କଙ୍କୁ ଅପରାହ୍ନ ୩ଟାରୁ ସଂନ୍ଧ୍ୟା ୬ଟା ମଧ୍ୟରେ ଟୀକାକରଣ କରାଯିବ ବୋଲି ଜଣାପଡିଛି । ନିଗମ ପକ୍ଷରୁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଉଥିବା ବେଳେ ଆସନ୍ତା କାଲି ପୂର୍ଣ୍ଣାଙ୍ଗ ରିପୋର୍ଟ ହସ୍ତଗତ ହୋଇ କାର୍ଯ୍ୟ ଆରମ୍ଭ କରାଯିବ ବୋଲି କମିଶନର କହିଛନ୍ତି ।

# ରାଜନୈତିକ ମଇଦାନକୁ ଓହ୍ଲାଇବେ ଉପାସନା !

ପୁରୀ, ୧୦/୫ (ନି.ପ୍ର): ବ୍ରହ୍ମଗିରିରେ ଏବେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇଛି । ଲୁଲୁ ଗଡକୁ ଗତ ଦୁଇଥର ଧରି କାରସାଦି କରି ଦଖଲକୁ ନେଇଥିଲେ ଜୈନିକ ନେତା । ପୁଣି ଗଡ ରକ୍ଷା କରିବା ପାଇଁ ଲୁଲୁଙ୍କ ଭାଇ ମଇଦାନକୁ ଓହ୍ଲାଇଥିଲେ । ଅସନ୍ତୁଷ୍ଟ ବ୍ରହ୍ମଗିରି ବାସୀ ଲୁଲୁଙ୍କ ଭାଇଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ଜିତାଇଥିଲେ । ଶଙ୍ଖୁଆ ନେତା ହାରିବା ପରେ ଜର ବିକଳରେ ତାଟିଆ କାମୁଡିବା ପରି ଏକ ଦାନ୍ତ ନଥିବା ବାଘ ପଦବୀ ଅକ୍ତିଆର କରି ନାଲିଗାଡିରେ ବୁଲଛନ୍ତି । ହେଲେ ବ୍ରହ୍ମଗିରି ବାସୀ ଭାତ ହାଣ୍ଡିରୁ ଗୋଟିଏ ଭାତ ପରକ୍ଷିବା ପରେ ସବୁ ଜାଣି ଯାଇଛନ୍ତି । ନେତା ଏବେ ଡହଳବିକଳ ହୋଇ ଲ୍ୟାଟିନ୍ ଉଦଘାଟନ୍, ଘର ପୋଡି, ଦଶାହ କାର୍ଯ୍ୟ, ଜନ୍ମଦିନ, ବିବାହ, ବ୍ରତଘର, ଖେଳ କାର୍ଯ୍ୟକ୍ରମରେ ଯୋଗଦାନ କରୁଛନ୍ତି । ପରେ ପରେ ପ୍ରତିଦିନ ଏକ ସାମାଜିକ ଗଣମାଧମରେ ଫଟୋ ଛାଡି କାର୍ଯ୍ୟରତ ଅଛନ୍ତି ବୋଲି ଶଙ୍ଖପତିଙ୍କୁ ଜଣାଉଛନ୍ତି । ଅଭିନୟକାରୀ ନେତାଙ୍କୁ ବ୍ରହ୍ମଗିରି ବାସୀ ଠିକଣାଭାବେ ଚିହ୍ନିପାରିଛନ୍ତି । ଆସନ୍ତା ପଚାଂୟତ ନିର୍ବାଚନକୁ ଆଖି ଆଗରେ ରଖି ନେତା ଏବେ ଘନ ଘନ ଗସ୍ତକରି ପ୍ରଚାର କରୁଛନ୍ତି । ସ୍ୱର୍ଗତ ଲୁଲୁବାବାଙ୍କୁ ୨୦୧୪ ମସିହାରେ ହରାଇବାକୁ ନେଇ କୋର୍ଟ କଚେରୀରେ ମାମଲା ଚାଲିଥିଲା । ବ୍ରହ୍ମଗିରି ବାସୀ ଗତ ୧୦ବର୍ଷ ଭିତରେ ଫାଇଲିନ୍, ଫନି ସହାୟତା ପାଇପାରିନାହାଁନ୍ତି । ସବୁଠାରୁ ବଡସମସ୍ୟା ଚିଲିକାରେ ସ୍ଥାୟୀ ବ୍ରିଜ ନିର୍ମାଣ ନହେବାରୁ ଅଂଚଳବାସୀ ମେଲି ହେଲେଣି । ଏହାର ପ୍ରଭାବ ପଚାଂୟତ ନିର୍ବାଚନରେ ପଡିବ । ଚିଲିକା ଓ ସମୁଦ୍ରର ଢେଉ ମାଡରୁ ରକ୍ଷା ପାଇବା ପାଇଁ ରିଙ୍ଗ ଲୁଣାବନ୍ଧ କାମ ଅଧାରେ ଅଟକିଛି । ବ୍ରହ୍ମଗିରି ଡେଲାଙ୍ଗ ରାସ୍ତାରେ ପ୍ରାୟ ୬୦କୋଟି ଟଙ୍କ ଖର୍ଚ୍ଚ ହୋଇଥିଲେ ମଧ ବଡ ବସ ଚାଲିବା ପାଇଁ ସକ୍ଷମ ହୋଇପାରିନାହିଁ । ଗତ କିଛି ଦିନ ଧରି କିଛି କୁଜି ନେତାଙ୍କୁ ଦଳରେ ମିଶାଇ ପ୍ରଚାର କରାଯାଉଛି । ପୁରୁଣା ନେତା ନାଗସାପ ପରି ଫଁ ଫଁ ହେବାରୁ କିଛି ଧଣ୍ଡ ସାପ ସଦୃଶ କୁଜି ନେତା ଶଙ୍ଖଦଳୀଆ ପୋଖରୀରେ ପଶିଯାଇଛନ୍ତି । ହେଲେ ଏମାନଙ୍କର ପୁରୁଣା ନେତାଙ୍କୁ ଭାରି ଡର । ଖୁବଶୀଘ୍ର ବ୍ରହ୍ମଗିରିର ରାଜନୈତିକ ରଣାଙ୍ଗନ ମଇଦାନକୁ ଉପାସନା ଆସିବା ପାଇଁ ପ୍ରାକ୍ ପ୍ରସ୍ତୁତି ଚଳାଇଛନ୍ତି । ଲୁଲୁଙ୍କ ପରି ତାଙ୍କ ଝିଅ ମଧ ଷ୍ମାଣିତ ଶବ୍ଦ ବ୍ୟବହାର କରି ଜନତାଙ୍କ ପ୍ରିୟଭାଜନ ହୋଇପାରିବେ । ଉପାସନାଙ୍କ ପାଇ ବ୍ରହ୍ମଗିରି ବାସୀ ଲୁଲୁଙ୍କ ବିକଳ୍ପ ପାଇପାରିବେ ବୋଲି ଆଶା କରିଛନ୍ତି । ଏବେ ଘନ ଘନ ଗସ୍ତ କରୁଥିବା ଶଙ୍ଖୁଆ ନେତା ପ୍ରତି ଗ୍ରାମର ୧୦ପ୍ରତିଶତ ଲୋକଙ୍କୁ ହାତକରି ଫଟୋ ଉଠାଇ ବାହା ବାହା ନେଉଛନ୍ତି । ଏବେବି ଜନତାଙ୍କ ମନରେ ଚିଟଫଣ୍ଡ କେଳେଙ୍କାରୀ ଓ ପାଜେରୋ ଗାଡି ରହସ୍ୟ ଉଙ୍କି ମାରୁଛି । ପୁରୀ-ସାତପଡା ରାସ୍ତା ୬ଥାକିଆ ହୋଇପାରିନାହିଁ । ବାଲିହରଚଣ୍ଡୀ ପୀଠର ଉନ୍ନତିକରଣ ଅଧାରେ ଅଟକିଛି । ଉପକୂଳ ଜାତୀୟ ରାଜପଥକୁ ନେତା ବିରୋଧ କରିବାରୁ ତାହା ମଧ ଅଟକି ରହିଛି । ଚିଲିକାରେ ୫ ଥର ଭସାପୋଲ ଚାଲି ଖରାପ ହେଉଛି । ଥରକୁ ଥର ନୂଆ ଭେସେଲ ଚାଲିବା ସହ ଲୋକଙ୍କୁ ଅଧିକ ଖର୍ଚ୍ଚାନ୍ତ କରାଯାଉଛି । ବ୍ରହ୍ମଗିରି ଅଞ୍ଚଳର ରେବେଣା ନୂଆଗାଁ, ହଳଦିଆ, ବିଜିପୁର, କୁଶୁବେଂଟି, ମଣପଡା, ରାୟବିଧାର, ଗଡକୋକଲ, ବଡବେଣାକୁଦି ଆଦି ଅଞ୍ଚଳର ଜଳ ନିଷ୍କାସନ ସମସ୍ୟା ଯୋଗୁଁ ଚାଷୀ ଡାଲୁଅ ଧାନ ଚାଷ କରିପାରୁନାହାଁନ୍ତି । ଖରାଦିନ ପାଇଁ କେନାଲରେ ପାଣି ରହୁନାହିଁ । ବିଗତ ୧୦ବର୍ଷ ଧରି ଚାଷୀ କେବଳ ନେତାଙ୍କ ଅଭିନୟ ନାଟକ ବାଜି ଦେଖି ଅସନ୍ତୁଷ୍ଟ ହେଲେଣି । କପିଳେଶ୍ୱରପୁର ପଥରପଦା ନିକଟରେ ବ୍ରିଜ ନଥିବାରୁ ସ୍କୁଲ ଛାତ୍ରଛାତ୍ରୀମାନେ ନଦୀ ପାଣିରେ ପଶି ଯିବାଆସିବା କରୁଛନ୍ତି । ବ୍ରହ୍ମଗିରିରେ ସ୍ଥାୟୀ ତହସିଲ ଗୃହ ଓ କୋର୍ଟ ନିର୍ମାଣ ହୋଇପାରିନାହିଁ । ବ୍ରହ୍ମଗିରିକୁ ଏନଏସି ଘୋଷଣା କରାଯାଇନାହିଁ । ବ୍ରହ୍ମଗିରି ବଜାରର ଉନ୍ନତିକରଣ ଗତ ୧୦ବର୍ଷ ଭିତରେ ପଛୁଆ ରହିଛି । ଅଲାରନାଥ ମନ୍ଦିରର ଭୂସମ୍ପତି ସୁରକ୍ଷା ହୋଇନାହିଁ । ଭକ୍ତଙ୍କ ପାଇଁ ଶୃଙ୍ଖଳିତ ଦର୍ଶନ ଓ ରହିବା ବ୍ୟବସ୍ଥା ହୋଇପାରିନାହିଁ । ବ୍ରହ୍ମଗିରି ବଜାରରେ ଜୈନିକ ବରିଷ୍ଠ ରାଜନୈତିକ ବିଷାରଦ ବ୍ୟକ୍ତି କହିଲେ ଆସନ୍ତା ପଚାଂୟତ ନିର୍ବାଚନରେ ପ୍ରତି ପଚାଂୟତରୁ ଶଙ୍ଖଦଳ ପକ୍ଷରୁ ୭ରୁ ଉର୍ଦ୍ଧ୍ୱ ଆଶାୟୀ ପ୍ରାର୍ଥୀ ରହିଛନ୍ତି । ଜଣେ ଟିକେଟ ପାଇଲେ ଶଙ୍ଖ ସାତଫାଳ ହୋଇଯିବାର ସମ୍ଭାବନା ରହିଛି ।ବ୍ଲକ ଚେୟାରମ୍ୟାନ ପଦବୀ ପାଇଁ ଅନେକ ଆଶାୟୀ ରହିଛନ୍ତି । ଯଦି ଏହିସବୁ ସମସ୍ୟାର ସମାଧାନ ନହୁଏ ତେବେ ପ୍ରତି ପଚାଂୟତରେ ପଦ୍ମ ଫୁଲ ଫୁଟିବାର ସମ୍ଭାବନାକୁ ଏଡାଇ ଦେଇ ହେବନାହିଁ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

## ଲମ୍ବାଜିଭ ଥିବା କୁକୁର



ଘରେ ଗୃହପାଳିତ ପଶୁ ଯେପରି କୁକୁର ବିଲେଇଙ୍କ ରଖିବା ଲୋକମାନଙ୍କର ସଉକ । କିନ୍ତୁ ବେଳେ ବେଳେ ଏମିତି କିଛି ଘରେ ଯେ, ଘରେ ରହୁଥିବା ଗୃହପାଳିତ ପଶୁ ବି ଚର୍ଚ୍ଚାରେ ପରିସରକୁ ଆସିଯାଆନ୍ତି । ଆମେରିକାର ସାଉଥ ଡେକୋନ୍ ଅଞ୍ଚଳରେ ରହୁଥିବା କାର୍ଲା, ସେଣ୍ଟ ବର୍ଣ୍ଣୋର୍ଡ ପ୍ରଜାତିର କୁକୁର ରଖିଥିଲେ, ଯାହାର ନାମ ହେଉଛି ମୋଚି । ଗତକିଛି ଦିନ ହେବ ମୋଚିର ନାମ ଗିନଜ୍ ବୁକ୍ ଅଫ ୱାର୍ଲ୍ଡ ରେକର୍ଡରେ ସାମିଲ ହୋଇଛି । ଏହାର କାରଣ ହେଉଛି ତା'ର ଲମ୍ବା ଜିଭ । ତା' ଜିଭର ଲମ୍ବ ହେଉଛି ୧୮.୫୮ ସେଣ୍ଟିମିଟର ।

## ପ୍ରସାଧନ ସାମଗ୍ରୀ ବ୍ୟବହାରରେ ସତର୍କତା



ଯେକୌଣସି କଂପାନିର ପ୍ରସାଧନ ସାମଗ୍ରୀ ବ୍ୟବହାର ପୂର୍ବରୁ ସତର୍କ ରହନ୍ତୁ । ଏହା ଦ୍ୱାରା ଠକାମିରେ ପଡ଼ିବେ ନାହିଁ । ତ୍ୱଚା ପାଇଁ ମଧ୍ୟ ନିରାପଦ । ପ୍ରଥମେ ସାମଗ୍ରୀ ଉପରେ ଲେଖା ପଢ଼ନ୍ତୁ । ଧରାଯାଉ, ଆପଣ ବ୍ୟବହାର କରୁଥିବା ଫାଉଣ୍ଡେସନ କ୍ରିମର ବ୍ୟବହାର ସମାପ୍ତି ସମୟ ରହିଛି ୧୨ ମେ, ୨୦୧୮ । ଡବା ଉପରେ ଲେଖାଯାଇଛି । ଏହାର ଅର୍ଥ ଡବା ଖୋଲିବାର ଛଅ ମାସ ମଧ୍ୟରେ ବ୍ୟବହାର କରିବା ନିରାପଦ । ଏଣୁ, ଖୋଲିବା ତାରିଖ ଟିପି ରଖନ୍ତୁ । ସମୟ ସମାପ୍ତି ପରେ ଆଦୌ ବ୍ୟବହାର କରନ୍ତୁ ନାହିଁ । ଏହା ଦ୍ୱାରା ତ୍ୱଚା ସଂକ୍ରମଣ ବା ଦ୍ୱାରା ତ୍ୱଚା ସଂକ୍ରମଣ ବା ଖରାପ ହେବା ଆଶଙ୍କା ଥାଏ ।



## ମଦରଙ୍ଗା ଶାଗ ଚଟଣି

ପ୍ରସ୍ତୁତି ସାମଗ୍ରୀ- ୩୦୦ଗ୍ରାମ୍ ମଦରଙ୍ଗା ଶାଗ, ୧ଛୋଟ ଚାମଚ ଜିରା, ୧ବଡ଼ ଚାମଚ ସୋରିଷତେଲ, ୧ଟି ରସୁଣ, ୨ଟି ଶୁଖିଲା ଲଙ୍କା ।

ପ୍ରସ୍ତୁତି ପ୍ରଣାଳୀ- ଶାଗକୁ ବାଛି ଦେଇ ଧୋଇ ରଖନ୍ତୁ । କଡ଼େଇରେ ତେଲ ଗରମ କରି ଜୀରା ଓ ଲଙ୍କା ଫୁଟାନ୍ତୁ । ସେଥିରେ ଶାଗ ପକାଇ ଭାଜିଦିଅନ୍ତୁ । ରସୁଣରୁ ଚୋପା ଛଡ଼େଇ ତା' ସାଙ୍ଗରେ ଭଜା ଶାଗକୁ ଶିଳରେ ଚିକ୍କଣ କରି ବାଟି ଦିଅନ୍ତୁ । ଏବେ ପ୍ରସ୍ତୁତି ହୋଇଗଲା ମଦରଙ୍ଗା ଶାଗ ଚଟଣି ।

## ଦେଖିବା ଶୁଣିବା ଶକ୍ତି ହ୍ରାସ କରେ ଷ୍ଟ୍ରୋକ୍

ବିଶ୍ୱସ୍ତରରେ ବ୍ୟପିଥିବା ଅନେକ ପ୍ରାଣଘାତକ ରୋଗ ମଧ୍ୟରୁ ଗୋଟିଏ ହେଉଛି ବ୍ରେନ୍ ଷ୍ଟ୍ରେକ୍ । ଏହା ଏଡେ ବିପଜ୍ଜନକ ଯେ, ଧୀରେ ଧୀରେ ଲୋକଙ୍କୁ ନିଜ କବ୍ଜାକୁ ନେଇଆସେ । ଆଜି ପରିସ୍ଥିତି ଏଭଳି ହୋଇଛି, ଯେଉଁଠି ପ୍ରତି ୬ଜଣଙ୍କ ମଧ୍ୟରେ ଜଣେ ଏହି ରୋଗର ଶିକାର ହେଉଛନ୍ତି । ୬୦ ବୟସରୁ ଉର୍ଦ୍ଧ୍ୱ କିଛି ଲୋକଙ୍କ ମୃତ୍ୟୁର କାରଣ ମଧ୍ୟ ସାଜିଥାଏ ବ୍ରେନ୍ ଷ୍ଟ୍ରୋକ୍ । ବିଶେଷଜ୍ଞ ଅନୁସାରେ, ଷ୍ଟ୍ରୋକ୍ ଆସିବା ପରେ ୭୦ ପ୍ରତିଶତ ରୋଗୀ ଶୁଣିବା ଏବଂ ଦେଖିବା ଶକ୍ତି ହରାଇବସାନ୍ତି । ଅନ୍ୟ ୩୦ ପ୍ରତିଶତ ରୋଗୀ ଅନ୍ୟ ଲୋକଙ୍କ ସାହାରାରେ ବଞ୍ଚିବାକୁ ମାଧ୍ୟ ହୁଅନ୍ତି । ସାଧାରଣ ଭାବେ ଯେଉଁ ଲୋକେ ହୃଦରୋଗରେ ପୀଡ଼ିତ ଥାନ୍ତି, ସେମାନଙ୍କ ମଧ୍ୟରେ ୨୦ ପ୍ରତିଶତଙ୍କୁ ଷ୍ଟ୍ରୋକ୍ ସମସ୍ୟା ଥାଏ । ଧର୍ମଶିଳା ନାରାୟଣ ସୁପରସ୍ପେଶାଲିଟି ହସ୍ପିଟାଲର ସିନିୟର କନସଲଟାଣ୍ଟ, ନ୍ୟୁରୋ-ସର୍ଜରୀ ଡ. ଆଶିଷ କୁମାର ଶ୍ରୀବାସ୍ତଙ୍କ ମତରେ, ମସ୍ତିଷ୍କରେ କୌଣସି କାରଣରୁ ଶକ୍ତିର ଅପୂର୍ଣ୍ଣ ତଥା ଗମ୍ଭୀର ରୂପେ କମ ହେବା ଦ୍ୱାରା ଷ୍ଟ୍ରୋକ୍ ହୋଇଥାଏ । ଫଳରେ ଏଠାରେ ଅକ୍ସିଜେନ୍ ଏବଂ ପୋଷାକ ତତ୍ତ୍ୱର ଅଭାବ ଦେଖାଯାଏ । କିଛି ସମୟ ମଧ୍ୟରେ ମସ୍ତିଷ୍କର କୋଷିକା ମୃତପ୍ରାୟ ଅବସ୍ଥା ଚାଲିଯାନ୍ତି । ତେଣୁ ସମୟ ପୂର୍ବରୁ ରୋଗୀର ଉପଚାର କରାଇନେଲେ, ତାହା ସାମାନ୍ୟ ପରିସ୍ଥିତିକୁ ଚାଲିଆସେ । ନଚେତ୍ ମୃତ୍ୟୁ ଅଥବା ସ୍ଥାୟୀ ବିକଳାଙ୍ଗତା ଅବଶ୍ୟମ୍ଭାବୀ ।




## ଧନୁରାକର୍ଷଣ ଆସନ



ଏହି ଆସନଟି ଧନୁପରି ପ୍ରତୀୟମାନ ହେଉଥିବାର ଏହାର ନାମ ଧନୁରାକର୍ଷଣ ଆସନ ଦିଆଯାଇଛି । ଏଡି ଆସନକୁ କରିବା ବେଳେ ପ୍ରଥମେ କମ୍ବଳ ବିଛାଇ ପାଦକୁ ଲମ୍ବାଇ ବସନ୍ତୁ । ଡାହାଣ ପାଦର ଆଙ୍ଗୁଠିକୁ ବାମ ହାତରେ ଧଣି ବାମ ପାଦକୁ ଡାହାଣ କାନ୍ଧ ପର୍ଯ୍ୟନ୍ତ ସଂଯୋଗ କରନ୍ତୁ । ସିଧା ହୋଇ ବସନ୍ତୁ । ଏମିତି କିଛି ସମୟ ବସିବା ପରେ ପୁଣି ବିପରୀତ ଦିଗରେ ଏହି ଅଭ୍ୟାସ କରନ୍ତୁ । ଆରମ୍ଭରେ ଥରେ ଏବଂ ପରେ ୩/୪ଥର ଏ ଆସନ କରିପାରିବ । ଏହି ଆସନ କରିବା ସମୟରେ ପାଦକୁ କାନ୍ଧ ଯାଏ ଧୀରେ ଧୀରେ ଆଣନ୍ତୁ, ବଳ ପ୍ରୟୋଗ କରି କିଛି କରିବା ଉଚିତ ନୁହେଁ । ଏହି ଆସନକୁ ସକାଳେ ପୂର୍ବକୁ ମହଁ କରି ଏବଂ ସନ୍ଧ୍ୟାରେ ପଶ୍ଚିମକୁ ମୁହଁକରିବା ଲାଭଦାୟକ । ଏହି ଆସନ କରିବା ଦ୍ୱାରା ଯକୃତ ବିକୃତି ନାଶ, ଗଣ୍ଠି ଯନ୍ତ୍ରଣା ଦୂରୀଭୂତ, ବହୁମୁତ୍ର ରୋଗ ଉପଶମ, କ୍ଷୁଧା ବୃଦ୍ଧି, ପେଟର ଚବି କମାଏ, ଆଳସ୍ୟ ଦୂରକରେ, ମେରୁଦଣ୍ଡକୁ ନମନୀୟ କରେ, ବାତଦୋଷ ଦୂର, କାନ୍ଧ ଓ ଅଣ୍ଟାର ମାଂସପେଶୀ ଶକ୍ତ ହେବା ସହ ଏଥିରେ ହାତ ଓ ପାଦର ସମ୍ପୂର୍ଣ୍ଣ ବ୍ୟାୟାମ ହୋଇଥାଏ ।

## ସ୍ତ୍ରୀଲୋକଙ୍କର ନିଶ ଉଠୁଥିଲେ



କେତେକ ସ୍ତ୍ରୀଲୋକମାନଙ୍କ ମୁଖ ମଣ୍ଡଳରେ ପୁରୁଷମାନଙ୍କ ଭଳି ନାକ ତଳେ କିମ୍ବା ଥୋଡ଼ିରେ କେଶ ଥାଏ । ଏହା ସାମାନ୍ୟ ଭାବରେ ଉଠିଥାଏ ତେବେ ତାହା ସ୍ତ୍ରୀଲୋକଙ୍କର ମୁଖଶ୍ରୀକୁ ନଷ୍ଟ କରିଥାଏ । ତେଣୁ ସେ ସ୍ଥାନକୁ ଲୋମ ଶୂନ୍ୟ କରିବା ପାଇଁ ୱାକ୍ସ ପ୍ୟାକ ନାମକ ଏକ ଅଠାଦିଆ ପଟି ମିଳିଥାଏ । ଏହାକୁ ଲୋମ ଉଠିଥିବା ସ୍ଥାନରେ ଚିପିକରି ଲଗାଇଦିଆଯାଏ । ପଟିଟିକୁ ବଳପ୍ରୟୋଗ କରି ଉଠାଇ ଦିଆଯାଏ । ଏହି ପଟି ଉଠିବା ବେଳେ ପଟି ଦେହରେ ଲୋମଗୁଡ଼ିକ ଲାଗି ଉପୁଡ଼ିଯାଏ । ଏହି ଉପାୟ ତ ଅଧିକାଂଶ ମହିଳାଙ୍କୁ ଜଣାଥିବ । କିନ୍ତୁ ଆଉ ଏକ ଦେଶୀ ଉପାୟ ମଧ୍ୟ ରହିଛି ଯାହା ଆପଣଙ୍କ ମୁଖ ମଣ୍ଡଳକୁ ସୁନ୍ଦର କରିଦେବ । ଚୂନ ୩ଭାଗ, ଆରାରୁଟ ୩ଭାଗ ଓ ଖରାସୋଡ଼ା ଏକଭାଗ ମିଶାଇ ଦେଇ ମଲମ ପ୍ରସ୍ତୁତ କରନ୍ତୁ । ଯେଉଁ ସ୍ଥାନକୁ ଲୋମ ଶୂନ୍ୟ କରିବାକୁ ଇଛା କରୁଛନ୍ତି ସେହି ସ୍ଥାନରେ ଏହାକୁ ଲଗାଇ ମାତ୍ର ୪ ମିନିଟ ରଖି ଧୋଇଦେଲେ ସେହି ସ୍ଥାନ ଲୋମଶୂନ୍ୟ ହୋଇଯିବ ।

## କୃଷକଙ୍କ ମାଧ୍ୟମରେ ମହୁମାଛି ସଂରକ୍ଷଣ ଅଭିଯାନ



ଜଳବାୟୁ ପ୍ରଦୂଷଣ, ବିଶ୍ୱତାପନ ଆଦି ଯୋଗୁଁ ମହୁମାଛିର ଜୀବନ-ଚକ୍ର ପ୍ରଭାବିତ ହେଉଛି । ଏହାର କୁ- ପରିମାମସ୍ୱରୂପ ଏହି ଉପକାରୀ କୀଟ ସଂଖ୍ୟା କମିବାରେ ଲାଗିଛି । ମହୁମାଛିର ବିଲୋପନ ମଣିଷ ସଭ୍ୟତାକୁ ବି ଲୋପ କରିଦେଇପାରେ । କାରଣ, ମହୁମାଛି ବିନା ପରାଗସଂଗମ ହେବନାହିଁ, କୃଷି ପ୍ରଭାବିତ ହେବ । ଖାଦ୍ୟର ଅଭାବ ଘଟିବ । ପ୍ରଥମେ ପ୍ରାଣୀ ଜଗତ ଭୋଗିବ ଏବଂ ଶେଷରେ ମଣିଷ । ଏ ଦିଗରେ ସଚେତନତା ସୃଷ୍ଟି କରୁଛି- 'ଅଣ୍ଡର ଦ ମ୍ୟାଙ୍ଗୋ ଟିଜ୍' (ସଂକ୍ଷେପରେ ୟୁଟି,ମଟି) ସ୍ୱେଚ୍ଛାସେବୀ ସଂଗଠନ । ଭାରତ ଏକ କୃଷି-ପ୍ରଧାନ ଦେଶ । କୃଷିର ବିକାଶ ବିନା ଆମର ଅଗ୍ରଗତି ଐସମତଭବ । ତେଣୁ, ଏହି ସଂଗଥନ ପକ୍ଷରୁ ମୁଖ୍ୟତ୍ୱ କୃଷିଜୀବୀଙ୍କ ମାଧ୍ୟମରେ ମହୁମାଛି ସଂରକ୍ଷଣକୁ ଗୁରୁତ୍ୱ ଦିଆଯାଉଛି । ମହୁମାଛି ସଂରକ୍ଷଣ ଆମ ପାଇଁ ପ୍ରାଥମିକତା ଏକ ଦ୍ୱାରା କୃଷି ତଥା କୃଷକଙ୍କ ବିକାଶ ସଂଭବ । କୃଷକ, ମହୁମାଛି ପାଳନ କଲେ ମହୁ ବିକ୍ରିରୁ ଅଧିକ ଉପାର୍ଜନ କରିବ ଏବଂ କୃଷିର ବିକାଶ ମଧ୍ୟ ହେବ । ଭାରତୀୟ କୃଷକ ପାଇଁ ବଜାର ହେଉଛି ସବୁଠାରୁ ପଡ଼ ସମସ୍ୟା । ଉତ୍ପାଦର ଉଚିତ ମୂଲ୍ୟ ପାଉ ନ ଥିବାରୁ କୃଷକଙ୍କ ଆର୍ଥିକ ଅବସ୍ଥା ଅପରିବର୍ତ୍ତିତ ରହିଛି । ଖାଉଟି ଉତ୍ପାଦ ବାବଦକୁ ଦେଉଥିବା ଅର୍ଥର ମାତ୍ର ପଚିଶ ପ୍ରତିଶତ କୃଷକ ପାଏ । ଦଲାଲମାନେ ହିଁ ଲାଭବାନ ହୁଅନ୍ତି । ତେଣୁ, କୃଷିଜାତ ଦ୍ରବ୍ୟର ବିକ୍ରି ପାଇଁ ମଧ୍ୟ ଗୁରୁତ୍ୱ ଦେଉଛି ୟୁଟିଏମଟି । ପରିବେଶ ସଚେତନତା, କୃଷି ଓ କୃଷକର ବିକାଶ ଆଦି ଲକ୍ଷ ନଜେ ସମାଜସେବୀ ବିଜୟା ପସ୍ତାଲାଙ୍କ ନେତୃତ୍ୱରେ ୟୁଟିଏମଟି ଅଭିଯାନ ଜଳାଇଛି ।



## ସବୁଜିମା ସୌନ୍ଦର୍ଯ୍ୟ ପରିବେଶରେ ମା' ବିନିକେଇ ମନ୍ଦିର



ଅନୁଗୁଳ ଜିଲ୍ଲା ଆଠମଲ୍ଲିକ ସହରଠାରୁ ଅନତି ଦୂରରେ ମହାନଦୀ କୂଳରେ ମା' ବିନିକେଇ ପୀଠ ଅବସ୍ଥିତ । ଏହି ସ୍ଥାନ ପର୍ଯ୍ୟଟକଙ୍କ ଅନ୍ୟତମ ଆକର୍ଷଣରେ କେନ୍ଦ୍ରବିନ୍ଦୁ । ମନ୍ଦିରରେ ବହୁ ଭକ୍ତଙ୍କ ସମାଗମ ହୋଇଥାଏ । ସବୁଜିମାମୟ ପାହାଡ଼ିଆ ପରିବେଶ ଏହି ସ୍ଥାନର ସୌନ୍ଦର୍ଯ୍ୟକୁ ବହୁ ଗୁଣ ବଢ଼ାଇଛି । ପର୍ଯ୍ୟଟକ ଏଠାକୁ ଆସି ଭ୍ରମଣର ପ୍ରକୃତ ମଜା ନେଇଥାଆନ୍ତି । ବଣଭୋଜି ପାଇଁ ଏହା ସର୍ବୋତ୍କୃଷ୍ଟ ଓ ମନୋରମ ହୋଇଥିବାରୁ ନଭେମ୍ବରରୁ ଫେବୃଆରୀ ଯାଏ ଏଠାରେ ପର୍ଯ୍ୟଟକଙ୍କ ଭିଡ଼ ପରିଲକ୍ଷିତ ହୋଇଥାଏ । ମହାନଦୀର ଗୋଟିଏ ପାଖରେ ମା' ବିନିକେଇ ଓ ଅପରପାର୍ଶ୍ୱରେ ମା' କନକେଇଙ୍କ ମନ୍ଦିର ରହିଛି । ଏହି ଦୁଇ ମନ୍ଦିରକୁ ଯୋଡୁଥିବା ବିସ୍ତୀର୍ଣ୍ଣ ବାଲୁକା ରାଶି ସଭିଙ୍କୁ ବେଶ ଆନନ୍ଦ ଦେଇଥାଏ । ଏହିଠାରୁ ସାତକୋଶିଆ ଗଣ୍ଡ ଆରମ୍ଭ ହୋଇଛି । ଏହାର ସୁନୀଳ ଜଳରାଶି ଉପରେ ନୌକା ବିହାରର ମଜା ପର୍ଯ୍ୟଟକଙ୍କ ସ୍ମୃତିରେ ବିନିକେଇକୁ ସର୍ବଦା ଏକ ଭିନ୍ନ ସ୍ଥାନ ପ୍ରଦାନ କରିଛି । ଏଠାରେ ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତର ଦୃଶ୍ୟ ବାସ୍ତବରେ ଖୁବ୍ ହୃଦୟସ୍ପର୍ଶୀ ଓ ସୌନ୍ଦର୍ଯ୍ୟମୟ ଅଟେ । ବଣଭୋଜି ନିମନ୍ତେ ପକ୍କା ମଣ୍ଡପ, ରାତ୍ରିଯାପନ ପାଇଁ ମନ୍ଦିର କମିଟି ପକ୍ଷରୁ ନିର୍ମିତ ବିଶ୍ରାମଗାର ଭଳି ଅନେକ ସୁବିଧା ମଧ୍ୟ ରହିଛି । ଏଠାରେ ପ୍ରତିବର୍ଷ ବହୁ ଲୋକଙ୍କ ସମାଗମ ହୋଇଥାଏ ।



## ପାଳଙ୍ଗ ଶାଗ ସୁପ୍

ସାମଗ୍ରୀ:- ପାଳଙ୍ଗ ଶାଗ-ନାଡ଼ କଟା ହୋଇଥିବା-୨ ବିଡ଼ା, ପିଆଜ-୧ଟି (ଚୂନାମାଛ), ପିଆଜ-୧ଟି (ଚୂନାକଟା), ନିରାମିଷ ଷ୍ଟକ୍-୨ କପ୍, ପିଆଜ ଷଣ୍ଢା-୧ଟି (କଟା), ଲୁଣ-ଗୋଲମରିଚ ଗୁଣ୍ଡ- ଆବଶ୍ୟକ ମୁତାବକ, ବଟର୍-୨ ଚାମଚ, ଭିନେଗାର୍-୧/୨ ଚାମଚ, କ୍ଷୀର-୧ କପ୍, କର୍ଣ୍ଣଫ୍ଲୋର୍-୩ ଚାମଚ ।

ପ୍ରଣାଳୀ:-

ଶାଗ, ପିଆଜ ଓ ପିଆଜ ଶଣ୍ଢା ସବୁ ଧୋଇ କାଟି ଅଳ୍ପ ଆଞ୍ଚରେ ପାଣିଦେଇ ସିଝାଇବେ । ଭଲଭାବେ ସିଝିଗଲେ ବଡ଼ ଛଣାରେ ଦଳି ଦଳି ଛାଣିଦେବେ । ଏଥିରେ ନିରାମିଷ ଷ୍ଟକ୍, କ୍ଷୀର, ଲୁଣ, ଗୋଲମରିଚ ଦେଇ ଗ୍ୟାସ୍‌ରେ ବସାଇବେ । କର୍ଣ୍ଣଫ୍ଲୋର୍‌କୁ କ୍ଷୀର ବା ପାଣିରେ ମିଶାଇ ଏଥିରେ ଭିନେଗାର୍ ଢାଳିବେ । ଗୋଳାଇ ବାଉଲ୍‌କୁ କାଢ଼ିବେ । ଧନିଆପତ୍ର କଟା ଓ ବଟର ପକାଇ ଖାଇବାକୁ ଦେବେ । ଚାହିଁଲେ ସସ୍ ମିଶାଇ ଖାଇପାରିବେ ।

ନିରାମିଷ ଷ୍ଟକ୍:

ଗାଜର, ବିନ୍, ପାଳଙ୍ଗ ଶାଗ, ପୋଦିନା ପତ୍ର, ଧନିଆ ପତ୍ର, ରସୁଣ କୋଳା, କଟା ପିଆଜ, ପିଆଜ ଶଣ୍ଢା ଆଦିକୁ ଯଥେଷ୍ଟ ପାଣି ଦେଇ ଲୁଣ ଓ ଗୋଲମରିଚ ପକାଇ ଫୁଟାଇ ଛାଣିଦିଅନ୍ତୁ । ଏହି ପାଣିକୁ ନିରାମିଷ ଷ୍ଟକ୍ କୁହାଯାଏ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

# ସହଜ ହେବ ଟିକା ଯୋଗାଣ....

ଭାରତରେ ଏବେ କରୋନା ମହାମାରୀ ତା'ର ତାଣ୍ଡବଲୀଳା ଘଟାଇ ଚାଲିଥିବାବେଳେ ସମଗ୍ର ବିଶ୍ୱ ଆତଙ୍କିତ ଅବସ୍ଥାରେ ରହିଛି । ଭୂତାଣୁ ବିଜ୍ଞାନୀମାନେ ଏବେ ଭବିଷ୍ୟବାଣୀ ଶୁଣାଇଛନ୍ତି ଯେ, ଏବେ ଭାରତ ଯେଉଁ ପରିସ୍ଥିତିର ମୁକାବିଲା କରୁଛି ଆଗାମୀ ଦିନରେ ଅଧିକାଂଶ ରାଷ୍ଟ୍ରଙ୍କୁ ସେହି ଅବସ୍ଥାର ସମ୍ମୁଖୀନ ହେବାକୁ ପଡ଼ିପାରେ । ଯେପର୍ଯ୍ୟନ୍ତ ସମସ୍ତେ କରୋନାମୁକ୍ତ ହୋଇନାହାଁନ୍ତି ସେ ପର୍ଯ୍ୟନ୍ତ ବିଶ୍ୱ କରୋନାମୁକ୍ତ ବୋଲି କୁହାଯାଇ ପାରିବ ନାହିଁ । ତେଣୁ କରୋନା ପ୍ରତିଷେଧକ ଟିକାକୁ ନେଇ ଗତ ବୁଧବାର ଦିନ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଯେଉଁ ପ୍ରସ୍ତାବଟି ଦେଇଛନ୍ତି, ତାହାକୁ ଏହି ମହାବିପତ୍ତିରୁ ଉଦ୍ଧାର ପାଇବାର ଏକମାତ୍ର ପନ୍ଥା ବୋଲି ବିବେଚନା କରାଯାଉଛି । ରାଷ୍ଟ୍ରପତି ବାଇଡେ଼ନ୍ କରୋନା ପ୍ରତିଷେଧକ ଟିକା ଉପରେ ବୌଦ୍ଧିକ ସମ୍ପତ୍ତି ଅଧିକାର ଛାଡ଼ ପାଇଁ ପ୍ରସ୍ତାବ ଦେଇଛନ୍ତି । ଏହାକୁ ଭାରତ ସମେତ ଶତାଧିକ ବିକାଶଶୀଳ ରାଷ୍ଟ୍ର ସମର୍ଥନ କରିଛନ୍ତି । ଯଦି ତାହା ବାସ୍ତବତାର ରୂପ ନିଏ ତେବେ ଶସ୍ତାରେ ଓ ବିପୁଳ ପରିମାଣର ଗୁଣାତ୍ମକ ପ୍ରତିଷେଧକ କରୋନା ଟିକା ବିଶ୍ୱବ୍ୟାପୀ ଉପଲବ୍ଧ ହେବ ଏବଂ ତାହା ସମସ୍ତଙ୍କୁ ଦିଆଯାଇପାରିବ । କିନ୍ତୁ ରାଷ୍ଟ୍ରପତି ବାଇଡେନଙ୍କ ପ୍ରସ୍ତାବ ଯେ ଏହାକୁ ଏତେଶୀଘ୍ର ବାସ୍ତବତାର ରୂପ ପ୍ରଦାନ କରିବ ତାହା ଭାବିବା ଅନୁଚିତ୍ । ଯେତେବେଳେ ଆମେରିକା ଏଭଳି ପ୍ରସ୍ତାବ ଦେଇଛି ୟୁରୋପୀୟ ଓ ଆମେରିକୀୟ ଫାର୍ମା କମ୍ପାନୀମାନଙ୍କ ହାତରେ ହିଁ ଏହି ଆଇପିଆର ଏବେ ମହଜୁଦ ରହିଛି । ସେମାନେ ମଧ୍ୟ ଏହା ଉପରେ ଶହଶହ କୋଟି ୟୁରୋ ଏବଂ ଡଲାର ଖଟାଇଛନ୍ତି । ହଠାତ୍ ଲାଭ ପାଇଲା ବେଳକୁ ତାହାକୁ ମୂର୍ଚ୍ଛିବା ବ୍ୟାବସାୟିକ କମ୍ପାନୀମାନଙ୍କ ପାଇଁ ସେମାନଙ୍କ ନୀତି-ବିରୁଦ୍ଧ କାର୍ଯ୍ୟ ହେବ । କେବଳ ଭାରତ କିମ୍ବା ଦକ୍ଷିଣଣ ଆଫ୍ରିକା ଅବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମୁଖ୍ୟ ଡକ୍ଟର ଟେଡ୍ରୋସ ଆଧାନୋମ୍ ଘିବ୍ରେସସ୍ ନୁହଁନ୍ତି, କରୋନା ମହାମାରୀ ଆରମ୍ଭ ହେବା ଦିନଠାରୁ ବିଶ୍ୱର ଅନେକ ମାନବାଧିକାର ସଂଗଠନ ଓ ବିଶ୍ୱବାଦୀ ନେତୃବର୍ଗ ଏଭଳି ଭୟଙ୍କର ମହାମାରୀ ପାଇଁ ଆବିଷ୍କୃତ ଔଷଧ ଉପରୁ ଏକଚାଟିଆ ଅଧିକାର ଛାଡ଼ ପାଇଁ ଦାବି କରିଆସୁଛନ୍ତି । ତେବେ ଆଇପିଆର ଛାଡ଼ ପାଇଁ ନିଷ୍ପତ୍ତି ଗ୍ରହଣ କରିବାର ଚୂଡ଼ାନ୍ତ ସଂସ୍ଥା ହେଲା ବିଶ୍ୱ ବାଣିଜ୍ୟ ସଂଗଠନ । ଡବ୍ଲୁଟିଓର ଧାରା ୯(୩) ଏବଂ ୯(୪)ରେ ଥିବା ବ୍ୟବସ୍ଥା ଅନୁସାରେ କୌଣସି ଏକ ବିଶେଷ ପରିସ୍ଥିତିରେ ବିଶେଷ ପଦକ୍ଷେପ ଗ୍ରହଣପୂର୍ବକ ପ୍ରଚଳିତ ଏକ ବିଶେଷ, ପରିସ୍ଥିତିରେ ବିଶେଷ ପଦକ୍ଷେପ ଗ୍ରହଣପୂର୍ବକ ପ୍ରଚଳିତ ବିଧିକୁ ସାମୟିକ ଭାବେ ବଦଳାଯାଇ ପାରିବ ବୋଲି ଯେଉଁ ପ୍ରବଧାନଟି ରହିଛି ତାହାକୁ ଏବେ ସମସ୍ତେ ଚାତକ ପରି ଚାହିଁ ରହିଛନ୍ତି । ଡବ୍ଲୁଟିଓ କିମ୍ବା ୟୁରୋପୀୟ ସଂଘଙ୍କ ନିଷ୍ପତ୍ତି ଯଦି ସକରାତ୍ମକ ହୁଏ, ତେବେ ଯେଉଁ ଫାର୍ମା କମ୍ପାନୀମାନଙ୍କ ହାତରେ କରୋନା ପ୍ରତିଷେଧକ ଟିକାର ଏକଚାଟିଆ ଅଧିକାର ରହିଛି ସେମାନେ ନିଜ ଫର୍ମୁଲାକୁ ମୁକ୍ତ କରିଦେବେ । ଏହା ଫଳରେ ସାରା ବିଶ୍ୱର ଯେକୌଣସି ରାଷ୍ଟ୍ର କିମ୍ବା ଫାର୍ମା କମ୍ପାନୀ ଅବାଧରେ ସେହି ଫର୍ମୁଲାରେ ଟିକା ପ୍ରସ୍ତୁତ କରିପାରିବେ । ସମସ୍ତଙ୍କୁ ଯଥାଶୀଘ୍ର ଟିକା ମିଳିପାରିବ ଏବଂ କରୋନା ଭୟ ମଧ୍ୟ ଦୂର ହୋଇପାରିବ । ବୈଶ୍ୱିକ ଆପଦା କରୋନା ମହାମାରୀକୁ ନେଇ ବିଶ୍ୱ ଯେତେ ଏକଜୁଟ ବୋଲି ଆଖିରୁ ଲୁହ ଗଡ଼ାଇଲେ ସୁଦ୍ଧା ଆର୍ଥିକ ମୁନାଫାକୁ ନେଇ ବିଶ୍ୱ ପୂର୍ବରୁ ଯେତିକି ବିଭାଜିତ ଥିଲା ଏବେ ମଧ୍ୟ ସେତିକି ବିଭାଜିତ ରହିଛି । ମାନବ ସମାଜ ସଦାବେଳେ ଧନୀ ଓ ଗରିବ ଭାବେ ବିଭାଜିତ । ପାଶ୍ଚାତ୍ୟ ରାଷ୍ଟ୍ରମାନେ ଏହାକୁ ମାନବାଧିକାର କିମ୍ବା ବୌଦ୍ଧିକ ସମ୍ପତ୍ତି ଅଧିକାରର ପୁଟ ଦେଇ ନିଜ ସ୍ୱାର୍ଥ ସିଦ୍ଧି ନିମନ୍ତେ ସେମିତି ସୁରକ୍ଷିତ ରଖିଆସିଛନ୍ତି । ତେଣୁ କରୋନା ମହାମାରୀ ସେମାନଙ୍କ ପାଇଁ ଅର୍ଥ ଉପାର୍ଜନର ଆଉ ଏକ ମାର୍ଗ ପାଲଟିଛି । ଏହି ପୃଷ୍ଠଭୂମିରେ ଏବେ ତୃତୀୟ ବିଶ୍ୱର ରାଷ୍ଟସମୂହ ୟୁରୋପୀୟ ସଂଘ ଏବଂ ବିଶ୍ୱ ବାଣିଜ୍ୟ ସଂଗଠନଙ୍କ ନିଷ୍ପତ୍ତିକୁ ଚାତକ ପରି ଅପେକ୍ଷା କରି ରହିଛନ୍ତି । ଜୋ ବାଇଡେନଙ୍କ ପ୍ରସ୍ତାବର ଭାଗ୍ୟ ଉପରେ ବିଶ୍ୱର ତିନି-ଚତୁର୍ଥାଂଶ ଲୋକଙ୍କ ଭାଗ୍ୟ ନିର୍ଭରଶୀଳ । ପ୍ରତୀୟମାନ ହୁଏ ପୁଷ ମାସ ଓ ସର୍ବନାଶ ଯେମିତି ଗୋଟିଏ ସରଳରେଖାରେ ଧାବମାନ ।

## କବିତା କୋଣାର୍କ

### ଆମ ପ୍ରବାସୀ ଶ୍ରମିକ...

ଅମୂଲ୍ୟ କୁମାର ପଣ୍ଡା

ଭୋକିଲା ପେଟର ଅସହ୍ୟ ଯନ୍ତ୍ରଣା
ସମ୍ଭାଳି ନିଜର କଷ୍ଟ
ପ୍ରବାସୀ ଆମର ଫେରି ଆସୁଛନ୍ତି
ରାସ୍ତା ଘାଟେ ଚିତ୍ର ସ୍ପଷ୍ଟ
କିଏ ଆସେ କେତେ ଦୂରୁ
ଚାଲିଛନ୍ତି ସିଏ ଦିନ ପରେ ରାତି
ପେଟଟି ପୁରୁ ନ ପୁରୁ ।

ପେଟପାଇଁ ସିନା ଯାଇଥିଲେ ଦୂରେ
ଛାଡି ଗାଆଁ ଭିଟାମାଟି
ଖୁସିରେ କିଏ ସେ ଯାଏନି ପ୍ରବାସେ
ତେଜି ନିଜ ଜନ୍ମମାଟି
କଳ କାରଖାନା ମାନ
ତାଙ୍କରି କଷ୍ଟରେ ସବୁ ଉତ୍ପାଦନ
ସବୁ ଯେ ତାଙ୍କରି ଦାନ ।

ମହାମାରୀ ଆଜି ମାଡି ଯେ ଆସିଲା
ସର୍ବେ ହେଲେ ସଚେତନ
କାମଧନ୍ଦା ତାଙ୍କ ବନ୍ଦ ହୋଇଗଲା
ବିଚଳିତ ତାଙ୍କ ମନ
ଭୋକେ ପେଟ ଜର ଜର
ଇଷ୍ଟଦେବ ସ୍ମରି ଚାଲନ୍ତି ସଭିଏଁ
ଏକ ମୁହାଁ ହୋଇ ଘର ।

କିଏ ସେ ଚାଲୁଛି ସାଇକେଲ ଧରି
ପାଦରେ ଅବା ଯେ କିଏ
ଟ୍ରଲିବ୍ୟାଗ୍ ପରେ ପିଲାକୁ ଶୁଆଇ
କିଏ ଟାଣି ଟାଣି ନିଏ
ଗୋଟାଏ ତାଙ୍କର ଲକ୍ଷ୍ୟ
ଯେତେ ଝଡ଼ ଆସୁ ସାମନା କରିବେ
ଦେଖାଇ ଦେଇକି ବକ୍ଷ ।

କେତେ ଗର୍ଭବତୀ ମାଆ ସେ ରାସ୍ତାରେ
ଭୋକେ ହୋଇ ଛଟପଟ
ପାଣି ପିଇ ପିଇ ସନ୍ତାନେ ସାନ୍ତ୍ୱନା
ମିଳେନାହିଁ ରୁଟିପଟ
କିଏ ଭୋକେ ଯାଏ ମରି
କାହାର ଜୀବନ ରେଳ ଧାରଣାରେ
ଅକାରଣେ ଯାଏ ଝରି ।

ପେଟର ଛୁଆକୁ ସହି କେ ନପାରି
ବାଟେ ଦେଇ ଦିଏ ଜନ୍ମ
କାହାର ପୁଣି ଯେ ଛାଲ ପଡିଯାଏ
ଚାଲି ଚାଲି ପାଦ ଚର୍ମ
କରୁଣର ପ୍ରତିଛବି
ସତେକି ସେମାନେ ଦେଖିବେ ଗାଆଁରେ
ନୂତନ ଉଦୟ ରବି !

ପ୍ରବାସୀ ମାନଙ୍କ ଏହି ସମୟରେ
ସାହାଯ୍ଯ କରିଲେ ଆମେ
ସ୍ୱର୍ଗ ସୁଖ ସମ ପୁଣ୍ୟ ମିଳିଯିବ
ଏହି ଆମ ଧରା ଧାମେ
କରିବା ସ୍ୱାଗତ ଯେବେ
ଯେତେ ଦୁଃଖ ଥିଲେ ହସିବେ ସେମାନେ
ହସିବ ଜଗତ ତେବେ ।

+ଅରଙ୍ଗାବାଦ, ବରୀ, ଯାଜପୁର
ମୋ :- ୯୯୩୮୯୦୬୦୭୦

# ବିଶ୍ୱବିଜୟୀ ଭାରତୀୟ

ସୌମେନ୍ଦ୍ର ଜେନା

କଥାରେ କହନ୍ତି ଯାହା ନାହିଁ ଭାରତେ ତାହା ନାହିଁ ଜଗତେ । ଅର୍ଥାତ୍ ଭାରତରେ ଯାହା ନାହିଁ ଜଗତରେ ତାହା ନାହିଁ । ଏହାର ଅର୍ଥ ହେଲା ଭାରତର ଜଗତ ସହ ରହିଥିବା ପାରସ୍ପରିକ ପରିପୂରକ ସଂପର୍କ । ଭାରତରେ ଯେଉଁସବୁ ବିବିଧତା ଦୃଶ୍ୟମାନ ହୋଇଥାଏ ସେହିସବୁ ବିବିଧତାକୁ ନେଇ ଭାରତୀୟମାନେ ଜଗତକୁ ଅଧିକ ସୁନ୍ଦର ହେବାରେ କାରକ ହୋଇଥାନ୍ତି । ଏହି ବିବିଧତା ଜ୍ଞାନରୁ ବିଜ୍ଞାନ,ଅଧ୍ୟାତ୍ମରୁ ଅଙ୍କ ପର୍ଯ୍ୟନ୍ତ ପରିବ୍ୟାପ୍ତ । ସେଥିପାଇଁ ଭାରତର ଐତିହ୍ୟ, ପରମ୍ପରାକୁ ଯୁଗେ ଯୁଗେ ବିଦେଶୀ ପର୍ଯ୍ୟଟକ ଫାହିୟାନ, ମେଘାସ୍ଥିନିସ ଆଦି ପ୍ରଶଂସା କରିଛନ୍ତି । ସମୟକ୍ରମେ ବହିର୍ବାଣିଜ୍ୟ, କୃଷି, ଜ୍ଞାନ ବିଜ୍ଞାନ, ଆଧ୍ୟାତ୍ମିକ ଚିନ୍ତା ଓ ଚେତନାକୁ ଭାରତୀୟମାନେ ସମଗ୍ର ବିଶ୍ୱକୁ ପରିବ୍ୟାପ୍ତ କରି ଅନ୍ୟମାନଙ୍କୁ ପ୍ରଭାବିତ କରିଆସିଛନ୍ତି । ଅତୀତରେ ସନାତନୀ ଚେତନା, ବୌଦ୍ଧଧର୍ମ ଯେପରି ଭାରତରୁ ବାହାରି ପୃଥିବୀକୁ ଆଲୋକିତ କରିଥିଲା ଠିକ୍ ସେହିପରି ଭାରତୀୟ ସଂସ୍କୃତି ଏସିଆ ମହାଦେଶର ବିଶାଳ ଭୂଖଣ୍ଡକୁ ଚେତନାଦୀପ୍ତ କରିଥିଲା । ସେଥିପାଇଁ ପୃଥିବୀର ଅନ୍ୟାନ୍ୟ ଧର୍ମରେ ଗୋଟିଏ ଗୋଟିଏ ଗ୍ରନ୍ଥ ଥିଲାବେଳେ ଭାରତର ସନାତନୀମାନଙ୍କର ଧାର୍ମିକ ଗ୍ରନ୍ଥର ଭଣ୍ଡାର ବିଶାଳ ।

ଏସିଆରୁ ଆଫ୍ରିକା, ଅଷ୍ଟ୍ରେଲିଆ, ଇଉରୋପ ଆଦି ମହାଦେଶରେ ଭାରତୀୟମାନେ ଅତୀତରୁ ଆଜିଯାଏ ନିଜସ୍ୱ ଦକ୍ଷତା ପ୍ରଦର୍ଶନ କରି ଅନ୍ୟମାନଙ୍କୁ ଚମତ୍କୃତ କରିଆସିଛନ୍ତି । ଋଷି କଣାଦଙ୍କ ପରମାଣୁତତ୍ତ୍ୱ, ବରାହ ମିହିରଙ୍କ ଗଣନା, ଆର୍ଯ୍ୟଭଟ୍ଟଙ୍କର ମହାକାଶ ତତ୍ତ୍ୱ ଆଦି ପୃଥିବୀର ଜନମାନସକୁ ହଜାର ହଜାର ବର୍ଷ ଧରି ପ୍ରଭାବିତ କରିଆସିଛି । ବିଶ୍ୱର ଜ୍ଞାନ ଭଣ୍ଡାରକୁ ସମୃଦ୍ଧ କରିବାରେ ଏମାନଙ୍କର ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଛି । ବୌଦ୍ଧ, ଜୈନ, ସନାତନୀ, ଶିଖ୍ ଆଦି ଧାର୍ମିକ ଚେତନା ଭାରତରୁ ବାହାରି ବିଶ୍ୱର କୋଣ ଅନୁକୋଣକୁ ବ୍ୟାପିଛି । ଅତୀତରେ ଧର୍ମପ୍ରସାରଣରେ ପଦ୍ମସମ୍ଭବ ଓ ନାଗାର୍ଜୁନ, ଶାସନର ବୃଦ୍ଧିରେ ରାଜେନ୍ଦ୍ର ଚୋଳ, ଶୈଳେନ୍ଦ୍ର ଆଦି ରାଜା ମହାରାଜାମାନେ ବିଶ୍ୱବାସୀଙ୍କ ଦୃଷ୍ଟି ଆକର୍ଷିତ କରାଇବାକୁ ସକ୍ଷମ ହୋଇଥିଲେ । ଭାରତୀୟ ମନିଷୀଙ୍କ ମନୀଷା ଯୋଗୁ ଜଗତର ଜ୍ଞାନଭଣ୍ଡାର ବେଶ୍ ପରିପୂର୍ଣ୍ଣ ହୋଇଥିଲା । ଶାସନଗତ ସୁବିଧା ପାଇଁ ଜନପଦଗୁଡିକର ପରିକଳ୍ପନା, ପେସାଦାର ଲୋକଙ୍କ ସୁବିଧାପାଇଁ ପାରମ୍ପାରିକ ପାରିବାରିକ ସ୍ତରରେ ଭିନ୍ନ ଭିନ୍ନ ପେସାଗତ ଶିକ୍ଷାର ବ୍ୟବସ୍ଥା ଆଦି କାର୍ଯ୍ୟକାରୀ କରିବାରେ ଭାରତ ହିଁ ଆଗୁଆ ରହିଥିଲା । ହଜାର ହଜାର ବର୍ଷ ଧରି ଭିନ୍ନ ଭିନ୍ନ ପେସାର ପରିବାର ଓ ସମାଜ ସୃଷ୍ଟିରେ ଭାରତ ଯେଉଁ ପରମ୍ପରା ସୃଷ୍ଟି କରିଥିଲା ତାହା ଆଜି ସମସ୍ତଙ୍କୁ ଚକିତ କରୁଛି । ଭାରତୀୟ ଲୋକେ ଇତିହାସର ବ୍ରୋଞ୍ଜ ଯୁଗରେ କେନ୍ଦ୍ର ଏସିଆର ଭିନ୍ନ ଭିନ୍ନ ଦେଶରେ ବାଣିଜ୍ୟ କେନ୍ଦ୍ର ସ୍ଥାପନ କରିଥିବାର ପ୍ରମାଣ ଏବେ ମିଳୁଛି । ସେହିପରି ଆଧୁନିକ କାଳରେ ଭୋଲଗା ନଦୀର ମୁହାଁଣରେ ଖ୍ରୀ ୧୬୧୦ ବେଳକୁ ଭାରତୀୟ ବେପାରୀମାନେ ବଣିଜ କରିବା ସହ ଅଷ୍ଟ୍ରାଖାନ, ମସ୍କୋ, ସେଣ୍ଟ ପିଟର୍ସବର୍ଗରେ ମଧ୍ୟ ନିଜର ସ୍ଥିତିକୁ ମଜଭୁତ କରିଥିଲେ । ସୁଲତାନ, ଶିକରପୁର, ପାରସ୍ୟର ସାଫାବିଡ, ହମାଦାନ, କେରମାନ ଆଦି ସ୍ଥାନରେ ଭାରତୀୟ ବେପାରୀମାନେ ଏକଦା ଖୁବ୍ ପ୍ରସିଦ୍ଧି ଲାଭ କରିଥିଲେ । ତେଣୁ ଇରାନରେ ଅଟୋମନ ଓ ଅଫଗାନ ଯୁଦ୍ଧ (୧୭୨୨-୨୭) କାଳରେ ବହୁସଂଖ୍ୟକ ଭାରତୀୟ ବ୍ୟବସାୟୀଙ୍କୁ ହତ୍ୟା କରାଯାଇଥିଲା । ଭାରତୀୟ ବ୍ୟବସାୟୀମାନେ ଆର୍ମେନୀୟ, ଇହୁଦିମାନଙ୍କ ସହ ମିଳିମିଶି ରହୁଥିବା ବିଷୟ ନେଇ ଜିନ୍ ଗ୍ରୁଡିନ, ଜିନ ଡେ ଥେଭେନଟ୍, ଆଡାମ ଓଲେରିୟସ, ଏଫ ଏ କୋଟୋଭ ପ୍ରମୁଖ ସେମାନଙ୍କ ଲେଖାରେ ଉଲ୍ଲେଖ କରିଛନ୍ତି । ଜର୍ଜ ଫୋରେଷ୍ଟରଙ୍କ କହିବାନୁସାରେ ଖ୍ରୀ ୧୭୮୩ ବେଳକୁ ସମରକନ୍ଦ ଓ ବୁଖାରନ୍‌ର ବ୍ୟବସାୟୀମାନେ କାନ୍ଦାହାରର ଭାରତୀୟ ହିନ୍ଦୁ ବେପାରୀଙ୍କ ଠାରୁ ଅନେକ ବସ୍ତୁ କ୍ରୟ କରି ସେମାନଙ୍କ ଦେଶରେ ବିକ୍ରି କରୁଥିଲେ । ଖ୍ରୀ ୧୮୧୫ରେ ଏଲଫିନଷ୍ଟୋନ ଦେଖିଥିଲେ ଯେ ସବୁଠୁ ବଡ ଘରଗୁଡିକ ହିନ୍ଦୁ ବ୍ୟବସାୟୀମାନଙ୍କର ଥିଲା । ଆଫଗାନିସ୍ଥାନର କାନ୍ଦାହାରରେ ୩୫୦ରୁ ଅଧିକ ଦୋକାନ ହିନ୍ଦୁମାନଙ୍କର ମାଲିକାନାରେ ଥିବା ନେଇ ଲୁମ୍ସଡେନ୍ ଉଲ୍ଲେଖ କରିଛନ୍ତି । ମଧ୍ୟପ୍ରାଚ୍ୟକୁ ଅର୍ଥ, ମୂଲ୍ୟବାନ ଧାତୁ, କପଡା ଆଦି ଏମାନେ ଯୋଗାଉଥିଲେ । କାବୁଲ, ପେଶାଓ୍ୱାର, ବଲଖ ଆଦି ସ୍ଥାନରେ ବସବାସ କରୁଥିବା ହିନ୍ଦୁ ବ୍ୟବସାୟୀମାନେ କେନ୍ଦ୍ର ଏସିଆର ରାଷ୍ଟ୍ରଗୁଡିକ ସହ ବାଣିଜ୍ୟ କରୁଥିଲେ । ଚୀନର ଜିନ୍‌ଜିୟାଙ୍ଗ ପ୍ରଦେଶରେ ହିନ୍ଦୁ ବ୍ୟବସାୟୀମାନଙ୍କୁ ଉଇଘୁର ମୁସଲିମମାନେ ଟାର୍ଗେଟ କରି ହତ୍ୟା କରୁଥିବା ନେଇ ବ୍ରିଟେନ ସରକାରଙ୍କ ନିକଟରେ ଅଭିଯୋଗ ହୋଇଥିଲା । କାଶ୍ମୀରର ସାମ୍ନା ବଜାରରେ ଦୁଇଜଣ ହିନ୍ଦୁ ବ୍ୟବସାୟୀଙ୍କୁ ଅତି ନୃସଂଶ ଭାବେ ଉଇଘୁର ଲୋକେ ହତ୍ୟା କରିଥିଲେ । ହିନ୍ଦୁ ବ୍ୟବସାୟୀମାନଙ୍କୁ କାସଗରୀ ଗୋଷ୍ଠୀ ଟାର୍ଗେଟ କରି ହତ୍ୟା କରୁଥିଲେ । ୨୩ମାର୍ଚ୍ଚ ୧୯୩୩ରେ ପୋସଗାମ ଏବଂ ବାରଘାଲିକଠାରେ ସମାନ ଢଙ୍ଗରେ ହିନ୍ଦୁ ବ୍ୟବସାୟୀଙ୍କୁ ହତ୍ୟା କରାଯାଇଥିଲା । ବୁଘରା ଅମିରଙ୍କ ଦ୍ୱାରା ଖୋତାନଠାରେ ହିନ୍ଦୁ ବ୍ୟବସାୟୀ ହତ୍ୟାର ଶିକାର ହୋଇଥିଲେ । ୨୪ମାର୍ଚ୍ଚ ୧୯୩୩ରେ ବାର୍ଘାଲିକ ଏବଂ କେରିୟାଠାରେ ରୟ ସାହେବ ଦୀପଚନ୍ଦଙ୍କ ସମେତ ନଅ ଜଣ ହିନ୍ଦୁଙ୍କୁ ହତ୍ୟା କରାଯାଇଥିଲା । ୧ମ ଶତାବ୍ଦୀରେ ଚୀନ ୟୁନାନ୍ ପ୍ରଦେଶ ହାନ୍ ରାଜାଙ୍କ ଶାସନ କାଳରେ ଦେଶରେ ମିଶ୍ରଣ ହେବା ବେଳେ ସୋନଡୁ ନାମକ ଭାରତୀୟ ଗୋଷ୍ଠୀ ଚୀନରେ ଥିବାର ଉଲ୍ଲେଖ ମିଳିଥାଏ ।

ଇଂରେଜମାନଙ୍କ ଶାସନ କାଳରେ ପୂର୍ବ ଉତ୍ତର ପ୍ରଦେଶ ଓ ବିହାରର ଭୋଜପୁରୀ ଏବଂ ଅବଧି କହୁଥିବା ଶ୍ରମିକମାନେ ଅନ୍ୟ ଦେଶକୁ ଚାଷକାର୍ଯ୍ୟ କରିବାକୁ ଯାଇଥିଲେ । ଉନବିଂଶ ଶତାବ୍ଦୀର ମଧ୍ୟଭାଗରୁ ଏହି ଗିରିମିଟିଆ ଶ୍ରମିକମାନେ ମରିସସ,ଗୁଏନା,ତ୍ରିନିଦାଦ ଓ ଟୋବାଗୋ, ସୁରିନାମ, ଜାମାଇକା, ଗୁଆଡେଲୋପ, ମାର୍ଟିନିକ, ବେଲିଜେ, ଗ୍ରେନେଡାଇନ୍, ସେଣ୍ଟ ଲୁସିଆ, ଫିଜି, ରିୟୁନିଅନ, ସେଚେଲେସ, ମାଲେସିଆ, ସିଙ୍ଗାପୁର, କେନିଆ, ସୋମାଲିଆ, ତାଞ୍ଜାନିଆ, ଉଗାଣ୍ଡା, ଦକ୍ଷିଣ ଆଫ୍ରିକା ଆଦି ଦେଶଗୁଡିକୁ ଯାଇଥିଲେ । ସେହିପରି ଗୁଜରାଟୀ ଏବଂ ସିନ୍ଧି ବ୍ୟବସାୟୀମାନେ ଆରବର ଏଡେନ, ଓମାନ, ବାହାରିନ,ଦୁବାଇ, ଦକ୍ଷିଣ ଆଫ୍ରିକାରେ ବସବାସ କରି ବାଣିଜ୍ୟ କାରବାରରେ ସାମିଲ ହୋଇଥିଲେ ।

ଭାରତର ସ୍ୱାଧୀନତା ପରେ ଭାଷାଗତ ସୁବିଧା ଦୃଷ୍ଟିରୁ ଅଧିକ ଭାରତୀୟ ଶିକ୍ଷାପରେ ସାଉଦି ଆରବ, ଏମିରେଟ, ଆମେରିକା, ପୂର୍ବଏସିଆ, ଜାପାନ, ଇଉରୋପର ଦେଶ ସମୂହରେ କାର୍ଯ୍ୟ କରିବାକୁ ଅଧିକ ପସନ୍ଦ କଲେ । ଏବେ ବିଦେଶରେ ରହୁଥିବା ମୋଟ ଭାରତବଂଶୀ ଲୋକଙ୍କ ମଧ୍ୟରୁ ପ୍ରାୟ ୭୦ପ୍ରତିଶତ କେବଳ ୬ଟି ଆରବ ରାଷ୍ଟ୍ର ସାଉଦି ଆରବ, ଏମିରେଟ, କୁଏତ, ଓମାନ କାତାର ଓ ବାହାରିନ ଠାରେ କାର୍ଯ୍ୟରତ । ଏହାଛଡା ପ୍ରାୟ ୨୦୦ଟି ଦେଶରେ ଭାରତବଂଶୀ ଲୋକେ ବସବାସ କରୁଥିବା ତଥ୍ୟରୁ ଜଣାପଡେ । ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ତଥ୍ୟାନୁଯାୟୀ ଭାରତ ବାହାରେ ଥିବା ଭାରତୀୟମାନେ ୨୦୧୮-୧୯ରେ ୭୬.୪ ବିଲିଅନ ଡଲାର, ୨୦୧୯-୨୦ରେ (ଏପ୍ରିଲ -ସେପ୍ଟେମ୍ବର) ପ୍ରାୟ ୪୧.୯ ବିଲିଅନ ଡଲାର ଅର୍ଥ ଭାରତକୁ ପଠାଇଥିଲେ । ଜନସଂଖ୍ୟା ଦୃଷ୍ଟିରୁ ଭାରତୀୟଙ୍କ ପ୍ରମୁଖ ପସନ୍ଦଯୋଗ୍ୟ ରାଷ୍ଟ୍ରଗୁଡିକ ହେଲା ଏମିରେଟ, ସାଉଦି ଆରବ, ଆମେରିକା, କୁଏତ, ଓମାନ, କାତାର,ନେପାଳ, ବ୍ରିଟେନ, ସିଙ୍ଗାପୁର, ବାହାରିନ । ଅଟଳ ବିହାରୀ ବାଜପେୟୀ ପ୍ରଧାନମନ୍ତ୍ରୀ ଥିବା ସମୟରେ ଭାରତବଂଶୀମାନଙ୍କ ଉପରେ ଦୃଷ୍ଟିରଖି ୨୦୦୩ ଜାନୁଆରୀ ୯ ତାରିଖରେ ପ୍ରବାସୀ ଭାରତୀୟ ଦିବସ ପାଳନର ଶୁଭାରମ୍ଭ କରିଥିଲେ । ସେବେଠାରୁ ଏହି ଦିବସଟି ଆଜିଯାଏ ପାଳିତ ହୋଇଆସୁଛି । ସଫଳ ଭାରତବଂଶୀଙ୍କୁ ପ୍ରବାସୀ ଭାରତୀୟ ସମ୍ମାନ ପ୍ରଦାନ କରାଯାଉଛି ।

ଭାରତ ବାହାରେ ଥିବା ଭାରତୀୟମାନେ ବାସ କରୁଥିବା ରାଷ୍ଟ୍ରଗୁଡିକରେ ଭାରତର ସିନେମା, ଭାଷା, ସଂସ୍କୃତିର ବାର୍ତ୍ତାବହ ଭାବେ କାର୍ଯ୍ୟ କରିଛନ୍ତି । ଅଷ୍ଟ୍ରେଲିଆରେ ଭାରତୀୟମାନେ ହେଉଛନ୍ତି ସବୁଠୁ ଅଧିକ ଶିକ୍ଷିତ ପ୍ରବାସୀ ଗୋଷ୍ଠୀ । ଏମାନଙ୍କ ମଧ୍ୟରେ ୫୪.୬ ପ୍ରତିଶତ ସ୍ନାତକ ଡିଗ୍ରୀଧାରୀ ରହିଛନ୍ତି । ସେମିତି ବ୍ରିଟେନରେ ଥିବା ଭାରତବଂଶୀ ଲୋକେ ଅଧିକ ପେସାଦାର ଏବଂ ସଫଳ ମ୍ୟାନେଜର ଗୋଷ୍ଠୀ ଭାବେ ପରିଚିତ । କାନାଡାର କୃଷି, ଶିଳ୍ପ, ରାଜନୀତି କ୍ଷେତ୍ରରେ ଭାରତବଂଶୀ ଲୋକେ ଅଧିକ ସକ୍ରୀୟ । ନିଉଜିଲାଣ୍ଡରେ ଭାରତବଂଶୀ ଲୋକେ ଏସୀୟ ଲୋକଙ୍କ ମଧ୍ୟରେ ଦ୍ୱିତୀୟ ବୃହତ୍ ଗୋଷ୍ଠୀ । ନିଉଜିଲାଣ୍ଡରେ ଫିଜି ହିନ୍ଦୀ ହେଉଛି ୪ର୍ଥ ବଡ ଭାଷା । ଯୁକ୍ତରାଷ୍ଟ୍ର ଆମେରିକାରେ ଚୀନା ଏବଂ ଫିଲିପାଇନ୍ସ ଲୋକଙ୍କ ପରେ ଭାରତବଂଶୀ ଲୋକେ ତୃତୀୟ ବଡ ଗୋଷ୍ଠୀ । ଏମାନେ ଅନ୍ୟ ଗୋଷ୍ଠୀଗୁଡିକ ତୁଳନାରେ ଅଧିକ ଶିକ୍ଷିତ ଓ ରୋଜଗାରକ୍ଷମ । ଆମେରିକାରେ ପ୍ରବାସୀ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଏଚ-୧ ଭିସାର ୮୦ ପ୍ରତିଶତ କେବଳ ଭାରତୀୟ ଛାତ୍ରଛାତ୍ରୀ ପାଇଥାନ୍ତି । ଭାରତର ବାଣିଜ୍ୟିକ ପରିଚ୍ଛଳନା ଶିକ୍ଷାନୁଷ୍ଠାନରୁ ବାହାରୁଥିବା ୨୩ ପ୍ରତିଶତ ଛାତ୍ରଛାତ୍ରୀ ଆମେରିକାରେ କାର୍ଯ୍ୟ କରିବା ପାଇଁ ଆଗ୍ରହୀ ହେଉଛନ୍ତି ।

+ଭାରତୀୟ ସମ୍ବାଦ ସେବା (ଭାସ)
ଭୁବନେଶ୍ୱର-୭୫୧୦୦୩

## କବିତା କୋଣାର୍କ

### ଟିକା ନେବା ହସି ହସି...

ଶରତ କୁମାର ଦାସ

କରୋନାର ପରା ଦ୍ୱିତୀୟ ଲହର
ଆସିଛି ଧରାକୁ ପୁଣି,
ବୀର ଦରପରେ ଆଗେଇ ଚାଲିଛି
ଭୟର ମଂଜିକୁ ବୁଣି ।

ଭୂତାଣୁ ଜନିତ ରୋଗଟିଏ ପରା
ଦୁଃଖ ଦିଏ ଅସୁମାରି,
କଲବଲ କରି ମାରୁଛି ଲୋକଙ୍କୁ
ନାଆଁ ତେଣୁ ମହାମାରୀ ।

ନୂଆ ନୂଆ ରୂପ ଧରି ଚାଲେ ବାଟ
କେତେ ଯେ ଫିକର ଫନ୍ଦୀ,
ତା' ଡରରେ ଲୋକେ
ଥରହର ଯେତେ
ଘରେ ହୋଇଛନ୍ତି ବନ୍ଦୀ ।

ଗତ ବରଷରେ ଆସିଥିଲା ସିଏ
ଅଲୋଡା ଅତିଥି ପରି,
ନୂଆ ଏକ ବେଶେ ଏ ବରଷ ସିଏ
ଛନକା ଦେଇଛି ଭରି ।

ଝାଡା,ପେଟବଥା,
ଘୋଳାବିଂଧା ,ଜର
ସାଥେ ପୁଣି ଛିଙ୍କ,କାଶ,
ଏ ସବୁ ଲକ୍ଷଣ ପରକାଶି ସିଏ
ଗରବେ କରୁଛି ନାଶ ।

ଡରିବାନି ଆମେ ଭୂତାଣୁକୁ ଜମା
ଲଢିବା ସାହାସ କରି,
ନିୟମ ଯେତକ ମାନିଚାଲୁଥିଲେ
ବିପଦରୁ ଯିବା ତରି ।

ଗହଳି ଜାଗାକୁ ଯିବା ନାହିଁ କେବେ
ପିନ୍ଧିଥିବା ମାସ୍କ ମୁଖେ,
ଦୂରତା ରଖିକି ଚଳୁଥିବା ଯେବେ
ତେବେ ତ ବଂଚିବା ସୁଖେ ।

ବାର ବାର ଆମେ ଧୋଉଥିବା ହାତ
ସାବୁନ ପାଣିରେ ଭଲେ,
ଭୂତାଣୁ ମୁକତ ହେବ ଆମ ଘର
ସଫାସୁତୁରାଟି କଲେ ।

ମାଂସ,ମାଛ, ଅଣ୍ଡା ଫଳ ଓ ପରିବା
ଯତନେ ଖାଇବା ଧୋଇ,
ରୋଗ ପ୍ରତିରୋଧ ଶକତି ବଢିବ
ଭୟ ଯିବ ଦୂର ହୋଇ ।

ଭଲ କଥା ଯେତେ ମନକୁ ଆଣିବା
ମନ୍ଦ କଥା ଦେବା ତଡି,
ଖରାପ ସମୟ ଚାଲିଯିବ ଧୀରେ
ହେବାକାହିଁ ହଡବଡି ?

ଆଶାର ସୂରୁଜ ଉଇଁଲାଣି ଭବେ
ଟୀକା ନେବା ଆସ ହସି,
ମହାମାରୀ ଡର ଚାଲିଯିବ ଦୂରେ
ଆଶିଷ ପଡିବ ଖସି ।

+ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧

# ମା' ନାମ ମଧୁର ଅତି...



ସୁଜାତାରାଣୀ ପଣ୍ଡା

ମା' ଏଇ ଶବ୍ଦଟି ଯେତିକି ମଧୁର ସେତିକି ବ୍ୟାପକ । ଗୋଟିଏ ସନ୍ତାନ ପାଇଁ ମା' ହେଉଛି ସର୍ବସ୍ୱ । ଏବଂ ସନ୍ତାନ ହେଉଛି ଦେଶର ସର୍ବସ୍ୱ । ଯେମିତି ସ୍ୱକ୍ଷମ ସକଳ ଶକ୍ତିର ଆଧାର । ସେହିପରି ମା' ସନ୍ତାନ ପାଇଁ ସକଳ ଶକ୍ତିର ଆଧାର । ସେ ଦେବ ହେଉ ବା ଦେବୀ, ମାନବ ହେଉ ବା ମାନବୀ, ପଶୁ ହେଉ ବା ପତଙ୍ଗ ସମସ୍ତଙ୍କଠାରେ ମା'ର ଭୂମିକା ଅତୁଳନୀୟ । ଏ ସମାରେ ଯିଏ ଯେଉଁଠି ରହି ଯାହା ବି କରୁ ମା'ର ଶକ୍ତି ଏବଂ ଆର୍ଶିବାଦ ନ ପାଇଲେ ସେ ଉର୍ଦ୍ଧ୍ୱଗାମୀ ହୋଇପାରିବ ନାହିଁ । ମୋ ମତରେ ଜଣେ ମା' ହିଁ ପିଲାର ଯେ କୌଣସି ସମସ୍ୟାର ସମାଧାନ ଅତି ସରଳ ଓ ସହଜ ଉପାୟରେ ସମାଧାନ କରିପାରେ । ତେଣୁ ମାତୃଶକ୍ତିର ମୂଲ୍ୟ ମାତୃତ୍ୱ ଦିବସରେ ଆମେ ଠିକ ଭାବରେ ପାଳନ କରିପାରିଲେ ଭବିଷ୍ୟତରେ ୩୬୫ ଦିନ ପିଲାମାନଙ୍କ ମଧ୍ୟରେ ଏ ଭାବ ଉଦ୍ରେକ ହୋଇ ରହିବ । ସମାଜରେ ପ୍ରତ୍ୟେକ ବ୍ୟକ୍ତି ପାଖରେ ମାତୃଶକ୍ତିର ଆଧାରର ମୂଲ୍ୟ ବୁଝିହେବ ଏବଂ କେଉଁ ଜରାଶ୍ରମରେ ମା' ମାନଙ୍କର ସ୍ଥାନ ନଥିବ । ଜଣେ ମନ୍ତ୍ରୀ ବି ମା', ଜଣେ ଚାକର ବି ମା', ଜଣେ ରାଜନେତ୍ରୀ ବି ମା', ଜଣେ ବେଶ୍ୟା ବି ମା', ଆଉ ଜଣେ ପତିତା ବି ମା' । ମା' ଶବ୍ଦ ହିଁ ଅମାପ, ଅତୁଳନୀୟ, ଅବିଶ୍ୱାସନୀୟ, ମା' ମା' ମା' ତୁମେ ହିଁ ଭରସା । ତୁମେ ନମସ୍ୟ ତୁମେ ହିଁ ସାହା । ମା' ଶବ୍ଦଟି ଯେ କେତେ ମଧୁର ଯେତେବେଳେ କେଉଁ ସନ୍ତାନ ମା' ସ୍ଥାନରେ ମମି ଡାକନ୍ତି ଯାହା କି ଆଜି କାଲି ଅତି ସାଧାରଣ ହୋଇଗଲାଣି । ହୁଏତ କିଛି ବର୍ଷ ପରେ ମା' ଡାକ ମମିରେ ବଦଳିଯିବ ଏବଂ ସେହିଦିନ ଆର୍ନ୍ତଜାତିକ ମାତୃତ୍ୱ ଦିବସ ନିଜର ପ୍ରାଧାନ୍ୟ ହରାଇ ବସିବ । ଏହାହିଁ ସବୁଠୁ ବଡ଼ ଡର ।

+ସମାଜସେବୀ

# କୋଭିଡ୍ ୧୯ ପାଇଁ ପଲ୍ସ ଅକ୍ସିମିଟର ଏକମାତ୍ର ରକ୍ଷା କବଚ

ସୁବ୍ରତ କର



ଗତବର୍ଷ ରୋଟାରୀ କ୍ଲବ ବାଲେଶ୍ୱର ୬ଟି ପଲ୍ସ ଅକ୍ସିମିଟର ଆଣି ବହୁତ ଲୋକଙ୍କ ରକ୍ତରେ ଅକ୍ସିଜେନର ପରିମାଣ ମାପିଥିଲେ ଏବଂ ଲୋକଙ୍କୁ ସାହାଯ୍ୟ କରିଥିଲେ । କିନ୍ତୁ ସେତେବେଳେ ଅକ୍ସିମିଟରର ଗୁରୁତ୍ୱ କେହି ଉପଲବ୍ଧି କରି ପାରିନଥିଲେ । କିନ୍ତୁ ଅଭିଜ୍ଞତା କ୍ରମେ ଏବେ ସବୁ ଡାକ୍ତରଙ୍କ ଠାରୁ ଆରମ୍ଭ କରି ସଚେତନ ସାଧାରଣ ଜନତା ଅକ୍ସିମିଟର ଉପରେ ପ୍ରତି ମୁହୂର୍ତ୍ତରେ ନିର୍ଭର କରି ରୋଗର ଚିକିତ୍ସା ପଦ୍ଧତି ଠିକଣା କରୁଛନ୍ତି । ଏହି ପଲ୍ସ ଅକ୍ସିମିଟର ଗୋଟାଏ ଦେଢ଼ ଇଂଚରୁ ଇଂଚେ ସାଇଜର ଏବଂ ଏଥିରେ ଦୁଇଟି ଜିନିଷର ମାପ ଜଣାପଡ଼େ । ପ୍ରଥମ ମାପ ରକ୍ତରେ ଅକ୍ସିଜେନ କେତେ ପରିମାଣରେ ଅଛି । ଏହା ଯଦି ୯୪ରୁ ୯୯ ରହେ ତେବେ ଦେହରେ ସେଚୁରେସନ ରକ୍ତ ପ୍ରଚୁର ଅଛି ଏବଂ ଦେହରେ ଅକ୍ସିଜେନର ଅଭାବ ନାହିଁ । ଏହି ପରିମାଣ ଯଦି ୯୪ଠୁ କମ୍ ଦେଖାଏ ତେବେ ଆମକୁ ଡାକ୍ତରଙ୍କ ପରାମର୍ଶ କରିବା ନିହାତି ଦରକାର । ଏହା ଆଉ କମିଲେ ଅକ୍ସିଜେନ ସିଲିଣ୍ଡରର ଦରକାର ହୁଏ ଏବଂ ଏହାର ଆଉ କମିଲେ ଆମକୁ ଆଇ.ସି.ୟୁରେ ଭର୍ତ୍ତି ହେବାକୁ ପଡ଼ିଥାଏ । ଅକ୍ସିଜେନର ମାପ ୯୪ଠୁ ବଢ଼ିଲେ ଆଇସିୟୁରୁ ବାହାରକୁ ଅଣା ହୋଇଥାଏ । ଏହା ମଝିରେ ପୁଣି ଭେଂଟିଲେଟର ଅଛି । ମୋର ଏତେ କଥା କହିବାର ହେଲା ଆଜିକାଲି ଅବସ୍ଥାରେ ପ୍ରତି ଘରେ ଗୋଟିଏ ଲେଖାଁଏ ପଲ୍ସ ଅକ୍ସିମିଟର ରହିବା ଆବଶ୍ୟକ ଏବଂ ରୋଗରେ ଆକ୍ରାନ୍ତ ହୁଅନ୍ତୁ ବା ନ ହୁଅନ୍ତୁ । ଖୁବ୍ କମରେ ଦିନକୁ ଦୁଇଥର ମାପିବା ଦରକାର । ୯୫ଠୁ ୯୯ ଭିତରେ ରହିଲେ ଆପଣଙ୍କୁ ଚିନ୍ତା କରିବାର କିଛି ନାହିଁ । ଏବେ ଆସିବା ଏହି ଛୋଟିଆ ଯନ୍ତ୍ରଟି ମିଳିବ କେଉଁଠୁ ? ଏହାର ଚାହିଦା ଏହି ମୁହୂର୍ତ୍ତରେ ଏତେ ବଢ଼ିଯାଇଛି ଯେ ଏହାର ମୂଲ୍ୟ ଗତବର୍ଷ ୧୧୦୦-୧୨୦୦ ଟଙ୍କା ଥିଲା କିନ୍ତୁ ଏବେ ୧୫୦୦ ଟଙ୍କାରେ ମଧ୍ୟ ମିଳୁନାହିଁ । ସହରର ଅନେକଙ୍କ ଘରେ ଏହି ମିଟର ଥାଇପାରେ । କାରଣ ସେମାନେ ଏବେ ବହୁତ ସଚେତନ ହେଉଛନ୍ତି । କିନ୍ତୁ ଗାଁ ଗହଳି କଥା ଯେଉଁଠି ଖୁବ୍ କମ୍ ଲୋକ ଅକ୍ସିମିଟର କଣ ଦେଖି ନଥିବେ ବା ଜାଣି ନଥିବେ ଏବଂ ତାପରେ କେମିତି ଠିକ୍ ସେ ମାପ କରିବେ । ଯେଉଁ ବ୍ୟକ୍ତିର ମାପ ଠିକ ଥିବ ସେ ଘରେ ରହି ମଧ୍ୟ ଏ ରୋଗର ଟ୍ରିଟମେଂଟ କରିପାରିବ କିନ୍ତୁ ଅକ୍ସିଜେନ କିଣିଲେ ମାନେ ହସ୍ପିଟାଲ ଛଡ଼ା ବାଟ ନାହିଁ ।

ଏହିଠି ମୋର ସରକାରଙ୍କୁ ଅନୁରୋଧ ବାଲେଶ୍ୱର ଜିଲ୍ଲାରେ ୩୬୦ଟି ପଂଚାୟତ ଅଛି ଏବଂ ଆଉ କିଛି ଏନ.ଜି.ଓମାନଙ୍କୁ ୪ଟିରୁ ୫ଟି ଅକ୍ସିମିଟର ଦେଲେ ଏବଂ ପ୍ରତିଦିନ ମାପିଲେ ହସପିଟାଲରେ ଭିଡ଼ କମନ୍ତା ଏବଂ ଲୋକେ ହଇରାଣ ହରକତ ହୁଏନ୍ତେ ନାହିଁ । ଏ ବିଷୟରେ ସରକାର ଥରେ ଚିନ୍ତା କରି ଦେଖନ୍ତୁ ଏବଂ ସମାଧାନ ମଧ୍ୟ କରନ୍ତୁ ।

### ନୂଆପ୍ରେମ ପୁରୁଣା ବିରହ...

ସିଦ୍ଧେଶ୍ୱର ତ୍ରିପାଠୀ

ନୂଆ ନୂଆ ପ୍ରେମ
ହୋଇଯାଏ ଯେବେ
ଭାରି କୁତୁକୁତୁ ଲାଗେ
ପ୍ରେମିକା ସାଥିରେ ଫୋନ କଥାରେ
ପ୍ରେମିକ ଚୁମାଟେ ମାଗେ ।

ଦିନ ଆଉ ରାତି ସଞ୍ଜଠୁ ସକାଳ
ସବୁ ବାସେ ମହମହ
ଦୁହିଁଙ୍କ ଶପଥ ତୁମେ ମୋ ଜୀବନ
ତୁମେ ମୋର ପରିଚୟ ।

ଭିଡ଼ିଓ କଅଲ ଚାଲେ ଘନଘନ
କେତେ ଫଟୋ ଦିଆନିଆ
ଭେଟା ଭେଟି ହେଲେ
ଏଇ ଛାତିତଳେ
ଜଳେ କାମନାର ନିଆଁ ।

ବେଶୀ ବେଶୀ ଯେବେ
ବଢିଥାଏ ଶୋଷ
ବିଶ୍ୱାସରେ ବିଷ ମିଳେ
ଜଣେ ହସୁଥାଏ ନୂଆ ଠିକଣାରେ
ଜଣେ ନିତିଦିନ ଜଳେ ।

ଜାତି ଗୋତରତ ମିସୁନି ଆମର
ତୁମେବି ପଢିଛ ପାଠ
ଭଲ ସାଥି ବାଛି ହାତ ଧରିନିଅ
ଭୁଲିଯା ଅତୀତ ବାଟ ।

ନୂଆ ନୂଆ ପ୍ରେମ ଦୂରେ ଚାଲିଯାଏ
ବିରହ ପୁରୁଣା ହୁଏ
ଆଜିବି ଏମନ ନିରନ୍ତର କହେ
ଭଲପାଏ ଭଲପାଏ ।

+ଖୋର୍ଦ୍ଧା



## ଆଶା, ଚେଷ୍ଟା ଓ ନିଷ୍ଠା ...



### ପ୍ରଦୀପ୍ତ ଆଚାର୍ଯ୍ୟ

ଦକ୍ଷ ବ୍ୟକ୍ତିଙ୍କର, ଦକ୍ଷତା ଦର୍ଶନେ,
ମନ ହୁଏ ହାଇଁପାଇଁ,
ଜାଗେ ଅଭିଳାଷ, ତାଙ୍କରି ସଦୃଶ,
ଦକ୍ଷ ହୋଇଯିବା ପାଇଁ।

ସଫଳତା ପ୍ରାପ୍ତି,ଏକ ଦିବସୀୟ,
ପ୍ରଚେଷ୍ଟାରେ ହୁଏ ନାହିଁ,
ନିଷ୍ଠା ବିଜଡିତ, ଚେଷ୍ଟା ଆବଶ୍ୟକ,
ହୋଇଥାଏ ଏଥିପାଇଁ।

ନିଷ୍ଠା ବିନା ଚେଷ୍ଟା, ନୁହଁଇ ସଫଳ,
ପରାଜୟ ସୁନିଶ୍ଚିତ,
ଏକାଗ୍ର ଚିତରେ, କଲେ ପରିଶ୍ରମ,
ସଫଳ ହେବା ନିଶ୍ଚିତ।

ଥରକ ଚେଷ୍ଟାରେ, ହୋଇଲେ ବିଫଳ,
ହତାଶ ହୋଇବା ନାହିଁ,
ଆଶାବାଦୀ ହୋଇ, ପୁନଶ୍ଚ ପ୍ରଚେଷ୍ଟା,
ଧୈର୍ଯ୍ୟ ଲୋଡା ଏଥିପାଇଁ।

ଆଶା, ଚେଷ୍ଟା, ନିଷ୍ଠା, ଧୈର୍ଯ୍ୟ ଚତୁର୍ଭ୍ରାତା,
ଥିବେ ଯା ସଙ୍ଗତେ ରହି,
ଉପଯୋଗ କରି, ଶ୍ରେଷ୍ଠତ୍ୱ ପ୍ରାପ୍ତିଟା,
ଅସମ୍ଭବ ହେବ ନାହିଁ।

ଅନ୍ୟ ସଫଳତା, ଦେଖି ଆମ୍ଭେମାନେ,
ଈର୍ଷାନ୍ୱିତ ହେବା ନାହିଁ,
ଏ ଚାରି ସୁଗୁଣ, ନିଜ ସଫଳତା,
ପାଇଁ ନେବା ଆପଣାଇ।


+ଅବସରପ୍ରାପ୍ତ ପ୍ରଧାନଶିକ୍ଷକ,
ଈଶାଣୀବ୍ରହ୍ମପୁର,କଟକ।
ମୋ-୬୩୭୧୫୯୩୨୨୦


## ମୁଁ ଓ ମୋର ...



### ପ୍ରଶାନ୍ତ କୁମାର ନାଥ

ଜୀବନରେ କେବେ କହି ମୁଁ ନଥିଲି
ଅଟେ ବୋଲି କିଛି ମୋର
ହେଲେ ମୁଁ କହୁଛି ମୋର ମୋର ବୋଲି
ଦେଖାହେଲା ଯେବେ ତୋର ।

ଯେବେଠାରୁ ଆସି ହୃଦୟରେ ମୋର
ତୋଳିନେଲୁ ଗୋଟେ ଘର
ସେବେଠାରୁ ପରା କହି ମୁଁ ବୁଲିଲି
ତୁ ପରା ଅଟୁଲୋ ମୋର ।

ଆଜି ମୁଁ କହୁଛି ତୋ ପାଇଁ ବଞ୍ଚିଛି
ଭଲପାଏ ତୋତେ ମୁହିଁ
ତୋବିନା ସତରେ ଜୀବନରେ ମୋର
ଆଉ କିଛି ମାନେ ନାହିଁ ।

ମୁଁ ପରା ଜିଇଁଛି ତୋ ପାଇଁ ପ୍ରିୟାଲୋ
ତୋତେ ମୁଁ ଭାବି ନିଜର
ହୃଦୟରେ ତୋର ରହିବି ଏକା ମୁଁ
କରିବୁନି କେବେ ପର ।


ସୁନ୍ଦରପୁର,ଉତ୍ତରକୂଳହାଟ,
ପ୍ରୀତିପୁର,ଯାଜପୁର ।
ମୋ-୦୮୩୧୦୩୨୮୩୪୫


## ରାତିର ରଜନୀଗଂଧା..



### ବିପିନ୍ ମହାନ୍ତି

ପ୍ରିୟା !!!
ତୁମେ ରାତିର ରଜନୀଗଂଧା
ନିଜର ସହରେ ଫୁଟି ସପନରେ
ସକାଳୁଠୁ ନିଅ ବିଦା ।

ନିଃଶବ୍ଦରେ ତୁମ ପାଦର ପାଉଜି
ଶବ୍ଦ ମୋ' କାନରେ ତୋଳେ,
ଫୁଲ ଶେଯପାରି, ପାଛୋଟିଛି ମୋତେ
ଅଂଧାରର ମଧୁଶାଳେ
ସେ ରାତି ସପନ
ରଖିଛି ଗୋପନ
ଦେହ ମନ କରେ ଓଦା ।

ଉନ୍ମାଦ ସେଇ ରାତିର ଛବିକୁ
ତୋଳିଛି ବିବସ୍ତ୍ର କରି,
ସଜାଇଛି ନେଇ ପ୍ରତି କବିତାରେ
କାଳେ ରାତି ଯିବ ସରି
ହଜିଗଲା ପରେ ନିଜ ମା' ଆଖିରୁ
ସପନ ପଡ଼ିଛି ବଂଧା ।

ଏଇ ଏଇ ଏବେ କୋଣାରକ କାନ୍ଥେ
ଦେଖିଲି କେ' ତୁମ ପରି,
ଅବିକଳ କିଏ ଆଙ୍କିଛି ତୁମକୁ
ପଥର ଛାତିକୁ ଚିରି,
ମୋ' ପ୍ରେମ କାହାଣୀ ପଥରରେ ଲେଖା
ଘଟିଛି ଯା' ଆଜିସୁଦ୍ଧା।


+୩୩, ଗଡ଼ ମହାବୀର ବିହାର
ଗ୍ୟାରେଜ ଛକ, ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୮୮୧


## ଆମ ପୁରୁଣା ଘର....



### ବିଶ୍ୱନାଥ ନାୟକ

ବୁନିଆଦି ଦସ୍ତାବିଜର
ମାର୍ଫତରେ ଠିଆ ହୋଇଥିଲା
ମୋ ପୂର୍ବ ପୁରୁଷଂକ ଘର
ସାତ ପିଢି ଚଉଦ ପୁରୁଷର
ମହାନତାକୁ ଝୁଲେଇ ରଖିଥିଲା
ସେ ଘରର ପ୍ରବେଶ ଦ୍ୱାର ?

ଘରର ଏରୁଣ୍ଡି ବନ୍ଧ
ଦେଖିଥିଲା ସୁଖ ଦୁଃଖର
ଅନେକ କାହାଣୀ ସଂପର୍କର
ମୋ ହେତୁ ହେଲା ଦିନରୁ
ମୁଁ ବି ଦେଖିଛି ସେ ଘରର
ବିଷର୍ଣ୍ଣ ଗୁମର ?

ଆଧୁନିକ ଢାଂଚାର
ଶିଳାନ୍ୟାସ ପରେ
ଯୌଥ ପରିବାର ସଂକୀର୍ଣ୍ଣ
ହେବାବେଳେ ବଦଳିଗଲା
ସଭିଂକ ପରିଚୟ, ଅସ୍ଥାୟୀ
ଆବେଗ, ଅତୀତର ଅଜସ୍ର
ସର୍ତ୍ତ ବିହୀନ ଆକାଂକ୍ଷାରେ ।

ସେ ଘରକୁ ଛେଇବାର ସ୍ୱପ୍ନ
ଧାନବିଲର ଆବେଗରେ ଲୁଚେ
ଆମ ବିଲ ଯେବେ ମରୁଡି,
ବନ୍ୟା ବାତ୍ୟାର
ଜୁଲୁମ ସହିବା ଶିଖେ
ଏତେ ବଡ ଘରଟାକୁ
କେମିତି ଛିଆହେବ
ବାପାଂକର ସେଇ ଚିନ୍ତା ଘାରେ
ଦଶ ବଖରା ଘର, ନଡା କାହିଁ,
ଗଣ୍ଡି ବାଉଁଶ କାହିଁ
ଘର ଛିଆଳି କାହାନ୍ତି ?

ଦାଦନ ହେବାର ମୋହରେ
ସେମାନେ ସବୁ ଫେରାର୍
ଜେଜେବାପାଂକ
ଶ୍ରାଦ୍ଧ ଦେବା ଦିନ ଆସି
ହାଜର ହୁଏ ଘର ସାମ୍ନାରେ
ଦୂର ଦେଶରୁ ବାପାଂକ
ଭାଇବନ୍ଧୁମାନେ ଆସିଲେ ଟେଲିଗ୍ରାମ୍‌ରେ ।

ଏମିତି ଏକ ସଂଜ ବେଳେ
ବାପା କହିଲେ
'ଆରେ ଜଡା, ଏ ଘରଟାକୁ ଭାଂଗିଦେବା
ଏତେ ବଡ କିମ୍ବଦନ୍ତୀକୁ
ସାଇତି ରଖିବା,
ଘରର କେତେ ଖର୍ଚ୍ଚ,
ବୁଢୀ ମାଆ'ର ଔଷଧ,
ପିଲାମାନଂକ ପଢା ଖର୍ଚ୍ଚ,
ବଜାରର ଆକାଶ ଛୁଆଁ ଦର
ମୋର ଛୋଟିଆ ଚାକିରୀରେ
ଆଉ ପାରି ହେଉନି ?

ବାପାଂକ ସବୁ ଭାଇ
ଏକଜୁଟ ହୁଅନ୍ତି
ନିର୍ଦ୍ଧାରିତ ହୁଏ ଘରଟାକୁ
ଭାଂଗିବାର ଦିନ,
ଘରର କାଇ ଛପର ଫାଡି
ମଝିକାନ୍ଥର ଗୁମରକୁ
ଭଂଗାଯାଏ ଆମ ଆଖି ସାମ୍ନାରେ
ଆମ ଶୈଶବର ଠୁଳ ଠୁଳ
ଅତୀତକୁ ଭାଗ ବସାଗଲା
ସେ ପୁରୁଣା ଘରଟା
ଶେଷରେ ଭଂଗାହେଲା ।

ସେବେଠୁ ଘର କଥା ଆଉ
ମନେ ପଡେନି ମୋର ଜମା
ବାପା ଗଲାପରେ
ଯେବେଠୁ ସହରକୁ ଆପଣେଇ ନେଲି
ମୋ ନୂଆ ଠିକଣାର ଅସ୍ତିତ୍ୱରେ ।


+ଗୋଳାପୋଖରି,
ତିହିଡି,ଭଦ୍ରକ
ମୋ: ୮୦୮୮୫୫୬୭୮୦୦


## ଧରାକୁ ଆସିଛି ଖରା ...



### ଅଶୋକ କୁମାର ପ୍ରଧାନ

ଫଗୁଣ ପ୍ରାନ୍ତେ ଶୀତର ଅନ୍ତେ
ନ ଥାଏ ଧରା ଶିଶିର ସ୍ନାତେ
ତପନ ତେଜେ ଏ ମହୀ ଭିଜେ
ସବୁଠି ଗ୍ରୀଷ୍ମ ପ୍ରବା ବାଜେ
ଶୁଷ୍କ ହୁଅଇ ଧରା
ଚୈତ୍ର ଆସି ସଭିଁଙ୍କୁ କହେ
ଧରି ଆସିଛି ଖରା।

ଶୁଖଇ ନଇ ନାଳର ଜଳ
ପୋଖରୀ ହ୍ରଦ ସାଗର ତଳ
ଶୁଖିଲା ହୁଏ ଗଛର ଡାଳ
ଗଛୁ ଝଡ଼ଇ ଫୁଲ ଓ ଫଳ
ରାତି ହୁଅଇ ସାନ
ଦିନଟି ବଡ଼ ହୁଅଇ ନିତି
ଏକଥା କର ଧ୍ୟାନ।

ଦକ୍ଷିଣ ଦିଗୁ ବହଇ ଝାଂଜି
ସାଧୁ ନନାର ପୁରାଣ ପାଂଜି
ଚଉରା ମୂଳେ ହୁଏ ଗହଳ
ଗାଆଁ ବୃଦ୍ଧଙ୍କ ପଡ଼େ ଚହଳ
ନିଷ୍ଫଳ ଲାଗେ ଘର
ନିଆଁ ପରିକା ତପନ ତେଜ
ଜାଳଇ ସୁଖ ଭାରା।

ନୀରବି ଯାଏ କୋକିଳ ସ୍ୱନ
ଝିଙ୍କାରି ରାବ କିଣଇ ମନ
ପୁଷ୍ପ ବାଟିକା ଯାଏ ଉଜୁଡ଼ି
ଆପେ ଝଡ଼ଇ ଫୁଲ ଓ କଢ଼ି
ନୀରସ ହୁଏ ଧରା
ଆକୁଳେ ସର୍ବେ ଛାଡ଼ନ୍ତି ରଡ଼ି
ଦେଖିକି ବଡ଼ ଖରା।

ଚଇତ୍ର ମାସ ମଙ୍ଗଳ ବାର
ଜନ ଗହଳି ଦେବୀ ମନ୍ଦିର
ମାନସ୍ କେଶ ପକାନ୍ତି ବଳୀ
ଲଭିବା ପାଇଁ କୃପାର ଥଳୀ
କାମନା ସିଦ୍ଧ ଆସେ
ପଣାପାଣିର ପସରା ଜମେ
ଏହି ମୋ ଦିବ୍ୟ ଦେଶେ।

ନୀରିହ ପ୍ରାଣୀ ପଡ଼ଇ ବଳୀ
ତା'ର ହିସାବ କେ ପାରେ କଳି
ଜିହ୍ୱା ଲାଳସେ କରଇ ହତ୍ୟା
ଅଦିନେ ଭେଟେ ମରୁଡ଼ି ବାତ୍ୟା
ସଜାଗ ନୁହେଁ ଦିନେ
କରୋନା ଫାଇଲିନ ଆସିବ ମାଡ଼ି
ମୋ କଥା ରଖ ମନେ।

ଶୀତଳ ଛାୟା ପାଇବ କାହିଁ
ଅନ୍ତେ ଯାହାର ଶୀତଳ ନାହିଁ
ଭାଗ୍ୟକୁ ଦୋଷ ଦିଅଇ ନିତି
ସହି ନପାରି ଖରାର ତାତି
ଈଶ୍ୱରେ ନିନ୍ଦା କରେ
ନିଜ କରମ ଫଳକୁ ଭୋଗୀ
ନିତି ଶାନ୍ତିକୁ ଝୁରେ।


+ରୋହିଗାଁ, ଗଂଜାମ
ମୋ: ୮୨୪୯୧୧୯୧୩୦


## ଚବିଶ ଘଣ୍ଟାର ମହଲତ ବୋଲି...



### ରତ୍ନାକର ରାଉତ

ଭାବକୁ ନିକଟ ଅଭାବକୁ ଦୂର
ତୁମେ କାଳିଆ ଠାକୁର,
କାହାକୁ ଡାକିବେ ଆତୁରେ ଜନତା
ତୁମେ କି ପାଷାଣ ହେଲ ।

ଚକାଆଖି ପରା ସବୁ ଦେଖୁଥାଏ
ଅଛପା ରୁହେନି କିଛି,
କେମିତି ଦିଶୁନି ମରୁଛନ୍ତି ଲୋକେ
ଯେପରିକି ପୋକମାଛି ।

ସାମାନ୍ୟ ଭୂତାଣୁ ଦିଶେନି ଆଖିକୁ
ରଚାଉଛି ହାହାକାର,
ବଡ଼ ଦେଉଳରେ କୋଳପ ପଡ଼ିଛି
ପ୍ରଭୁ ତୁମେ ନିର୍ବିକାର ।

ତୁମେ ପରା ଅଟ ଭକ୍ତ ଭଗବାନ
ପତିତ ଉଦ୍ଧାର କର,
ରୋଗ ଶୋକ ଭୋକେ ସଢୁଛନ୍ତି ଲୋକେ
ଶୁଖୁନି ଲୋତକ ଧାର ।

ଏ ସଂକଟ କାଳେ ତୁମ ନିରବତା
ମନରେ ଆଶଙ୍କା ଭରେ,
ଜଗତଯାକରେ ଚହଳ ପଡ଼ିଛି
ଠାକୁର କୁଆଡ଼େ ଗଲେ ।

କେତେ ପରିବାର ଉଜୁଡ଼ି ଯାଉଛି
କେତେ ହୁଅନ୍ତି ଅନାଥ,
ବିପଦ କାଳରେ ସହାୟ ନହେଲେ
କିପାଇଁ ଜଗତନାଥ ।

ଚବିଶ ଘଣ୍ଟାର ମହଲତ ଦେଲି
ସଂକଟୁ ଉଦ୍ଧାର କର,
ନହେଲେ ଦେଖିବ ଜଗନ୍ନାଥ ନାମ
ଭୁଲିଯିବ ଏ ସଂସାର ।


+ ଭୁବନେଶ୍ୱର


## ପୁଣି ଥରେ ...

### କୃଷ୍ଣା ମିଶ୍ର

ଆଜି ପୁଣି ଥରେ
ଉଷାର ଲାଲିମା ଫିକା,
ଦିଗନ୍ତ କୁହୁଡି ପଛେ ସୁରୁଜ ଲୁଚିଛି,
ସରମେ ମରମେ ଆହତ ଏକା।

ନୀରବି ଯାଇଛି ବିହଙ୍ଗ କାକଳି,
ଭୟେ ସନ୍ତାପିତ ମତ୍ତ ଉର୍ମିରାଜି,
ଥରି ଥରି ମରେ ରୋଗୀଣା ବୁଢାଟି
ବୁଭୁକ୍ଷା ବିକଳେ ନିଃସ୍ୱକି ଏ ମହୀ ??

ପିଲା କାନ୍ଧେଇଛି ପରିବାର ବୋଝ,
ଅଳିଆ ଗଦାରୁ ଖୋଜୁଛି ପାଁରୁଟି
କଙ୍କାଳତା ଭାଙ୍ଗେ, ସ୍ଲୋଗାନ ଚାଲିଛି
ଆସୁଛି ପ୍ରଗତି, ଦେଶ ଆଗଉଛି।

ଶିକାର ମିଳିଛି ପାଶବିକତାର,
ପୋଖରୀ ହୁଡ଼ାରୁ ଅବା ବୃଦାମୂଳୁ,
ଚିରା ଫଟା ଆହା କୋମଳ କଳିକା
ଲଜ୍ଜିତ ପ୍ରକୃତି, କାନ୍ଦେ ବସୁନ୍ଧରା।


+ରାୟଗଡ଼, ଛତିଶଗଡ


## ଥରୁଟିଏ ଆସନ୍ତ କି ...



### ସୁଷମା ପରିଡା

ଥରୁଟିଏ ଆସନ୍ତକି !
ଦେଖି ଯାଆନ୍ତ କେମିତି କଟୁଛି ଜୀବନ
ଆମ ଗାଁରେ ଆଜି ତୁମ ବିନା
ବସନ୍ତରେ କୋଇଲି ବି ଗାଉନି
ଆମ ଗାଁ ଆମ୍ବ ତୋଟା
ବଉଳ ମେଳାରେ,
ଆକାଶରେ ବଉଦମାଳକୁ ଦେଖି
ଆମଘର ଅଗଣାକୁ
ଆସୁଥିବା ମୟୁରୀଟି ମଧ ପୁଚ୍ଛ ମେଲାଇ
ନାଚିବାକୁ ଭୁଲିଗଲାଣି,

ଚାନ୍ଦ ଗାଈର କଅଁଳା ବାଛୁରୀଟା
ଏବେ ଆଉ
ଆନମନା ହେଉନି
ଦୂରରୁ ଭାସିଆସୁଥିବା
ଗାଈଆଳ ଟୋକାର
ସେଇ ବଂଶୀ ସୁର ଶୁଣି,

ଖରାଦିନେ ସଞ୍ଜବେଳେ
ଧୀର ପବନରେ
ସଜେଇ ହେଉନି ଆମ
ବାରିପଟ ଫୁଲେଇ ମଲ୍ଲୀ ଗଛଟା
ଡାଳା ଡାଳା ଫୁଲ ଗହଣାରେ,

ପୁନିଅଁ ଜହ୍ନକୁ ଦେଖି
ହସୁନି ବି ନୀଳକଇଁ
ଆମ ଗାଆଁ ବେଣ୍ଟ ପୋଖରୀରେ,
ଆମ ଅଳସୀ ନଦୀଟା ବି
କଡ ଲେଉଟାଇ
ଶୋଇ ଯାଇଛି କୁଳୁକୁଳୁ ସଂଗୀତ ନଗାଇ।

ସବୁ ଯେମିତି ଶୂନ୍ ଶାନ୍,
ନିର୍ବାକ୍, ନିସ୍ପନ୍ଦ ..
ଠିକ୍ ମୋର ଭଙ୍ଗିଯାଇଥିବା ମନ ଭଳି
କାହିଁକି ନା, ଏବେ ତୁମ ଆଉ ମୋ
ଭିତରେ
ସୃଷ୍ଟି ହୋଇଛି ବିରାଟ ଏକ ଶୂନ୍ୟସ୍ଥାନ ।


+ଶାରଳା ଭବନ ପୋତାପୋଖରୀ
ନୂଆବଜାର, କଟକ
ମୋ-୯୩୩୭୨୭୨୬୪୭


## ଏଇ ଓଡିଶା ବୁକୁରେ ...

### ନିକୁଂଜ କୁମାର ଘୋଷ

କଳାରେ ନିପୁଣ ଯଶକୀର୍ତିମାନ
ଓଡିଆ ଆମ ସଂସ୍କୃତି
କାଳିଆର ଘର ସୁରୁଜ ମନ୍ଦିର
କୋଣାରକ କଳାକୀର୍ତି ।

ଚତୁର୍ଧାମେ ପୁରୀ ଗୋବର୍ଦ୍ଧନ ପୀଠ
ନିଶ୍ଚଳାନନ୍ଦ ସରସ୍ୱତୀ
ମଠ ମଧ୍ୟେ ମଠ ଅଟେ ସର୍ବଶ୍ରେଷ୍ଠ
ଶ୍ରୀମନ୍ଦିରେ ଆଜ୍ଞାପତି ।

ମନ୍ଦିର ମାଳିନୀ ଭୁବନେଶ୍ୱରରେ
ମନ୍ଦିରରେ ଲିଙ୍ଗରାଜ
ଖାରବେଳ ସ୍ମୃତି ଖଣ୍ଡଗିରି ନାମେ
ଦିଶେ କଳାକୀର୍ତି ବୀଜ ।

ଏ ଉଦୟଗିରି ରାଜରାଣୀ ପୀଠ
କେଦାର ଗୌରୀ ମନ୍ଦିର
ନନ୍ଦନକାନନ ପଶୁପକ୍ଷୀ ଘର
ସାତକୋଶିଆ କୁମ୍ଭୀର ।

ଦାରିଙ୍ଗବାଡି ତ ଓଡିଶା କାଶ୍ମୀର
ପ୍ରକୃତିକୂଳକୁ ମୋହେ
ସିମିଳିପାଳରେ ବାଘ ବିଚରଣେ
ମୁକ୍ତ ଆକାଶ ଯେ କହେ ।

କଟକ ନଗର ଯା'ର ଇତିହାସ
କହେ ବାରବାଟୀ ଦୁର୍ଗ
ସେଇ ଇତିହାସ ପୃଷ୍ଠାରେ ମିଶିଲା
ରାଇବଣିଆର ଗଡ ।

ସୀମାନ୍ତ ଓଡିଶା ରାଇବଣିଆର
ଦିଶିଯାଏ ଭଗ୍ନସ୍ତୁପ
ଅଜ୍ଞାତ ବାସରେ ପାଣ୍ଡବ କାହାଣୀ
ବଖାଣିଯାଏ ତା' ରୂପ ।

ଖୋରଧା ଗଡର ଲାଲ ରକ୍ତ ମାଟି
ନାଶେ ଚଣ୍ଡାଶୋକ ପାପ
ଧର୍ମାଶୋକ ବାଣୀ ଜଗତେ କୁହଇ
ଏ ଶାନ୍ତି ଧଉଳି ସ୍ତୁପ ।

ମନ୍ଦିର ଭାସ୍କର୍ଯ୍ୟ ପ୍ରକୃତି ସୌନ୍ଦର୍ଯ୍ୟ
ଆସ୍ୱାଦନେ ଆସେ ଲୋକ
ନୃତ୍ୟ,ଗୀତ ମେଳା ଦେଖି ପ୍ରାଣଭରେ
ଶତ ଶତ ପର୍ଯ୍ୟଟକ ।

ଚିଲିକା , ଅଂଶୁପା ହ୍ରଦ ନାମେ ଦୁଇ
ଓଡିଶା ବୁକୁରେ ଦିଶେ
ଏକ ଲୁଣା ଏକ ମଧୁର ଲାଗଇ
ଏ ବିଶ୍ୱବାସୀଙ୍କ ପ୍ରାଣେ ।


ମାଧବପୁର, ଲକ୍ଷ୍ମଣନାଥ, ଜଳେଶ୍ୱର,
ବାଲେଶ୍ୱର ,ଓଡିଶା
ମୋ-୮୧୪୪୮୫୧୦୪୫ .


## ଚିଠି ...

### ବିଜୟ କୁମାର ପଣ୍ଡା

ଚିଠି,
କେବେ ପ୍ରୀତିର ବାହକ
କେବେ ଫୁଲର ମହକ
କେବେ ଫଗୁଣର ରଙ୍ଗ
କେବେ ମନର ବିହଙ୍ଗ

ଚିଠି,
କଥା ଦିଏ କଥା ନିଏ
ଭାବନାରେ ବାନ୍ଧି ଦିଏ
ବୁକୁ ତଳେ କୋହ ବଖାଣି
ଅନେକ ଅକୁହା କାହାଣି

ଚିଠି,
ଯୋଡ଼େ ମନ ସହ ମନକୁ
ପ୍ରାଣ ସହ ପ୍ରାଣକୁ ଚିଠି,

କେବେ ଆଣିଦିଏ ଶବ୍ଦ ବିରହର
କେବେ ସ୍ୱର ପ୍ରତାରଣାର
କିନ୍ତୁ..
ଏମିତି ବି ହୁଏ ଚିଠିରେ ଚିଠିରେ
ଜୀବନର ଦର୍ଶନ ବଦଳି ଯାଏ।


+ସଫ୍ଟୱେର ପ୍ରଫେସନାଲ ଗବେଷକ
ସବଙ୍ଗ, ସିମୁଳିଆ, ବାଲେଶ୍ୱର
ମୋ: ୯୭୩୯୫୯୧୮୧୬


## ବସନ୍ତ...

### ଅଜୟ ପାତ୍ର

ଋତୁଚକ୍ରର ଆବର୍ତ୍ତନରେ
ଧରାପୃଷ୍ଠେ ଆସେ ଛଅଟି ଋତୁ
ଗ୍ରୀଷ୍ମ, ବର୍ଷା, ଶରତ,ହେମନ୍ତ, ଶୀତ
ଆଉ ତା'ପରେ ଋତୁରାଜ ବସନ୍ତ ।

ଧରଣୀ ରାଣୀ ପୁଲକିତ ଆଜି
ବସନ୍ତର ପହିଲି ସ୍ପର୍ଶରେ,
କୋଟି ଜନ ମନେ ଉଲ୍ଲାସ ଭରିଛି
ଚାନ୍ଦିନୀ ରାତିର ଖୋଲା
ଆକାଶ ତଳେ
ବିମୋହିତ ପ୍ରେମୀ ପ୍ରିୟାର ଚିଠିରେ ।

ଆମ୍ବ ଗଛ ଡାଳେ ବଉଳ ଖେଳେ
ଫୁଲେଇ କୋଇଲିର ପଞ୍ଚମ ସ୍ୱନେ
ପ୍ରକୃତି ରାଣୀ ଲାଜେଇ ଯାଉଛି
ଋତୁରାଜ କୋଳ ଦିବ୍ୟ ଚୁମ୍ବନେ ।

କି କଲ ବିଭୁ ଏ ବିଚିତ୍ର ମାୟା !!
ପ୍ରକୃତି-ପ୍ରେମୀ ହେଲେ ଏକାକାର
ଦିବ୍ୟତାରେ ଭରା ସଭିଙ୍କ କାୟା ।

ନୂଆ ନୂଆ ଲାଗେ ଏ ଦୁନିଆ
ଜହ୍ନ ବି ଲାଜେଇ ହସେ
ରାତ୍ରି ନିରବତାରେ ଆକାଶକୁ ଦେଖି
ଜୀବନର ଗଭୀରତା ମୁଁ ମାପେ ।


+ ଗୋହିରାପଦା, ସୋର, ବାଲେଶ୍ୱର
ମୋ: ୯୧୭୮୯୨୧୩୯୫


## ବୈଶାଖୀ...

### ଅରୁପ କୁମାର ବିଶ୍ୱାଳ

ବୈଶାଖର ତୁମେ ଆରମ୍ଭ ବାରତା
କାନେ କାନେ ଦିଅ କହି,
ଆଗକୁ ଆସିବ ଡହଡହ ଖରା
ପ୍ରସ୍ତୁତ ରହିବା ପାଇଁ।

ସାରା ଭାରତରେ ଭିନ୍ନ ଭିନ୍ନ ନାମେ
ପାଳନ ହୁଏ ବୈଶାଖୀ,
ମନ୍ଦିରରେ ଭକ୍ତ ଉପାସନା କରେ
ହେବାକୁ ଜୀବନ ସୁଖି।

ଓଡ଼ିଶାରେ ହୁଏ ଏ ପର୍ବ ପାଳନ
ନାମ ପଣା ସଙ୍କରାନ୍ତି,
ଚଉରା ଉପରେ ଗବ ଡାଙ୍ଗ ଦେଇ
ମାଟି ଘଡ଼ି ବସାଅନ୍ତି।

ସ୍ୱାଦିଷ୍ଟ ପାନୀୟ ବଂଟନ ହୁଅଇ
ବାଟୋଇ ଶୋଷ ମେଣ୍ଟଇ,
ଛକରେ ଛକରେ ହୁଏ ଜଳଛତ୍ର
ସମ୍ପର୍କର ଗୀତ ଗାଇ।

ପାଟୁଆ ନାଚଇ ଗାଆଁରେ ଗାଆଁରେ
ମାନସିକ ପୂର୍ଣ୍ଣ ପାଇଁ,
ରଡ଼ନିଆଁ ପରେ ଚାଲଇ ଭକତ
ଭକ୍ତିର ନୈବେଦ୍ୟ ଏଇ।

ବିଷୁବ ମିଳନ ଆୟୋଜନ ହୁଏ
ଆମ ସଂସ୍କୃତିର ଗର୍ବ,
ଧନ୍ୟ ଏଇ ମାଟି ତୁଳନା ଯା ନାହିଁ
ଓଡ଼ିଆ ପାଳଇ ପର୍ବ।

ନୂତନ ବରଷ ଆରମ୍ଭ ହୁଅଇ
ବୈଶାଖୀ ଦିଅଇ ବାର୍ତ୍ତା,
ଭଳିଭଳି ରଙ୍ଗେ ପ୍ରକୃତି ସାଜଇ
ହସଇ ପ୍ରକୃତି ମାତା।

ଆକାଶେ ବାଦଲ ସୃଷ୍ଟି କରେ ଗ୍ରୀଷ୍ମ
ବାଷ୍ପିଭୂତ ହୁଏ ଜଳ,
ସୁଜଳା ସୁଫଳା ହେବ ଏ ଧରଣୀ
ବର୍ଷାଋତୁ ଯାର ଫଳ।


+ସହକାରୀ ଶିକ୍ଷକ
ଏନ୍.ଏ.ସି. ସରକାରୀ
ବାଳିକା ଉଚ୍ଚ ବିଦ୍ୟାଳୟ
ମୋ: ୯୦୪୦୮୭୦୧୦୦

# କୋଭିଡରେ ପ୍ରଭାବିତ ହେଉଛି କ୍ୟାନସର ଚିକିତ୍ସା : ୩୦% ରୋଗୀ ଆସିପାରୁ ନାହାନ୍ତି ଏମ୍ସ

ଭୁବନେଶ୍ୱର ,୧୦/୫ (ନି.ପ୍ର): କୋଭିଡ୍ ଯୋଗୁଁ ଏମ୍ସରେ କର୍କଟ ଭଳି ମାରାତ୍ମକ ରୋଗର ଚିକିତ୍ସା ବିଶେଷ ଭାବେ ପ୍ରଭାବିତ ହୋଇଛି। ଏବେ ଏମ୍ସର ଓପିଡି ସମେତ ସମସ୍ତ ବିଭାଗ ବନ୍ଦ ସତ୍ତ୍ୱେ ଖୋଲା ରହିଛି କର୍କଟ ରୋଗ ବିଭାଗ। ତେବେ ଯାନବାହନ ଚଳାଚଳରେ କଟକଣା ଏବଂ କରୋନା ସଂକ୍ରମଣ ଭୟ ଯୋଗୁଁ ୩୦ ପ୍ରତିଶତ କର୍କଟ ରୋଗୀ ଏମ୍ସକୁ ଆସି ପାରୁନାହାନ୍ତି।

ଗତବର୍ଷ ଏମ୍ସରେ ସମୁଦାୟ ୨୮କର୍କଟ ରୋଗୀ କୋଭିଡ୍ ପଜିଟିଭ ହୋଇଥିଲେ। ସେଥିମଧ୍ୟରୁ ୩ଜଣ ମୃତ୍ୟୁ ହୋଇଥିବା ବେଳେ ୨୫ଜଣ ସୁସ୍ଥ ହୋଇଥିବା କହିଛନ୍ତି କର୍କଟ ରୋଗ ବିଭାଗ ବିଶେଷଜ୍ଞ ଡାକ୍ତର ଦିଲ୍ଲୀପ।

ଏମ୍ସ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ୨୦୧୯ ମସିହା ଏପ୍ରିଲରୁ ୨୦୨୦ ମାର୍ଚ୍ଚ ପର୍ଯ୍ୟନ୍ତ ଏହି ଡାକ୍ତରଖାନାରେ ସମୁଦାୟ ୪୦ ହଜାର ୨୯୬ କର୍କଟ ରୋଗୀ ଚିକିତ୍ସିତ ହୋଇଥିଲେ। ଏଥିମଧ୍ୟରେ ଓପିଡିରେ ୧୫ ହଜାର ୧୦୨ ପୁରୁଣା, ୫୨୬୩ ନୂତନ ରୋଗୀ, ୧୧୧୬ ଆଇପିଡିରେ ଭର୍ତ୍ତି, ୬୯୬୧ ଡେ'କେୟାରରେ ଆଡମିସନ୍ ନେଇଥିଲେ। ଏ ବର୍ଷ ପ୍ରତି ମାସରେ ହାରାହାରି ୩୧୦୦ରୁ ୩୬୦୦ କର୍କଟ ରୋଗୀ ଚିକିତ୍ସିତ ହୋଇଥିଲେ। ଏପ୍ରିଲ ୨୦୨୦ ମସିହାରୁ ମାର୍ଚ୍ଚ ୨୦୨୧ ମସିହା ମଧ୍ୟରେ ୩୪ ହଜାର ୨୨୦ ରୋଗୀ ଆସିଛନ୍ତି। ଏଥିମଧ୍ୟରେ ଓପିଡିରେ ୧୩ ହଜାର ୧୫୪ ପୁରୁଣା, ୨୮୩୧ ନୂତନ ରୋଗୀ, ୭୫୮ ଆଇପିଡିରେ ଭର୍ତ୍ତି ହୋଇଥିବାବେଳେ ୬୨୦୭ ଡେ'କେୟାରରେ ଭର୍ତ୍ତି ହୋଇଛନ୍ତି। ଓପିଡି, ଆଇପିଡିରେ ରୋଗୀ ସଂଖ୍ୟା ହ୍ରାସ ପାଇଥିଲେ ବି ରେଡିଓଥେରାପି, କେମୋଥେରାପି ପାଇଁ ଆସୁଥିବା ରୋଗୀ ସଂଖ୍ୟା ହ୍ରାସ ପାଇନାହିଁ।

ସୂଚନା ଅନୁଯାୟୀ, ଗତବର୍ଷ ଲକଡାଉନ୍ ଏବଂ କରୋନା ଯୋଗୁଁ ବୁର୍ଲାର ଭିମସାର କର୍କଟରୋଗ ବିଭାଗ ଏବଂ କଟକର ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ର ବାରମ୍ବାର ବନ୍ଦ ହୋଇଥିଲା। ଏହା ସତ୍ତ୍ୱେ ସେଠାରେ ସାଧାରଣ ସମୟରେ ଆସୁଥିବା କର୍କଟ ରୋଗୀଙ୍କ ତୁଳନାରେ ଲକଡାଉନ୍‌ରେ ଅଧିକ ରୋଗୀ ଆସିଥିଲେ। ଏମ୍ସରେ ଏହାର ବିପରୀତ ଚିତ୍ର ଦେଖିବାକୁ ମିଳିଛି। ଏଥିରୁ ସ୍ପଷ୍ଟ ଯେ ବସ୍, ଟ୍ରେନ୍ ଉପରେ ନିର୍ଭରଶୀଳ ଗ୍ରାମାଞ୍ଚଳ ତଥା ଗରିବ ଶ୍ରେଣୀର କର୍କଟ ରୋଗୀ ଏଠାକୁ ଆସି ନ ପାରି ନିକଟସ୍ଥ ଡାକ୍ତରଖାନା ଯାଇଛନ୍ତି।

ବର୍ତ୍ତମାନ କୋଭିଡ୍ ଯୋଗୁଁ ଓପିଡି ବନ୍ଦ ସତ୍ତ୍ୱେ ଏମ୍ସରେ କର୍କଟ ରୋଗ ଚିକିତ୍ସା ସ୍ୱାଭାବିକ ରହିଛି। ବର୍ତ୍ତମାନ ଏଠାରେ ୧୫ଶଯ୍ୟାରୁ ୧୩ଜଣ ଭର୍ତ୍ତି ଅଛନ୍ତି, ଡେ' କେୟାରରେ ୩୦ରୁ ୩୫ କେମୋଥେରାପି, ୫୮ ଜଣ ରେଡିଓଥେରାପି ନେଉଛନ୍ତି। ଏଥିସହିତ କରୋନାରୁ ରକ୍ଷା ପାଇଁ କର୍କଟ ରୋଗୀ, ପରିବାର ପାଇଁ ସ୍ୱତନ୍ତ୍ର ଏସଓପି ଜାରି କରାଯାଇଥିବା ଡାକ୍ତର ଦିଲ୍ଲୀପ କହିଛନ୍ତି। କୋଭିଡ୍ ଆକ୍ରାନ୍ତ କର୍କଟ ରୋଗୀଙ୍କ ଚିକିତ୍ସାରେ ମଧ୍ୟ କୌଣସି ସମସ୍ୟା ନେଇ ସେମାନେ ରେଡିଓଥେରାପି, କେମୋଥେରାପି ସହିତ ସେମାନଙ୍କୁ ରେମଡେସଭିର ଦିଆଯାଇ ପାରିବ ବୋଲି କର୍କଟ ରୋଗ ବିଶେଷଜ୍ଞ କହିଛନ୍ତି।



### କିଏ ଗଛ ତଳେ ତ କିଏ ଭୁବନେଶ୍ୱରରେ ଭଡ଼ା ଘରେ...

କର୍କଟ ରୋଗ ଚିକିତ୍ସାର ମୁଖ୍ୟ ଦିଗ ହେଲା କେମୋଥେରାପି ଏବଂ ରେଡିଓଥେରାପି। ମାସକୁ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ରୋଗୀଙ୍କୁ ଏହା ନେବାକୁ ପଡ଼େ। ତେଣୁ ଅନେକ ରୋଗୀ ଘରକୁ ଫେରି ଯାଆନ୍ତି, ଏହି ଥେରାପି ନେବା ସମୟ ହେଲେ ପୁଣି ଆସନ୍ତି। କରୋନା, ଲକଡାଉନ୍ ଯୋଗୁଁ ଯାତାୟାତ ସମସ୍ୟା ଆଶଙ୍କାରେ ଘରକୁ ନଯାଇ ଡାକ୍ତରଖାନା ପ୍ରାଙ୍ଗଣରେ ରହିଯାଇଥିବା କହିଛନ୍ତି ମାଲକାନଗିରିରୁ ଆସିଥିବା ଯମୁନା ପାଙ୍ଗୀ(୩୪)। ରକ୍ତ କର୍କଟ ରୋଗରେ ପୀଡ଼ିତ ଯମୁନା ଦେଢ଼ ମାସ ପୂର୍ବରୁ କଟକରେ ଭର୍ତ୍ତି ହୋଇ ଏମ୍ସକୁ ରେଫର ହୋଇ ଆସି ଦେଖାଉଥିଲେ। କିଛି ଦିନ ପାଇଁ ଘରକୁ ଯିବା ପରେ ଅବସ୍ଥା ଗୁରୁତର ହେବାରୁ ପୁଣି ଏମ୍ସକୁ ଆସିଲେ। ମାତ୍ର ୨ ଦିନ ତାଙ୍କୁ ଡିସଚାର୍ଜ କରିଦିଆଗଲା। କିନ୍ତୁ ପ୍ରତି ସପ୍ତାହରେ ତାଙ୍କର ରେଡିଓଥେରାପି ଜାରି ରହିଛି। କରୋନା ଯୋଗୁଁ ଗାଡ଼ି ଯାତାୟାତ ହ୍ରାସ ପାଇବା ଯୋଗୁଁ ସେମାନେ ଘରକୁ ଫେରିନଥିବା କହିଛନ୍ତି ଯମୁନାଙ୍କ ସ୍ୱାମୀ। ଏଠାରେ ୫ଟଙ୍କିଆ ମିଲ, କ୍ୟାଣ୍ଟିନ ମିଲ୍ ଭରସାରେ ରହିଛନ୍ତି। ସମ୍ବଲପୁରର ନାରାୟଣ ପତି ସ୍ତ୍ରୀଙ୍କ କର୍କଟ ରୋଗ ଚିକିତ୍ସା ପାଇଁ ଏମ୍ସ ଆସିଛନ୍ତି। ତାଙ୍କର କେମୋଥେରାପି ଚାଲୁଛି। ଘରକୁ ଫେରିଗଲେ ଲକଡାଉନ୍ ଯୋଗୁଁ ଯାନବାହନ ସମସ୍ୟା ହେବା ଆଶଙ୍କା କରି ସେ ଏଠାରେ ଘରେ ଭଡ଼ାରେ ରହି ଯାଇଥିବା କହିଛନ୍ତି।

# ରାଜ୍ୟ ସରକାରଙ୍କ ନୂଆ ରଣନୀତି : ପୁରୁଣା ଯୋଦ୍ଧା ଯିବେ, ନୂଆ ଯୋଦ୍ଧା ନିଯୁକ୍ତି ପାଇବେ

ଭୁବନେଶ୍ୱର,୧୦/୫ (ନି.ପ୍ର): ଦେଶର ସମ୍ବିଧାନରେ ସ୍ୱାସ୍ଥ୍ୟସେବାକୁ ମୌଳିକ ଅଧିକାର ଅନ୍ତର୍ଭୁକ୍ତ କରାଯାଇଛି। ସମସ୍ତଙ୍କୁ ନିଶ୍ଚିତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ। ରାଜ୍ୟ ସରକାର ୨୦୧୨ ମସିହାରୁ ରାଜ୍ୟରେ କେନ୍ଦ୍ରୀୟ ଗାଇଡ଼ ଲାଇନ୍ ଅନୁଯାୟୀ ଆବଶ୍ୟକୀୟ ଷ୍ଟାଫନର୍ସ, ଏଏନ୍ଏମ୍, ଫାର୍ମାସିଷ୍ଟ ଓ ଏଲ୍‌ଟି ପ୍ରମୁଖ ପାରାମେଡ଼ିକାଲ କର୍ମଚାରୀ ନିୟୋଜିତ କରିନଥିଲେ। ହଠାତ୍ କରୋନା ସମସ୍ୟା ଦେଖାଦେବା ଫଳରେ ସରକାର ଅତି ତରବରିଆ ଭାବେ ଜିଲ୍ଲାସ୍ତରୀୟ ମନୋନୟନ କମିଟି ଦ୍ୱାରା ୧୨ହଜାର ପାରା ମେଡ଼ିକାଲ କର୍ମଚାରୀଙ୍କୁ ମନୋନୀତ କରି କରୋନ ଯୋଦ୍ଧା ଭାବେ ନିୟୋଜିତ କରିଥିଲେ। ପରବର୍ତ୍ତୀ ସମୟରେ ରାଜ୍ୟରେ କରୋନା ସମ୍ପୂର୍ଣ୍ଣ ଦୂରୀଭୂତ ହେବା ଦର୍ଶାଇ ୩୧.୧୨.୨୦୨୦ରେ ସମସ୍ତ କରୋନା ଯୋଦ୍ଧାଙ୍କୁ ଛଟେଇ କରିବା ପାଇଁ ସରକାରୀ ନିର୍ଦ୍ଦେଶନାମା ଜାରି ହୋଇଥିଲା। କିନ୍ତୁ କ୍ରାନ୍ତି ଓଡ଼ିଶାର ଅନୁରୋଧକ୍ରମେ ମହାମାନ୍ୟ ରାଜ୍ୟପାଳଙ୍କ ହସ୍ତକ୍ଷେପ ଓ କ୍ରାନ୍ତି ଓଡ଼ିଶା ପକ୍ଷରୁ ମାନ୍ୟବର ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାୟର କରାଯାଇ ରାଜ୍ୟ ସରକାର ପ୍ରଥମେ ୨୫ ପ୍ରତିଶତ କରୋନା ଯୋଦ୍ଧାଙ୍କୁ ନେଇ କାମ କରିବା ପାଇଁ ୨୨.୧୨.୨୦୨୦ରେ ନିର୍ଦ୍ଦେଶନାମା ଜାରି କରଥିବା ବେଳେ ପରବର୍ତ୍ତୀ ସମୟରେ ମାନ୍ୟବର ହାଇକୋର୍ଟରେ ୩୫ପ୍ରତିଶତ କର୍ମଚାରୀଙ୍କୁ ନେଇ କରୋନାର ମୁକାବିଲା କରିବା ପାଇଁ ସତ୍ୟପାଠ ଦାଖଲ କରିଥିଲେ ଏବଂ ଅନ୍ୟ ୬୫ ପ୍ରତିଶତ କରୋନା ଯୋଦ୍ଧାଙ୍କୁ ଛଟେଇ କରି ଦେଇଥିଲେ। କରୋନ ଆଇନ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଚଳିତ ହୋଇଥିବା ଯୋଗୁ ଓଡ଼ିଶା କରୋନାମୁକ୍ତ ରାଜ୍ୟ ଭାବେ କେନ୍ଦ୍ର ସରକାର ଘୋଷଣା କରିନଥିବା ବେଳେ ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା ସାମ୍ବିଧାନିକ ଦୃଷ୍ଟିରୁ ମୌଳିକ ଅଧିକାର ଅର୍ନ୍ତଭୁକ୍ତ ହୋଇଥିବା ବେଳେ ଆବଶ୍ୟକୀୟ ଷ୍ଟାଫନର୍ସ, ଏଏନ୍ଏମ୍ ଓ ପ୍ରମୁଖ ପାରାମେଡ଼ିକାଲ ଷ୍ଟାଫ ନଥିବା ବେଳେ କରୋନାର ଦ୍ୱିତୀୟ ଲହର ଦ୍ରୁତଗତିରେ ବୃଦ୍ଧି ନେଇ ପୁଣି କ୍ରାନ୍ତି ଓଡ଼ିଶା ପକ୍ଷରୁ ମହାମାନ୍ୟ ରାଜ୍ୟପାଳ, ମାନ୍ୟବର ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ସ୍ୱାସ୍ଥ୍ୟ ବିଭାଗ ଉପମୁଖ୍ୟ ଶାସନ ସଚିବଙ୍କ ହସ୍ତକ୍ଷେପ ଲୋଡ଼ା ଯାଇଥିଲା। ମହାମାନ୍ୟ ରାଜ୍ୟପାଳ ଏନେଇ ପତ୍ର ସଂଖ୍ୟା ୧୪୯୦ଏସ୍‌ଜି ତା ୨.୨.୨୦୨୧ରିଖ, ଆଉ ଏକ ପତ୍ର ସଂଖ୍ୟା ୩୦୮୮ଏସ୍‌ଜି ତା୮.୩.୨୦୨୧ ଏବଂ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ସିଏମ୍‌ଓଏଫଏଫ/ଡ଼ି/୨୦୨୨୧/୦୦୭୩୦ ତା ୨୬.୨.୨୦୨୧ ପତ୍ର କ୍ରମେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତା ୨୬.୪.୨୦୨୧ପତ୍ର ସଂଖ୍ୟା ୧୨୫୧୫ ଅନୁଯାୟୀ ୭ହଜାର ଅଭିଜ୍ଞ ଛଟେଇ କରୋନା ଯୋଦ୍ଧାଙ୍କୁ ତୁରନ୍ତ ପୁନଃ ନିଯୁକ୍ତି ଦେବା ପାଇଁ ଜିଲ୍ଲାପାଳ ଓ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ କରାଯାଇଛି। କିନ୍ତୁ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀମାନେ ମନ୍ଦ ଉଦ୍ଦେଶ୍ୟ ରଖି ବ୍ୟାପକ ଅର୍ଥ କାରବାରରେ ଲିପ୍ତ ରହି ଅଭିଜ୍ଞ କରୋନା ଯୋଦ୍ଧାମାନଙ୍କୁ ବାଦ ଦେଇ ନୂତନ ମାନଙ୍କୁ ନିଯୁକ୍ତି କରୁଥିବା ନେଇ କରୋନା ଯୋଦ୍ଧା ମହଲରେ ଗଭୀର ଅସନ୍ତୋଷ ଦେଖାଦେଇଛି। ଅନ୍ୟ ପକ୍ଷରେ ରାଜ୍ୟ ସରକାର ୨୦୧୯ରେ ନୂତନ କ୍ୟାଡ଼ର ରୁଲ୍ ପ୍ରଚଳନ କରି ଷ୍ଟାଫ ସିଲେକ୍ସନ କମିଶନ ଦ୍ୱାରା ୬୪୦୦ ଷ୍ଟାଫନର୍ସ ନିଯୁକ୍ତି ନିମନ୍ତେ ବିଜ୍ଞାପନ ପ୍ରକାଶ କରି ବର୍ତ୍ତମାନ ମନୋନୟନ ତାଲିକା ପ୍ରକାଶ କରିଛନ୍ତି। ଖୁବ୍ ଶୀଘ୍ର କରୋନା କ୍ଷେତ୍ରରେ ନିଜ ଜୀବନକୁ ବାଜି ଲଗାଇ ଦୀର୍ଘଦିନ ଧରି କାର୍ଯ୍ୟ କରୁଥିବା ସମସ୍ତ ଷ୍ଟାଫନର୍ସ କରୋନା ଯୋଦ୍ଧାଙ୍କୁ ବହିଷ୍କାର କରି ସେହି ସ୍ଥାନରେ ଏହି ୬୪୦୦ ନୂତନ ଷ୍ଟାଫନର୍ସଙ୍କୁ ନିଯୁକ୍ତି କରିବା ପାଇଁ ଯାଉଛନ୍ତି। ରାଜ୍ୟ ସରକାରଙ୍କର ଏଭଳି ଅଭିଜ୍ଞ କରୋନା ଯୋଦ୍ଧାଙ୍କୁ ଛଟେଇ ଓ ପୁଣି ସେହି ସ୍ଥାନରେ ନୂତନଙ୍କୁ ନିଯୁକ୍ତି ଦେଇ ରାଜ୍ୟର କ୍ରାନ୍ତିକାରୀ ସଂଗଠନ 'କ୍ରାନ୍ତି ଓଡ଼ିଶା' ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି।

# ସମ୍ବଲପୁର ବିଶ୍ୱବିଦ୍ୟାଳୟ କର୍ମଚାରୀ ଆତ୍ମାହୁତି ଘଟଣା: ତଦନ୍ତ କମିଟି ଗଠନରେ ବିଳମ୍ବ, ଉଠିଲାଣି ପ୍ରଶ୍ନ



ଭୁବନେଶ୍ୱର ,୧୦/୫ (ନି.ପ୍ର): ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅସ୍ଥାୟୀ କର୍ମଚାରୀ ଦୀନବନ୍ଧୁ ମିଶ୍ର ଆତ୍ମାହୁତି ଘଟଣାକୁ ୧୮ ଦିନ ବିତିଯାଇଥିଲେ ମଧ୍ୟ କୁଳପତି ପ୍ରଫେସର ସଞ୍ଜୀବ ମିତ୍ତଲ୍‌ଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ସେ ଏବେ ବି ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ ଥିବାରୁ ତଦନ୍ତକୁ ଏହା ନିଶ୍ଚିତ ପ୍ରଭାବିତ କରିବ ବୋଲି ନିଖିଳ ଓଡ଼ିଶା ବିଶ୍ୱବିଦ୍ୟାଳୟ କର୍ମଚାରୀ ମହାସଂଘ ଅଭିଯୋଗ କରିଛି।

ମହାସଂଘର ସଭାପତି ଶାରଦା ଚରଣ ମହାନ୍ତି କହିଛନ୍ତି ଯେ କୁଳପତି ପ୍ରଫେସର ମିତ୍ତଲ୍‌ଙ୍କୁ ଛୁଟିରେ ପଠାଯାଉ ନ ଥିବାରୁ ଏହି ସମୟରେ ସେ ଚାପ ପକାଇ ତାଙ୍କ ସପକ୍ଷରେ ସାକ୍ଷୀ ଯୋଗାଡ଼ କରିବା ସହ ନଥିପତ୍ର ନଷ୍ଟ କରିବାର ସୁଯୋଗ ପାଉଛନ୍ତି। ବିଶ୍ୱବିଦ୍ୟାଳୟ କୁଳାଧିପତି ତଥା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ତଦନ୍ତ କରିବାକୁ ଉଚ୍ଚଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ। ତଦନ୍ତ କମିଟି ଗଠନ କରିବା ଆଳରେ ଉଚ୍ଚଶିକ୍ଷା ବିଭାଗର ବାବୁମାନେ କୁଳପତିଙ୍କୁ ସମୟ ଦେଉଛନ୍ତି। ବିଶ୍ୱବିଦ୍ୟାଳୟ ସଂଶୋଧିତ ଆଇନ ବଳରେ କୁଳପତି ପ୍ରଫେସର ମିତଲଙ୍କୁ ଛୁଟିରେ ରହିବା ନିର୍ଦ୍ଦେଶ ଦିଆଯାଉନାହିଁ କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି। ଏ ବାବଦରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ କର୍ମଚାରୀ ସଂଘ ବାରମ୍ବାର ଆପତ୍ତି ଉଠାଇଲେ ମଧ୍ୟ ଶୁଣା ଯାଉନାହିଁ। ଏଭଳି ଚାଲିଲେ ତଦନ୍ତ ନିରପେକ୍ଷ ହେବ ନାହିଁ। ଯେତେଶୀଘ୍ର ସମ୍ଭବ କୁଳପତି ମିତ୍ତଲଙ୍କୁ ଛୁଟିରେ ରହିବାକୁ ନିର୍ଦ୍ଦେଶ ଦିଆଯାଇ ନିରପେକ୍ଷ ତଦନ୍ତ କରାଯାଉ। ଏଥିରେ ବିଳମ୍ବ ହେଲେ ମହାସଂଘର ଏକ ପ୍ରତିନିଧିଦଳ ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କୁ ଭେଟିବ ବୋଲି ସେ ସ୍ପଷ୍ଟ କରିଛନ୍ତି।

# ଚାଇଲ୍‌ଡ ଲାଇନ୍ ସଂଯୋଜକ, ସ୍ୱେଚ୍ଛାସେବୀଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ

## ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ମହିଳା ଓ ଶିଶୁ ବିକାଶ ବିଭାଗର ଚିଠି

ଭୁବନେଶ୍ୱର ,୧୦/୫ (ନି.ପ୍ର): କୋଭିଡ୍ ସ୍ଥିତିକୁ ନଜରରେ ରଖି ରାଜ୍ୟର ସମସ୍ତ ଚାଇଲଡ ଲାଇନ୍ ସଂଯୋଜକ, ସ୍ୱେଚ୍ଛାସେବୀଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟରେ ସମ୍ବେଦନଶୀଳ ଅବସ୍ଥାରେ ରହିଥିବା ଶିଶୁଙ୍କୁ କୌଣସି ମୁହୂର୍ତ୍ତରେ ଉଦ୍ଧାର କରିବା ଆବଶ୍ୟକ ପଡ଼ିପାରେ। ତେଣୁ ସମସ୍ତ ସଂଯୋଜକ, ସ୍ୱେଚ୍ଛାସେବୀଙ୍କ ନମ୍ବର ସଂଗ୍ରହ କରିବା ଲାଗି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ(ଡିସିପିଓ)ଙ୍କୁ ଚିଠି ଲେଖିଛି ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ। ସେହିପରି ରାଜ୍ୟରେ ଗତ ଏପ୍ରିଲ ମାସ ଶେଷ ସୁଦ୍ଧା ୩୭୬ଜଣ ଶିଶୁ ଆଇନଗତ ବିବାଦରେ ଛନ୍ଦି ହୋଇ ଅବଜରଭେସନ୍ ରୁମ୍‌ରେ ରହୁଛନ୍ତି। କୋଭିଡ୍ ସମୟରେ ସେମାନଙ୍କୁ ପାରିବାରିକ ଯତ୍ନର ଆବଶ୍ୟକତା ରହିଛି। ଆଇନଗତ ବିବାଦରେ ରହିଥିବା ଶିଶୁମାନଙ୍କ ଯଦି ତ୍ୱରିତ ବିଚାର ହୋଇପାରନ୍ତା, ତା'ହେଲେ ଶିଶୁଙ୍କ ସୁରକ୍ଷା ଦିଗରେ ଏହା ସହାୟକ ହୋଇପାରିବ ବୋଲି ବିଭାଗ ପକ୍ଷରୁ ହାଇକୋର୍ଟଙ୍କ ଜୁଭେନାଇଲ ଜଷ୍ଟିସ କମିଟିକୁ ଚିଠି ଜାରି ହୋଇଛି। ଜୁଭେନାଇଲ ଜଷ୍ଟିସ୍ ବୋର୍ଡ ଓ ଶିଶୁ କୋର୍ଟ ଏନେଇ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବା ଲାଗି ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି। ଏହାପୂର୍ବରୁ ଗତ ମାସ ୩୦ ତାରିଖରେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ପକ୍ଷରୁ କୋଭିଡ ସମୟରେ ଶିଶୁଙ୍କ ଯତ୍ନ ନେଇ ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିସନରଙ୍କୁ ଚିଠି ଲେଖିଥିଲେ ଆୟୋଗ ଅଧକ୍ଷା ସଂଧ୍ୟାବତୀ ପ୍ରଧାନ। ଚିଠିରେ ନିକଟରେ ହୋଇଥିବା ଏକ ଅନୁଧ୍ୟାନରେ ରାଜ୍ୟର ୫ଟି ସହରାଞ୍ଚଳରେ ରାସ୍ତାକଡ଼ରେ ରହୁଥିବା ଶିଶୁ ଓ ସେମାନଙ୍କ ବାସହୀନ ପିତାମାତାଙ୍କ ଦୁଃଖ କଥା କୁହାଯାଇଛି। ଏଭଳି ପରିସ୍ଥିତିରେ ରାସ୍ତକଡ଼ରେ ବସବାସ କରୁଥିବା ଶିଶୁ ଓ ସେମାନଙ୍କ ପିତାମାତାଙ୍କୁ କରୋନା ସଂପର୍କରେ ସଚେତନତା ସହିତ ଆଶ୍ରୟସ୍ଥଳୀ ଯୋଗାଇଦେବା ଲାଗି ସହରାଞ୍ଚଳ କର୍ତ୍ତୃପକ୍ଷ ପଦକ୍ଷେପ ଗ୍ରହଣ କରିବା ଲାଗି କୁହାଯାଇଛି। ଯଦି ଏହି ଶିଶୁମାନଙ୍କ ପିତାମାତା କରୋନାରେ ସଂକ୍ରମିତ ହୋଇ ଗୃହ ପୃଥକବାସ କିମ୍ବା ହସ୍ପିଟାଲରେ ଆଡମିଟ୍ ହୁଅନ୍ତି, ଏ ସମୟରେ ସେମାନଙ୍କ ଶିଶୁଙ୍କ ଉପଯୁକ୍ତ ଯତ୍ନ ଓ ସୁରକ୍ଷା ଜରୁରୀ ହୋଇପଡୁଛି। ଏପରିକି କରୋନାରେ ସଂକ୍ରମିତ ହୋଇ ପିତାମାତଙ୍କ ମୃତ୍ୟୁ ହେଲେ, ସଂପୃକ୍ତ ଶିଶୁଙ୍କୁ ସହାୟତା ଓ ଯତ୍ନର ଆବଶ୍ୟକତା ରହିଥିବାରୁ ଏ ନେଇ ପଦକ୍ଷେପ ଗ୍ରହଣ କରାଯାଉ। ରାଜ୍ୟରେ ଅନେକ ଜିଲ୍ଲା ଓ ରାଜ୍ୟସ୍ତରୀୟ ଶିଶୁ ସୁରକ୍ଷା ଗ୍ରୁପ୍ ଓ ଏନ୍ ?ଜିଓ ରହିଛନ୍ତି। ଏ ଦିଗରେ ସେମାନଙ୍କ ସହାୟତା ମଧ୍ୟ ନିଆଯାଇପାରିବ। ଆୟୋଗଙ୍କ ଉପଦେଷ୍ଟାଙ୍କୁ ନେଇ ଏକ କୋର ଗ୍ରୁପ୍ ଗଠନ କରାଯାଇଛି। ଶିଶୁଙ୍କ ସୁରକ୍ଷା ଦିଗରେ ଏହି ଟିମ୍ ସବୁ ପ୍ରକାର ସହାୟତା ଦେବାକୁ କୁହାଯାଇଥିବା ଚିଠିରେ ଉଲ୍ଲେଖ କରାଯାଇଛି।

## ଭୟଙ୍କର ହେଉଛି ମେ'

ଭୁବନେଶ୍ୱର,୧୦/୫ (ନି.ପ୍ର) : ଭୟଙ୍କର ହେଉଛି ମେ'। କରୋନା ସଂକ୍ରମଣ ସାଙ୍ଗକୁ ହୁ ହୁ ବଢୁଛି ମୃତ୍ୟୁସଂଖ୍ୟା । ସ୍ଥିତି ଏମିତି ଯେ, ସରକାରୀ ତଥ୍ୟ ଅନୁଯାୟୀ ଦ୍ୱିତୀୟ ଲହର ତାର ଘାତକ ରୂପ ଦେଖାଇବା ପରଠୁ ଏପ୍ରିଲ୍ ମାସରେ ଯେଉଁଠି ୧୨୨ ଜଣଙ୍କ ମୃତ୍ୟୁ ହୋଇଥିଲା, ସେଠି ମେ ମାସର ପ୍ରଥମ ୯ ଦିନରେ ଗଲାଣି ୧୩୭ ଜୀବନ । ମହାମାରୀର ଏ ଘାତକ ରୂପକୁ ନେଇ ଚିନ୍ତା ବଢୁଥିଲା ବେଳେ ବିଶେଷଜ୍ଞଙ୍କ କହିବା କଥା ସଂକ୍ରମଣ ବଢୁଥିବାରୁ ସ୍ୱାଭାବିକ ଭାବେ ମୃତ୍ୟୁସଂଖ୍ୟା ବି ବଢୁଛି। ହେଲେ ଅନ୍ୟ ରାଜ୍ୟ ତୁଳନାରେ ଆମ ରାଜ୍ୟରେ ମୃତ୍ୟୁହାର ଯଥେଷ୍ଟ କମ୍ । ଏହାସତ୍ତ୍ୱେ ଅନେକ ସ୍ଥାନରେ ଅହରହ ଜଳୁଥିବା ଶ୍ମଶାନର ଜୁଇ ଲୋକଙ୍କ ସନ୍ଦେହ ବଢାଉଛି। ସରକାରୀ ତଥ୍ୟ କହୁଛି ରାଜ୍ୟରେ କେବଳ ଏଇ ମେ' ମାସର ପ୍ରଥମ ୯ ଦିନରେ ମହାମାରୀ ୧୩୭ ଜୀବନ ନେଲାଣି । ମେ' ପହିଲାରୁ ଏଯାବତ୍ କେବଳ ଦୁଇ ଦିନକୁ ଛାଡ଼ିଦେଲେ ପ୍ରତିଦିନ ୧୪ କିମ୍ବା ତା ଉପରେ ମୃତ୍ୟୁର ଟ୍ରେଣ୍ଡ ରହୁଛି ।

# ଏସପ୍ଲାନେଡ୍ ମଲ୍ ପରି ଆଉ ୩ଟି ସ୍ଥାନରେ ଦିଆଯିବ ଟିକା

ଭୁବନେଶ୍ୱର,୧୦/୫ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରେ ଟିକାକରଣକୁ ତ୍ୱରାନ୍ୱିତ କରିବାକୁ ନିଆଯାଉଛି ପଦକ୍ଷେପ । ଏସପ୍ଲାନେଡ୍ ମଲ୍ ପରି ଆଉ ୩ଟି ସ୍ଥାନ ବିଏମସି ନିର୍ଦ୍ଧାରଣ କରିଛି। ସେଠାରେ ଲୋକେ ଯାଇ ଭ୍ୟାକ୍ସିନ ନେଇପାରିବେ । ଖୁବ୍‌ଶୀଘ୍ର ଏ ସଂପର୍କରେ ସୂଚନା ଦିଆଯିବ ବୋଲି ବିଏମ୍ସି କମିଶନର ସୂଚନା ଦେଇଛନ୍ତି। ଅନ୍ୟପଟେ ମାତ୍ର ୧୦୦ ଟଙ୍କା ପ୍ରୋସେସିଂ ଫି ଦେଇ ଘରୋଇ ହସ୍ପିଟାଲରେ ଭ୍ୟାକ୍ସିନ୍ ନେଇ ହେବ ବୋଲି କହିଥିଲେ ସରକାର । ତେବେ ବିଏମସି ପକ୍ଷରୁ ଏଯାଏଁ ଘରୋଇ ହସ୍ପିଟାଲକୁ କୌଣସି ଟିକା ଦିଆଯାଇନାହିଁ । ବିଏମ୍ସି ପାଖକୁ ମାତ୍ର ଦେଢ଼ ଲକ୍ଷ ଟିକା ଆସିଥିଲା। ଟିକାକରଣ ପାଇଁ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ସମସ୍ତ ସ୍ଲଟ୍ ବୁକିଂ ସରିଥିବାରୁ ସେଗୁଡିକ କ୍ୟାନ୍ସଲ କରିହେବ ନାହିଁ । ଫଳରେ ଘରୋଇ ହସ୍ପିଟାଲକୁ ଟିକା ଦିଆଯାଇ ନ ଥିବା ବିଏମ୍ସି କମିଶନର କହିଛନ୍ତି। ତେବେ ଟିକା ଆସିଲେ ଘରୋଇ ହସ୍ପିଟାଲକୁ ଏହା ଯୋଗାଇ ଦିଆଯିବ ।

# ନିଶିଗନ୍ଧା ସାହିତ୍ୟ ସଂସଦ ପକ୍ଷରୁ ଆଲୋଚନାଚକ୍ର

ଭୁବନେଶ୍ୱର,୧୦/୫ (ନି.ପ୍ର) : ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିବା ଦିଗରେ ବିପ୍ଳବ ସୃଷ୍ଟି କରୁଥିବା ନିଶିଗନ୍ଧା ସାହିତ୍ୟ ସଂସଦ ଆନୁକୁଲ୍ୟରେ ଚଳିତ ମାସ ୮ ତାରିଖ ସନ୍ଧ୍ୟା ସମୟରେ ଗୁଗୁଲ୍ ମିଟ୍ ଜରିଆରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା ।ଏହି କାର୍ଯ୍ୟକ୍ରମକୁ ବିଧାୟକ (ଭୁବନେଶ୍ୱର ମଧ୍ୟ)ଅନନ୍ତ ନାରାୟଣ ଜେନା ଓ ବିଶିଷ୍ଟ କବି ରକ୍ଷକ ନାୟକ (ଓଡ଼ିଶା ରାଜ୍ୟପାଳ ଙ୍କ ଲୋକ ସମ୍ପର୍କ ଅଧିକାରୀ) ଉଦଘାଟନ କରିଥିଲେ ।ପଣ୍ଡିତ ନାରାୟଣ ରଥଙ୍କ ଭଜନରୁ ଆରମ୍ଭ ହୋଇଥିଲା ସାରଗର୍ଭକ ଆଲୋଚନା ଚକ୍ର। ସଂସଦର ସଭାପତି ଶ୍ରୀଯୁକ୍ତ ଡ଼ଃ ରଜନୀ ରଞ୍ଜନ ଦାସଙ୍କ ସଭାପତିତ୍ୱ ଅଭିଭାଷଣରେ ସାହିତ୍ୟର ବିଭିନ୍ନ ଦିଗ ଉପରେ ଅଭିମତ ରଖିଥିଲେ। ସଂସଦର ପ୍ରତିଷ୍ଠାତା ଶ୍ରୀଯୁକ୍ତ ବଳରାମ ତରାଇ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ରାଜ୍ୟ ସଂଯୋଜକ ଶ୍ରୀଯୁକ୍ତ ଯୁଧିଷ୍ଠିର ମୁଦୁଲି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ।ପ୍ରଥମତଃ ସମକାଳୀନ ଓଡ଼ିଆ ସାହିତ୍ୟ(କବିତା)ଦିଗରେ ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଉପସଚିବ ତଥା ବିଶିଷ୍ଟ କବି ଡଃ କୁଳମଣି ଓଝା ନିଜର ବଳିଷ୍ଠ ବକ୍ତବ୍ୟ ରଖିଥିଲେ। ଦ୍ୱିତୀୟ ପର୍ଯ୍ୟାୟ ରେ 'ଓଡ଼ିଆ ସାହିତ୍ୟରେ ଅତିବଡ଼ି ଜଗନ୍ନାଥ ଦାସ ଙ୍କ ଭୂମିକା' ଉପରେ ବାଗ୍ମୀ ଶ୍ରୀଯୁକ୍ତ ପଦ୍ମନାଭ ତ୍ରିପାଠୀ ତଥ୍ୟଗତ ବକ୍ତବ୍ୟ ରଖି ଆଲୋଚନାକୁ ଯଥାର୍ଥ କରିଥିଲେ। ପରେ ପରେ ତୃତୀୟ ପର୍ଯ୍ୟାୟରେ ସାମ୍ବାଦିକ,ସ୍ତମ୍ଭକାର ତଥା ଭାଷାବିତ୍ ଶ୍ରୀଯୁକ୍ତ ପ୍ରଦ୍ୟୁମ୍ନ ଶତପଥୀ 'ଏକବିଂଶ ଶତାବ୍ଦୀରେ ସାହିତ୍ୟର ବିକାଶ'' ଦିଗରେ ବହୁମୂଲ୍ୟ ଉପାଦେୟ ପୂର୍ଣ୍ଣ ଆଲୋଚନା କରିଥିଲେ ।ସମସ୍ତ ଅତୁଳନୀୟ ଶବ୍ଦ, ଭାବ ,ଆବେଗ ତଥା ତଥ୍ୟଯୁକ୍ତ ଆଲୋଚନାର ସାରାଂଶ ସଂସଦର ଉପ ସଭାପତି ଶ୍ରୀଯୁକ୍ତ ଚିତ୍ତରଞ୍ଜନ ନନ୍ଦ ପ୍ରଦାନ କରିଥିଲେ ।ଶେଷରେ ସାହିତ୍ୟିକ ତଥା ପଶ୍ଚିମାଞ୍ଚଳର ବିଚାରକ ଶ୍ରୀଯୁକ୍ତ କୈଳାଶ ଚନ୍ଦ୍ର ପଟ୍ଟନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ସଂସଦର କାର୍ଯ୍ୟକାରୀ ସଭାପତି ଡ଼ଃ ଗୀତାଶ୍ରୀ ପ୍ରିୟମ୍ବଦା ପରିଚାଳନା କରିଥିଲେ ।ଏହି ଆଲୋଚନା ଚକ୍ରରେ ମୁଖ୍ୟ ସମ୍ପାଦିକା ସରସ୍ୱତୀ ନାୟକ, କରୁଣାକର ମଲ୍ଲିକ ,ଅନୁସୟା ଦେବତା,ଅର୍ଚ୍ଚନା ଦାସ,ରଶ୍ମିମୟୀ ପଟ୍ଟନାୟକ ଆଦି ବିଶିଷ୍ଟ କବି ,ଗାଳ୍ପିକ,ସାହିତ୍ୟିକଙ୍କ ସହ ନୂଆପଡ଼ାକ୍ଷ ଜିଲ୍ଲାର ଓଟିଭିର ପ୍ରତିନିଧି ମାୟାଧର ସରାଫ,ଅନୁଗୁଳ କବି ଅନିତା ପାଣି, ରାମନାରାୟଣ ଶର୍ମା, ପ୍ରଦୀପ୍ତ ପଟ୍ଟନାୟକ, ଭଗବାନ ଓଡ୍ରା, ତ୍ରିନାଥ ପଟ୍ଟନାୟକ, ଗଣେଶ ଚନ୍ଦ୍ର ଜେନା, କରୁଣାକର ଘଣ୍ଟୁଆଳ ଆଦି ଅନେକ ସ୍ରଷ୍ଟା ଉପସ୍ଥିତ ରହି ଏହି ରାଜ୍ୟ ସ୍ତରୀୟ ଆଲୋଚନା ଚକ୍ରକୁ ସଫଳ୍ୟ ମଣ୍ଡିତ କରିଥିଲେ। ପରିଶେଷରେ ମହାମାରୀ କରୋନାରୁ ସମଗ୍ର ମାନବ ଜାତିକୁ ଉଦ୍ଧାର କରିବାକୁ ଉପସ୍ଥିତ ସଭ୍ୟସଭ୍ୟା ତଥା କବି କବୟିତ୍ରୀମାନେ ମହାମୃତ୍ୟଞ୍ଜୟ ମନ୍ତ୍ର ପାଠ କରିଥିଲେ।

# କରୋନା କାଳରେ ରୋଗୀମାନଙ୍କୁ ସହାୟତାର ହାତ ବଢାଇଲା ଆଇ.ଏଲ.ପି.ଏଫ୍.

ଭୁବନେଶ୍ୱର,୧୦/୫ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ଦିନକୁ ଦିନ ସ୍ଥିତି ଭୟଙ୍କର ହୋଇଚାଲିଛି। ଲକଡ଼ାଉନ କାରଣରୁ ସାମାନ୍ୟ ଅସୁସ୍ଥତା ହେତୁ ପଦାକୁ ଗୋଡ଼ କାଢିବା ସମ୍ଭବ କିମ୍ବା ସମୀଚିନ ମଧ୍ୟ ନୁହେଁ। ଶତକଡ଼ା ଅଶୀଭାଗ କରୋନା ରୋଗୀ ବିଶେଷକରି ଲକ୍ଷଣ ବିହୀନ ରୋଗୀ ଘରେ ଅଲଗା ରହି ଡ଼ାକ୍ତରଙ୍କ ସହ ପରାମର୍ଶ କରି ସୁସ୍ଥ ହୋଇପାରିବେ। ଏଭଳି ସ୍ଥିତିରେ ରୋଗୀମାନଙ୍କୁ ସହାୟତାର ହାତ ବଢାଇଛି ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ (ଆଇ.ଏଲ୍.ପି.ଏଫ୍)। ଇଣ୍ଡିଆନ ଲିଭର ପେସେଣ୍ଟ ଫାଉଣ୍ଡେସନ (ଆଇ.ଏଲ୍.ପି.ଏଫ୍) ଏବଂ କ୍ରାପ୍ଟସର ମିଳିତ ସହଯୋଗରେ ଭାରତର ଯେ କୌଣସି ସ୍ଥାନରେ ବସବାସ କରୁଥିବା ରୋଗୀମାନଙ୍କୁ ଟେଲି ମେଡିସିନ ସେବା ଯୋଗାଇ ଦିଆଯାଉଛି। କୋଭିଡ଼ର ପରବର୍ତ୍ତୀ ସମୟରେ ବ୍ୟକ୍ତିବିଶେଷ ଯେପରି ମାନସିକ ଅବସାଦ କିମ୍ବା ଖାଦ୍ୟରେ ପୋଷକତତ୍ତ୍ୱର ଅଭାବ ଆଦିର ଶିକାର ନହେବେ, ସେଥିପ୍ରତି ଦୃଷ୍ଟି ରଖି ବିଶେଷଜ୍ଞମାନଙ୍କର ପରାମର୍ଶ ଫୋନରେ ଉପଲବ୍ଧ କରାଇ ଦିଆଯାଉଛି। ସୁସ୍ଥ ଶାରୀରିକ ଓ ମାନସିକ ବିକାଶ ନିମନ୍ତେ ସଠିକ୍ ଯୋଗ ପ୍ରଣାଳୀ ସମ୍ପର୍କରେ ମଧ୍ୟ ଅବଗତ କରାଯାଉଛି। ଦେଶବିଦେଶରେ ଅବସ୍ଥାପିତ ଅଶୀରୁ ଅଧିକ ଡ଼ାକ୍ତରୀ ଦଳ ଏବଂ ଆନୁଷଙ୍ଗିକ ବିଶେଷଜ୍ଞ ମଣ୍ଡଳୀ ଏହି ସେବାରେ ସକ୍ରିୟ ରହିଛନ୍ତି। ୯୩୪୮୮୬୪୩୨୭, ୮୦୧୮୨୪୦୯୯୬, ୯୭୭୭୭୦୭୬୬୮, ୭୮୭୩୨୦୭୬୯୫ ଏହି ଚାରୋଟି ମୋବାଇଲ ନମ୍ବରରେ ସକାଳ ୬ ଘଟିକାରୁ ରାତ୍ରି ୧୧ ଘଟିକା ମଧ୍ୟରେ ଯୋଗାଯୋଗ କରି ଯେକେହି ଏହି ସେବାର ଉପଯୋଗ କରିପାରିବେ। ଏପର୍ଯ୍ୟନ୍ତ ୩୦୦ରୁ ଅଧିକ ବ୍ୟକ୍ତି ଏହାରି ମାଧ୍ୟମରେ ଉପକୃତ ହୋଇପାରିଛନ୍ତି। ଇଂ ଉମାକାନ୍ତ ପାଣି ଏବଂ ଶ୍ରୀଯୁକ୍ତ ସଂଗ୍ରାମ ଦାଶଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହେଉଅଛି। ୯୦୭୮୭୦୦୧୧୧, ୯୯୩୭୩୯୬୭୯୬, ୭୦୪୨୧୫୫୫୪୦ ଏହି ମୋବାଇଲ ମାଧ୍ୟମରେ ଆୟୋଜକଙ୍କ ସହ ସିଧାସଳଖ ଯୋଗାଯୋଗ କରାଯାଇ ପାରିବ। କୋଭିଡ଼ର ପ୍ରକୋପକୁ ପ୍ରତିହତ କରିବା ପାଇଁ ଏହି ପ୍ରୟାସ ଜାରି ରହିବ। ଅଧିକରୁ ଅଧିକ ବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ଲାଭ ଉଠାଇଲେ ଲକଡ଼ାଉନ ଜନିତ ଅନେକ ସମସ୍ୟା ସମାହିତ ହୋଇପାରିବ ବୋଲି ସଦସ୍ୟ ଉମାକାନ୍ତ ପାଣି ଜଣାଇଛନ୍ତି।

# ବାଲିଆପାଳ ବସ୍ତା କଂଗ୍ରେସର ପ୍ରେସ ଇସ୍ତାହାର
## କରୋନା ଟିକା ଦାନକୁ ନେଇ ଦଳର ଉଦ୍‌ବେଗ

ବାଲିଆପାଳ,୦୯/୦୫ (ନି.ପ୍ର): କରୋନା ଟିକା ଦାନକୁ ନେଇ ବାଲିଆପାଳ ଓ ବସ୍ତା କଂଗ୍ରେସ ଘୋର ଉଦବେଗ ପ୍ରକାଶ କରିଛି । ଏକ ପ୍ରେସ ଇସ୍ତାହାରରେ ବାଲିଆପାାଳ ପଂଚାୟତ ସମିତି ଅଧ୍ୟକ୍ଷ ବିଜନ କୁମାର ନାୟକ ଆଜି ଏନେଇ ପ୍ରେସକୁ ଜଣାଇଛନ୍ତି । ଏବେ କରୋନାର ଦ୍ୱିତୀୟ ଲହର ଏହି ଦୁଇ ବ୍ଲକରେ କାୟା ବିସ୍ତାର କରିଛି । ପଶ୍ଚିମବଙ୍ଗର ଟ୍ରିପିଲ ମ୍ୟୁଟାଂଟ ଭୂତାଣୁ ମଧ ମାଡି ଚାଲିଛି । ହାଇଦ୍ରାବାଦ, ଦିଲ୍ଲୀ, ତେଲେଙ୍ଗାନ, ମୁମ୍ବାଇରୁ ଫେରିଥିବା ପ୍ରବାସୀ ଏବେ ବୁଲୁଛନ୍ତି । ଘରୋଇ ସଙ୍ଗରୋଧ କେନ୍ଦ୍ରରେ ସେମିତି ସୁବିଧା ନ ଥିବାରୁ ଅବାଧରେ ଘରଲୋକ ସହିତ ବାହାର ଲୋକଙ୍କ ସହିତ ମିଶୁଛନ୍ତି । ଫଳରେ ସଂକ୍ରମଣ ବଢି ବଢି ଚାଲିଛି । ଏବେ ସରକାର ଦ୍ୱିତୀୟ ଡୋଜ ଟିକା ଦାନ ପାଇଁ ନାମକୁ ମାତ୍ର ବ୍ୟବସ୍ଥା କରିଛନ୍ତି । ୬୦ ବର୍ଷରୁ ଉର୍ଦ୍ଧ୍ୱ ଲୋକ ଅଦ୍ୟାବଧି ଦ୍ୱିତୀୟ ଡୋଜ ନେଇ ପାରି ନାହାନ୍ତି । ୪୫ ବର୍ଷରୁ ଉର୍ଦ୍ଧ୍ୱ ଲୋକମାନେ ଦ୍ୱିତୀୟ ଡୋଜ ନେବା ପାଇଁ ରାତି ୧୦ରୁ ଆସି ଲମ୍ବା ଲାଇନରେ ରହୁଥିଲେ ମଧ ଟୁକନ ପାଇଁ ହନ୍ତସନ୍ତ ହେଉଛନ୍ତି । ଟିକା ଦାନରେ ବହୁ ତ୍ରୁଟି ବିଚ୍ୟୁତ ହେଉଥିଲେ ବି ତାହା ସୁସଙ୍ଗତ କରାଯାଇ ପାରୁନାହାନ୍ତି । ଅବ୍ୟବସ୍ଥା ଯୋଗୁଁ ଟିକା ନେବା ପାଇଁ ଆସି ବହୁ ନିରାଶ ହେଉଛନ୍ତି । ମହାମାରୀର ପ୍ରଥମ ଲହର ବେଳେ ସରକାର ସବୁବର୍ଗର ଲୋକଙ୍କୁ ରାସନ ଦେବେ ବୋଲି ଘୋଷଣା କରିଥିଲେ । ମାତ୍ର କେବଳ ରାସନ କାର୍ଡଧାରୀମାନଙ୍କୁ ଦେଇ ଅନ୍ୟମାନଙ୍କୁ ବଂଚିତ କରିଲେ । ଯାହା ଫଳରେ ପ୍ରବାସରୁ ଫେରିଥିବା ବହୁ ଗରିବ ଲୋକ ରାସନ ନ ପାଇଁ ହନ୍ତସନ୍ତ ହେଲେ । ବସ୍ତା ବାଲିଆପାଳ ବ୍ଲକର ବହୁ ଗରିବ ପ୍ରବାସୀଙ୍କ ରାସନ କାର୍ଡ ନାହିଁ । ସେମାନେଙ୍କୁ କାର୍ଡ ଦେବା ପାଇଁ ଦଳ ଦାବି କରିଛି । ଏହି ସବୁ ସମସ୍ୟା ପ୍ରତି ଗୁରୁତ୍ୱ ଦେବା ପାଇଁ ପ୍ରେସ ଇସ୍ତାହାରରେ କଂଗ୍ରେସ ଦାବି କରିଛି ।

## ୫୨ ଲିଟର ବିଦେଶୀ ମଦ ଜବତ ୨ ଗିରଫ

ମାଲକାନଗିରି,୧୦/୦୫ (ନି.ପ୍ର): ଲକ ଡାଉନ ଯୋଗୁଁ ବିଦେଶୀ ମଦ ଦୋକାନ ବନ୍ଦ ରହିଛି, କିନ୍ତୁ ଚୋରାରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଡ଼ା ଦରରେ ପୂର୍ବରୁ ମଦ କିଣି ଗଛିତ ରଖିଥିବା ଚୋରା ବେପାରୀ ମାନେ ମାଲେମାଲ ହେଉଥିବା ଦେଖିବାକୁ ମିଳିଛି। ଆଜି ମୋଟୁ ଥାନା ଇନ୍ସପେକ୍ଟର ଏସ. କେ. ସାହୁ, ଏ ଏସ ଆଇ ବନମାଳୀ ପ୍ରଧାନ, ହାବିଲଦାର ପ୍ରଶାନ୍ତ କୁମାର ଖୋସଲା, ଶରତ କୁମାର ବସ୍ତିଆ ଓ ସି. ଏଚ, ରାଓ ପ୍ରମୁଖ କାତାଗୁଡ଼ା ଛକ ରେ ଆଜି ଗାଡି ଯାଂଚ କରୁଥିବାବେଳେ ଏକ ହିରୋହୋଣ୍ଡା ମଟର ସାଇକେଲ ରେ ଦୁ୨ ଜଣ ଯୁବକ ବିଦେଶୀ ମଦ ନେଉଥିବା ଦେଖିଥିଲେ। ତୁରନ୍ତ ୨ ଯୁବକ ଙ୍କୁ ଗିରଫ କରି ମଦ ସହ ଗାଡ଼ିକୁ ଜବତ କରିଥିଲେ। ଗିରଫ ୨ ଯୁବକ ହେଲେ ସନ୍ତୋଷ ମାଟମ (୩୫) ଓ ଅଭିଷେକ କୁମାର (୧୯) ସେମାନଙ୍କ ଠାରୁ ମୋଟ ୫୨ ଲିଟର ବିଦେଶୀ ମଦ ଜବତ ହୋଇଛି। ଏହି ଘଟଣାରେ ଆଉ ଜଣେ ଅଭିଯୁକ୍ତ ଅଶୋକ ଯାଦବ ଫେରାର ଅଛି। ଗିରଫ ଯୁବକ ଦ୍ୱୟ ଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି ।

## ଆସନ୍ତା ୧୫ରୁ ବାବା ଆଖଣ୍ଡଳମଣିଙ୍କ ଚନ୍ଦନ ଯାତ୍ରା : ବିନା ଭକ୍ତରେ କୋଭିଡ୍ କଟକଣା ମଧ୍ୟରେ ଅନୁଷ୍ଠିତ ହେବ

ଭଦ୍ରକ,୧୦/୦୫ (ନି.ପ୍ର): ଆସନ୍ତା ୧୫ ତାରିଖ ଅକ୍ଷୟ ତୃତୀୟ ଠାରୁ ଆରମ୍ଭ ହେବ ଓଡ଼ିଶାର ପ୍ରସିଦ୍ଧ ଶୈବ ପୀଠ ଆରଡ଼ି ସ୍ଥିତ ବାବା ଆଖଣ୍ଡଳମଣିଙ୍କ ଚନ୍ଦନ ଯାତ୍ରା । ଏହା ୨୧ ଦିନ ଧରି ଚାଲିବ । ହେଲେ ମହାମାରୀ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ବିନା ଭକ୍ତରେ କୋଭିଡ୍ କଟକଣା ମଧ୍ୟରେ ଏହି ଚନ୍ଦନ ଯାତ୍ରା ନୀତି ସମ୍ପନ୍ନ କରିବା ପାଇଁ ଉଭୟ ପ୍ରଶାସନ ଓ ସେବାୟତଙ୍କ ପକ୍ଷରୁ ନିଷ୍ପତି ହୋଇଛି । ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ ଶିବଗଙ୍ଗା ପୁଷ୍କରିଣୀରେ ଚାପ ନୀତି କରାନଯାଇ ମନ୍ଦିର ଭିତର ବେଢ଼ାରେ ସୀମିତ ସେବାୟତଙ୍କ ଉପସ୍ଥିତିରେ ଏହି ନୀତି ସମ୍ପନ୍ନ କରାଯିବା ପାଇଁ ଭଦ୍ରକ ଉପଜିଲ୍ଲାପାଳ ତଥା ମନ୍ଦିର ଟ୍ରଷ୍ଟୀ ନଟକା ଜାରୀ କରିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### କ୍ୟାବିନେଟ୍ ନିଷ୍ପତ୍ତି : ଟିକାକରଣ....

ପଦକ୍ଷେପ ନିଆଯିବ । ଏଥିପାଇଁଏକ ଗ୍ଲୋବାଲ ଟେଣ୍ଡର ଜାରି କରିବାକୁ ରାଜ୍ୟ କ୍ୟାବିନେଟ ନିଷ୍ପତି କରିଛନ୍ତି । ବିପଦସଙ୍କୁଳ ଜନସାଧାରଣଙ୍କର ଶୀଘ୍ର ଟୀକାକରଣ ଏବଂ ମୂଲ୍ୟବାନ ଜୀବନ ର ସୁରକ୍ଷା ସହିତ ଲୋକଙ୍କ ଜୀବନଜୀବିକା ର ପୁନସ୍ଥାପନରେ ଏହା ସହାୟକ ହେବ ।ଏଥିପାଇଁ ଏକ ବୈଷୟିକ କମିଟି ଗଠନ କରାଯିବ ଏବଂ ଏହା ବିଶଦ ବ୍ୟବସ୍ଥା ଉପରେ ଧ୍ୟାନ ଦେବ । ଟୀକା ଉପରୁ ସମସ୍ତ ପ୍ରକାର ଟିକସ ଉଠାଇ ଦେବା ପାଇଁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ନିକଟରେ ଦାବି ଜଣାଇଛନ୍ତି ।ଏହା ଫଳରେ ରାଜ୍ୟ ଅର୍ଥନୀତି ଉପରେ କମ୍ ଚାପ ପଡ଼ିବ ଏବଂ ସାର୍ବଜନୀନ ଟୀକାକରଣ ପାଇଁ ରାଜ୍ୟ ସରକାରଙ୍କ ଉଦ୍ୟମରେ ଏହା ବିଶେଷ ସହାୟକ ହେବ । କେନ୍ଦ୍ର ସରକାର ବିଭିନ୍ନ ସେସ୍ ଓ ସରଚାର୍ଯ ଜରିଆରେ ଆଦାୟ କରୁଥିବା ଅତିରିକ୍ତ ସମ୍ବଳକୁ ରାଜ୍ୟ ମାନଙ୍କ ମଧ ରେ ଉପଯୁକ୍ତ ଭାବରେ ବଂଟନ କରାଯିବାର ଆବଶ୍ୟକତା ରହିଛି । ଏହି ଜଟିଳ ପରିସ୍ଥିତିରେ କୋଭିଡ଼୍ ଲଢ଼େଇ ରେ ରାଜ୍ୟ ମାନଙ୍କ ଅର୍ଥିକ ସ୍ଥିତିକୁ ମଜବୁତ କରିବାରେ ଏହା ଶକ୍ତି ଯୋଗାଇବ । ରାଜ୍ୟ ସରକାର ତାଙ୍କର ଉପଲବ୍ଧ ସମ୍ବଳର ବିନିଯୋଗ କରି କୋଭିଡ଼୍ ବିରୁଦ୍ଧରେ ଲଢ଼େଇ କୁ ଜୋରଦାର କରିବା ଏବଂ କୋଭିଡ଼୍ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ସେବା ଯୋଗାଇବା ପାଇଁ ତାଙ୍କର ଦୃଢ଼ ସଙ୍କଳ୍ପର ପୁନଘୋଷଣା କରୁଛନ୍ତି ।

### ମୁଖ୍ୟମନ୍ତ୍ରୀ ଭାବେ ଶପଥ....

କବଳିତ ହେବାରେ ଲାଗିଛନ୍ତି । ଏହାରି ମଧ୍ୟରେ ପୁଡୁଚେରୀର ନୂଆ ମୁଖ୍ୟମନ୍ତ୍ରୀ ଏନ୍ ରଙ୍ଗାସ୍ୱାମୀ କରୋନାରେ ସଂକ୍ରମିତ ହୋଇଥିବା ସୂଚନା ମିଳିଛି । ବର୍ତ୍ତମାନ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି । ହେଲେ ଚିନ୍ତାର ବିଷୟକି ଡାକ୍ତରମାନେ ତାଙ୍କୁ ଚିକିତ୍ସା ପାଇଁ ପୁଡୁଚେରୀରୁ ଚେନ୍ନାଇକୁ ପଠାଇ ଦେଇଛନ୍ତି । ସୂଚନା ମୁତାବକ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ତାଙ୍କୁ ରବିବାର ଦିନ ପୁଡୁଚେରୀ ଇନ୍ଦିରା ଗାନ୍ଧୀ ସରକାରୀ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଥିଲା । ସେଠାରେ ତାଙ୍କର କୋଭିଡ ଟେଷ୍ଟ କରାଯାଇଥିଲା । ଯାହାର ରିପୋର୍ଟ ପଜିଟିଭ୍ ଆସିଥିଲା । କହିରଖୁ କି ଦୁଇଦିନ ପୂର୍ବରୁ ପୁଡୁଚେରୀ ରାଜଭବନରେ ଆୟୋଜିତ ସମାରୋହରେ ସେ ପୁଡୁଚେରୀର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ । ଏବେ ସ୍ୱାସ୍ଥ୍ୟ ବିଭାଗର ଟିମ୍ ରଙ୍ଗାସ୍ୱାମୀଙ୍କ ସଂସ୍ପର୍ଶରେ ଆସିଥିବା ସମସ୍ତ ଲୋକଙ୍କୁ ଠାବ କରି କ୍ୱାରେଣ୍ଟିନ୍ କରୁଛନ୍ତି । ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତରଫରୁ ଜାରି କରାଯାଇଥିବା ସୂଚନା ମୁତାବକ ଦେଶରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୨.୨୬ କୋଟି ପାର କରିଛି । ଏହାସହ କରୋନା ସଂକ୍ରମଣରେ ଦେଶରେ ମୋଟ ମୃତକଙ୍କ ସଂଖ୍ୟା ୨.୪୬ ଲକ୍ଷ କୁ ବୃଦ୍ଧି ପାଇଛି ।

### ମୁଖ୍ୟମନ୍ତ୍ରୀ ଭାବେ ଶପଥ ....

ନିୟମ ପାଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ହିମନ୍ତ ବିଶ୍ୱ ଶର୍ମାଙ୍କ ସମର୍ଥକଙ୍କ ସହିତ ବହୁସଂଖ୍ୟକ ନିମନ୍ତ୍ରିତ ଅତିଥି ମଧ୍ୟ ଯୋଗ ଦେଇଥିଲେ । ବିଜେପି କାର୍ଯ୍ୟକର୍ତାଙ୍କ ମଧ୍ୟରେ ବିଶେଷ ଭାବେ ଉତ୍ସାହ ଦେଖିବାକୁ ମିଳିଥିଲା । ଶପଥ ଗ୍ରହଣ ଉତ୍ସବରେ ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା, ପୂର୍ବତନ ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ, ବିଜେପିର ରାଷ୍ଟ୍ରୀୟ ପର୍ଯ୍ୟବେକ୍ଷକ କେନ୍ଦ୍ରୀୟ କୃଷି ମନ୍ତ୍ରୀ ନରେନ୍ଦ୍ର ସିଂ ତୋମର, ଅରୁଣ ସିଂହ, ରାଷ୍ଟ୍ରୀୟ ସାଂଗଠନିକ ମହାସଚିବ ବିଏଲ ସନ୍ତୋଷ, ଅଜୟ ଜାମୱାଲ, ପବନ ଶର୍ମା, ରାଷ୍ଟ୍ରୀୟ ମହାସଚିବ ଦିଲ୍ଲୀପ ସୈକୟା, ୟୁପିପି,ଲ ପାର୍ଟିର ଅଧ୍ୟକ୍ଷ ପ୍ରମୋଦ ବୋଡ଼ୋ ଙ୍କ ସହିତ ତିନିଦଳର ନବ ନିର୍ବାଚିତ ବିଧାୟକ, ତିନି ଦଳର ବରିଷ୍ଠ ପଦାଧିକାରୀ, ଦଳର କାର୍ଯ୍ୟକର୍ତା ଏବଂ ଅନେକ ସମର୍ଥକ ଉପସ୍ଥିତ ଥିଲେ ।

### କରୋନାରୁ ସୁସ୍ଥ ହେବା ପରେ....

ଦାବି କରାଯାଇଛି । କରୋନା ଆକ୍ରାନ୍ତଙ୍କ ଦେହରେ ଦୁଇ ପ୍ରକାର ଆଂଟିବଡି ବା ପ୍ରତିରୋଧ ଶକ୍ତି ସୃଷ୍ଟି ହୁଏ, ପ୍ରଥମତଃ ଭୂତାଣୁର ନ୍ୟୁକ୍ଲୋକାପସିଡ୍ ପ୍ରୋଟିନ ବିରୋଧରେ ଆଂଟିବଡି ପ୍ରସ୍ତୁତ ହୁଏ, ଦ୍ୱିତୀୟରେ ଭୂତାଣୁର ଷ୍ଟ୍ରକ୍ଚରାଲ ସ୍ପାଇକ ପ୍ରୋଟିନ ବିରୋଧରେ ପ୍ରତିରୋଧ ଶକ୍ତି ତିଆରି ହୁଏ, ଅଧ୍ୟୟନରୁ ଦେଖାଯାଇଛି ଯେ, ସ୍ପାଇକ ପ୍ରୋଟିନ ବିରୋଧରେ ଆଂଟିବଡି ହ୍ରାସ ପାଉନାହିଁ, ଯାହା ପୁନଃ ସଂକ୍ରମିତ ହେବାରେ ମଣିଷ ଶରୀରର କୋଷିକାକୁ ସୁରକ୍ଷା ଯୋଗାଇ ହେଉଛି, କରୋନାରୁ ସୁସ୍ଥ ହୋଇଥିବା ୭୬ ଜଣ ସ୍ୱାସ୍ଥ୍ୟକର୍ମୀ ଓ କରୋନା ଯୋଦ୍ଧାଙ୍କୁ ନେଇ ହୋଇଥିଲା ଏହି ଅଧ୍ୟୟନ, କରୋନାରୁ ସୁସ୍ଥ ହେବାର ୨୮ ଦିନ ପରେ ୧୮ରୁ ୬୩ ବର୍ଷର ବ୍ୟକ୍ତିଙ୍କୁ ନେଇ ଏହି ଅଧ୍ୟୟନ କରାଯାଇଥିଲା, ପ୍ରାୟ ୧୬ ସପ୍ତାହ ଧରି ଏମାନଙ୍କଠାରୁ ସିରମ ସାମ୍ପୁଲ ସଂଗ୍ରହ କରି ବିଭିନ୍ନ ପରୀକ୍ଷା ନିରୀକ୍ଷା କରାଯାଇଥିଲା, ସେପ୍ଟେମ୍ବର ୨୦୨୦ରୁ ଫେବ୍ରୁଆରୀ ୨୦୨୧ ଭିତରେ ଏମାନଙ୍କର ଆଂଟିବଡି ପ୍ରାୟ ୧୦ ଗୁଣା ବୃଦ୍ଧି ପାଇଥିବା ଦେଖା ଯାଇଥିଲା ।

### ଟିକା ନେବାକୁ ଆସି ଘରକୁ ....

ଲମ୍ବା ଲାଇନ ଦେଖିବାକୁ ମିଳିଛି । ଉପାନ୍ତରୁ ଉପକୂଳ, ସୀମାନ୍ତରୁ କେନ୍ଦ୍ରସ୍ଥଳ । ସବୁଠି ଉତ୍ସାହ, ସବୁଠି ବ୍ୟଗ୍ରତା । ମହାମାରୀର ମହୋଷଧୀ ପାଲଟିଥିବା ଟିକା ପାଇଁ ଲୋକଙ୍କ ମଧ୍ୟରେ ଯେତିକି ସଚେତନତା ରହିଛି, ତାଠୁ ଅଧିକ ଆଗ୍ରହ ଦେଖିବାକୁ ମିଳୁଛି । ରାଜ୍ୟର ବିଭିନ୍ନ ସ୍ଥାନରୁ ଆସୁଥିବା ସବୁ ଚିତ୍ର ସେହି କଥା ହିଁ ବୟାନ କରୁଛି । ଅବ୍ୟବସ୍ଥାରର ଅନେକ କାହାଣୀ ଭିତରେ ଟିକାକରଣର ସକରାତ୍ମକ ଦିଗଟି ହେଉଛି, ଟିକାକରଣକୁ ନେଇ ସାଧାରଣ ଲୋକଙ୍କ ଭିତରେ ସଚେତନା ରହିଛି । ଟିକା ଯୋଗାଣ ଏବଂ ଟିକାକରଣରେ ଥିବା ସମସ୍ୟା ସମ୍ପର୍କରେ ସମସ୍ତେ ଜାଣନ୍ତି । କିନ୍ତୁ ଏହାରି ଭିତରେ ଟିକା ନେବା ପାଇଁ ଲୋକ ଆସି ଲାଇନରେ ଠିଆ ହେବା ଏବଂ ଘଂଟା ଘଂଟା ଧରି ଅପେକ୍ଷା କରିବା, ମହାମାରୀ ବିରୋଧୀ ଲଢ଼େଇର ଆଉ ଏକ ଦିଗକୁ ସୂଚାଉଛି । ତେବେ ଟିକାକରଣକୁ ନେଇ ଥିବା ଅହେତୁକ ଆଗ୍ରହ ଭିତରେ କିଛି ସ୍ଥାନରେ କିଛି ଅପ୍ରିତୀକର ସ୍ଥିତି ଦେଖିବାକୁ ମିଳୁଛି । ଏପଟେ ଯାଜପୁରରୁ ଆସିଥିବା ଚିତ୍ର ସମସ୍ତଙ୍କୁ ବିବ୍ରତ କରିଦେଉଛି । କାରଣ, ଟିକାର ନିଅଂଟିଆ ସ୍ଥିତି ଭିତରେ ୧୮ରୁ ୪୪ ବର୍ଷ ବୟସ୍କଙ୍କ କଥା ଛାଡନ୍ତୁ, ୪୫ ବର୍ଷରୁ ଅଧିକ ବୟସ୍କଙ୍କ ଟିକାକରଣ ମଧ୍ୟ ଠିକରେ ସମ୍ଭବ ହେଉନାହିଁ । ଏପରିକି ପ୍ରଥମ ଡୋଜ୍ ଟିକା ନେଇଥିବା ବ୍ୟକ୍ତି ଦ୍ୱିତୀୟ ଡୋଜ୍ ଟିକା କେବେ ନେବେ, ତାକୁ ନେଇ ଦ୍ୱନ୍ଦ୍ୱ ଲାଗିରହିଛି । ଦୀର୍ଘ ୧୦ ଦିନ କାଳ ଟିକାକରଣ ବନ୍ଦ ରହିବା ପରେ ପୁଣି ଥରେ ଟିକାକରଣ ଆରମ୍ଭ ହୋଇଥିବାରୁ ପୁରୀ କାକଟପୁର ବ୍ଲକର ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରରେ ଲୋକଙ୍କ ନାହିଁ ନଥିବା ଭିଡ ଦେଖିବାକୁ ମିଳିଥିଲା । ସ୍ଥିତି ଏଭଳି ହୋଇଥିଲା ଯେ, ଲୋକ ରାତିରୁ ଟିକା ପାଇଁ ଲାଇନ୍ ଲଗାଇଥିଲେ । କିନ୍ତୁ ଏସବୁ ଭିତରେ ଟିକାର ଅଭାବ ଏବଂ ଅନେକ ସମୟରେ ଗ୍ରାମାଞ୍ଚଳରେ ଟିକାକରଣ କେନ୍ଦ୍ର ବନ୍ଦ ରହିବା ସମସ୍ତଙ୍କୁ ଚିନ୍ତାରେ ପକାଇ ଦେଉଛି । ଲୋକଙ୍କ ଆଗ୍ରହ ଓ ମହାମାରୀର ଭୟାବହତାକୁ ଦୃଷ୍ଟିରେ ରଖି ଟିକାକରଣକୁ ଆହୁରି ତ୍ୱରାନ୍ୱିତ କରିବାର ଆବଶ୍ୟକତା ରହିଛି ।

### ଗୋଟିଏ ଦିନରେ ୧୦୦୩୧....

୪୫୦ ଜଣ, ଭଦ୍ରକରୁ ୨୪୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୨୭୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୧୮୩, କଟକରୁ ୭୨୦ ଜଣ, ଦେବଗଡ ଜିଲ୍ଲାରୁ ୧୧୮ ଜଣ, ଢେଙ୍କାନାଳ ଜିଲ୍ଲାରୁ ୨୪୪ ଜଣ, ଗଜପତି ଜିଲ୍ଲାରୁ ୮୯, ଗଞ୍ଜାମରୁ ୨୦୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୧୧୫ ଜଣ, ଯାଜପୁରରୁ ୩୨୮ ଜଣ, ଝାରସୁଗୁଡ଼ାରୁ ୪୧୮ ଜଣ, କଳାହାଣ୍ଡିରୁ ୪୩୩ ଜଣ, କନ୍ଧମାଳ ଜିଲ୍ଲାରୁ ୭୫ ଜଣ. କେନ୍ଦ୍ରାପଡ଼ାରୁ ୨୪୩ ଜଣ, କେନ୍ଦୁଝରରୁ ୧୬୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୧୩୨୯ ଜଣ, କୋରାପୁଟରୁ ୧୪୨ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୬୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୨୦୭ ଜଣ, ନବରଙ୍ଗପୁରରୁ ୩୦୬ ଜଣ, ନୟାଗଡ଼ରୁ ୨୬୯ ଜଣ, ନୂଆପଡ଼ାରୁ ୩୧୧ ଜଣ, ପୁରୀରୁ ୭୦୮ ଜଣ, ରାୟଗଡ଼ାରୁ ୧୩୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୩୦୨ ଜଣ, ସୋନପୁରରୁ ୧୬୯ ଜଣ, ସୁନ୍ଦରଗଡ଼ରୁ ୮୨୪ ଜଣ ଓ ଷ୍ଟେଟ୍ ପୁଲରୁ ୨୭୧ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

### ଇସ୍ପାତ୍ ମନ୍ତ୍ରଣାଳୟ ଓ ଷ୍ଟିଲ୍....

ନିଆଯାଉଥିବା ପଦକ୍ଷେପ ଗୁଡ଼ିକ ଉପରେ ବୈଠକରେ ଆଲୋଚନା କରିଥିବା ଟ୍ୱିଟ୍ କରିଛନ୍ତି ଶ୍ରୀ ପ୍ରଧାନ । ବୈଠକରେ ଘରୋଇ ଇସ୍ପାତ୍ ପାଇଁ ମୂଲ୍ୟ, ଇସ୍ପାତର ଆମଦାନୀ ଓ ରପ୍ତାନୀ, ଇସ୍ପାତ୍ ପ୍ରସ୍ତୁତ ପାଇଁ ଆସୁଥିବା କଂଚାମାଲର ସୁରକ୍ଷା ନେଇ ମଧ ଆଲୋଚନା କରାଯାଇଥିଲା । ଏହି ଅବସରରେ ଶ୍ରୀ ପ୍ରଧାନ ଅଫିସର ମାନଙ୍କୁ ଇସ୍ପାତ୍ କ୍ଷେତ୍ରରେ ଭାଲ୍ୟୁ ଆଡ଼ିସନକୁ ପ୍ରୋତ୍ସାହିତ କରିବା, ସଠିକ୍ ମୂଲ୍ୟ ନିର୍ଦ୍ଧାରଣ ଏବଂ କଂଚାମାଲର ସୁରକ୍ଷା ଉପରେ ଗୁରୁତ୍ୱ ଦେବାକୁ ଅଫିସର ମାନଙ୍କୁ ପରାମର୍ଶ ଦେଇଥିଲେ ।

### ଆଜିଠାରୁ ଏସପ୍ଲାନେଡ୍ ଭଳି ....

ସ୍ଲଟ୍ ବୁକିଂ କରିନଥିବା ବ୍ୟକ୍ତିଙ୍କୁ ଭିତରକୁ ଯିବାକୁ ଅନୁମତି ମିଳିବ ନାହିଁ । ବ୍ୟକ୍ତିମାନେ ଗାଡି ସହିତ ଧାଡିରେ ଠିଆ ହୋଇ ପାଳି ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବେ । ଟିକା ନେବା ପାଇଁ ପ୍ରଥମ ଡୋଜ୍ ର ପ୍ରମାଣପତ୍ର ଦେଖାଇବାକୁ ପଡିବ । ଟିକା ନେଇ ସାରିବା ପରେ ବାହାରକୁ ଆସି ୩୦ ମିନିଟ୍ ପ୍ରତୀକ୍ଷା କରିବା ପରେ ସେମାନେ ଯାଇପାରିବେ । ସୂଚନାଯୋଗ୍ୟଯେ ପରୀକ୍ଷାମୂଳକ ଭାବେ ରସୁଲଗଡ ଠାରେ ଥିବା ଏସପ୍ଲାନେଡ୍ ମଲ୍ ର ପାର୍କିଂ ସ୍ଥାନରେ ୪୫ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କଙ୍କୁ ଦ୍ୱିତୀୟ ଡୋଜ୍ ଟିକା ଦିଆଯାଇଥିଲା ।

## ବିଡିପୁର ଗ୍ରାମ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ସଟ୍‌ଡାଉନ୍

ଗଞ୍ଜାମ,୧୦/୦୫ (ନି.ପ୍ର): ଗଞ୍ଜାମ ଜିଲ୍ଲା ଜଗନ୍ନାଥପ୍ରସାଦ ବ୍ଲକ୍ ବିଡିପୁର ପଚାଂୟତ ଅନ୍ତର୍ଗତ ବିଡିପୁର ଗ୍ରାମରେ କରୋନା ମହାମାରୀରେ ୬ ଜଣଙ୍କ ମୃତ୍ୟୁ ଘଟିବା ସହ ସଂକ୍ରମଣ ବଢିବାରେ ଲାଗିଛି । ଫଳରେ ସଂକ୍ରମଣ ଚେନ୍ କୁ ଭାଙ୍ଗିବା ପାଇଁ ବ୍ଲକ୍ ପ୍ରଶାସନ ଓ ପଚାଂୟତ ପକ୍ଷରୁ ଗ୍ରାମକୁ ଆଜି ଠାରୁ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ସଟ୍ ଡାଉନ୍ ଘୋଷଣା କରାଯାଇଛି । ଏନେଇ ଭଞ୍ଜନଗର ଉପଜିଲ୍ଲାପାଳ, ଜଗନ୍ନାଥପ୍ରସାଦ ବିଡ଼ିଓ ଏବଂ ତହସିଲଦାରଙ୍କୁ ଅବଗତ କରାଯାଇଛି । ଏଥି ସହ ମା ଉଗ୍ରତାରା ବଣିକ ସଂଘ ମଧ ଏହି ନିଷ୍ପତିକୁ ସମର୍ଥନ ଜଣାଇଛି । ସଟ୍ ଡାଉନ୍ ରେ କେବଳ ଔଷଧ ଦୋକାନ ଓ କ୍ଷୀର ବିକ୍ରୀକୁ ବାଦ୍ ଦେଇ ଅନ୍ୟ ସମସ୍ତ ଦୋକାନ ବଜାର ବନ୍ଦ ରହିବ । ଏହି ଅବଧି ମଧ୍ୟରେ ଗ୍ରାମବାସୀ ବାହାରକୁ ଯାଇପାରିବେ ନାହିଁ କିମ୍ବା ବାହାରର ଲୋକ ଗ୍ରାମ ମଧ୍ୟକୁ ପ୍ରବେଶ କରିପାରିବେ ନାହିଁ । ଡ଼ାକ୍ତରଖାନାକୁ ଯାନବାହନ ଛଡାଯିବ । ବିଡିପୁର ଗ୍ରାମରେ ବର୍ତ୍ତମାନ ଶତାଧିକ ଲକ୍ଷଣଯୁକ୍ତ ତଥା ଜ୍ୱରରେ ଆକ୍ରାନ୍ତ ଅନେକ ଲୋକ ରହିଛନ୍ତି । ଘରକୁ ଘର ବୁଲି ଲୋକଙ୍କ ଥର୍ମାଲ୍ ସ୍କ୍ରିନିଂ କରାଯାଉଥିଲେ ମଧ କିଛି ଗ୍ରାମବାସୀ ଏଥିରେ ସହଯୋଗ କରୁନାହାଁନ୍ତି । ଫଳରେ ପଚାଂୟତ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି ।

## କରୋନା ପଜିଟିଭ୍ ଚିହ୍ନଟ ହୋଇ ମେଡ଼ିକାଲରେ ଚିକିତ୍ସାଧିନ ଅବସ୍ଥାରେ ସାମ୍ବାଦିକଙ୍କ ମୃତ୍ୟୁ

ଗଞ୍ଜାମ,୧୦/୦୫ (ନି.ପ୍ର): କରୋନା ପଜିଟିଭ୍ ଚିହ୍ନଟ ହୋଇ ମେଡ଼ିକାଲରେ ଚିକିତ୍ସାଧିନ ଅବସ୍ଥାରେ ଆଉ ଜଣେ ସାମ୍ବାଦିକଙ୍କ ମୃତ୍ୟୁ ଘଟିଛି । ମୃତ ସାମ୍ବାଦିକ ହେଲେ କିଶୋର ଚନ୍ଦ୍ର ଦାଶ । ୬୧ ବର୍ଷିୟ କିଶୋର ସମାଜ ଓଡ଼ିଆ ଦୈନିକ ଖବର କାଗଜର ଗଞ୍ଜାମ ଜିଲ୍ଲା ପୋଲସରା ବ୍ଲକ୍ ପ୍ରତିନିଧି ଥିଲେ । ଗତ ୨୯ ତାରିଖରେ ତାଙ୍କର କୋଭିଡ୍ ପରୀକ୍ଷା କରାଯାଇଥିଲା । ପରବର୍ତି ସମୟରେ ଏହି ରିପୋର୍ଟ ପଜିଟିଭ୍ ଆସିଥିଲା । ଚିକିତ୍ସା ନିମନ୍ତେ ତାଙ୍କୁ ଶୀତଳାପଲ୍ଲୀ ସ୍ଥିତ ଟାଟା କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ତେବେ ସେଠାରେ ଚିକିତ୍ସାଧିନ ଅବସ୍ଥାରେ ଆଜି ସକାଳେ ତାଙ୍କର ମୃତ୍ୟୁ ଘଟିଛି ।

## ଦିନକରେ ଚିହ୍ନଟ ୨୩୦ କରୋନା ସଂକ୍ରମିତ

ବାଲେଶ୍ୱର,୧୦/୦୫ (ନି.ପ୍ର): ଦ୍ୱିତୀୟ ଲହରରେ ଦୈନିକ ବଢୁଥିବା କରୋନା ସଂକ୍ରମଣ ସ୍ଥିତି ବାଲେଶ୍ୱରରେ କ୍ରମଶଃ ସଙ୍ଗିନ ଅଭିମୁଖେ ଯାଉଥିବା ଲକ୍ଷ୍ୟ କରାଯାଇଛି । ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗର ରିପୋର୍ଟ ଅନୁସାରେ ଗତ ୨୪ଘଣ୍ଟା ମଧ୍ୟରେ ଜିଲାର ୨୩୦ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ତନ୍ମଧ୍ୟରୁ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ସହରର ଦାମୋଦରପୁର ଅଞ୍ଚଳରୁ ୪ଜଣ ଲେଖାଏଁ ଥିବା ବେଳେ ନୀଳିଆବାଗରୁ ୨ଜଣ, ପଞ୍ଚୁଆଁପଦାରୁ ୨ଜଣ, ସହଦେବଖୁଣ୍ଟାରୁ ୨ଜଣ, ସୁନହଟରୁ ୨ଜଣଙ୍କ ସମେତ ବାରବାଟୀର, ଜେଲରୋଡ୍, ମଲିକାଶପୁର, ମଠସାହି, ଶୋଭାରାମପୁର, ପୁଲିସ ଲାଇନ ଓ ଟାଉନହଲ ପ୍ରଭୃତି ଅଞ୍ଚଳରୁ ଜଣେ ଲେଖାଏଁ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ସଦର ବ୍ଲକର ୧୨ ଜଣ, ରେମୁଣା ବ୍ଲକରୁ ୧୧ ଜଣ, ବାହାନଗା ବ୍ଲକରୁ ୨ଜଣ, ଖଇରା ବ୍ଲକରୁ ଜଣେ, ଔପଦା ବ୍ଲକରୁ ଜଣେ, ଜଳେଶ୍ୱର ବ୍ଲକରୁ ୮ଜଣ, ସୋର ବ୍ଲକରୁ ୧୯ ଜଣ, ଭୋଗରାଇ ବ୍ଲକରୁ ୩୧ ଜଣ, ବସ୍ତା ବ୍ଲକରୁ ୪୬, ସିମୁଳିଆ ବ୍ଲକରୁ ୫୪ ଜଣ ଓ ନୀଳଗିରି ବ୍ଲକରୁ ୨୦ଜଣଙ୍କୁ ନୂଆ ସଂକ୍ରମିତ ଭାବେ ଚିହ୍ନଟ କରାଯାଇଛି । ଚିହ୍ନଟ ହୋଇଥିବା ସମସ୍ତେ ସ୍ଥାନୀୟ ସଂକ୍ରମିତ ଓ ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ଏବେ୨୦୫୭ ଜଣ ଆକ୍ରାନ୍ତ କୋଭିଡ ହସପିଟାଲ, କୋଭିଡ ଯତ୍ନ କେନ୍ଦ୍ର ଓ ଗୃହ ସଙ୍ଗରୋଧରେ ରହି ଚିକିତ୍ସିତ ହେଉଥିବା ଜଣାପଡିଛି । ଅନ୍ୟପକ୍ଷରେ ବାଲେଶ୍ୱର ଜିଲାରେ ବଢୁଥିବା ସଂକ୍ରମିତଙ୍କ ସଂଖ୍ୟାରୁ ଏହା ଗୋଷ୍ଠୀ ସଂକ୍ରମଣର ରୂପ ନେଉଥିବା ବିଶେଷଜ୍ଞମାନେ ଆଶଙ୍କା ପ୍ରକାଶ କରିଛନ୍ତି । ଆଗାମୀ ଦିନରେ ମଧ୍ୟ ଏହି ସଂକ୍ରମଣ ଆହୁରି ବଢ଼ିପାରେ ବୋଲି ସେମାନେ ମତ ଦେଇଛନ୍ତି ।

## ଚିକିତ୍ସାଧୀନ ଅବସ୍ଥାରେ ଫେମିଲି କୋର୍ଟ କର୍ମଚାରୀ ମୃତ

ବାରିପଦା,୧୦/୦୫ : କୋଭିଡ଼-୧୯ ଭୁତାଣୁରେ ଆକ୍ରାନ୍ତ ଥାଇ ଚିକିତ୍ସାଧୀନ ଅବସ୍ଥାରେ ବାରିପଦା ଫେମିଲି କୋର୍ଟ କର୍ମଚାରୀ ମୃତ ପ୍ରଭାତ ବେହେରାଙ୍କର ଗତ କାଲି ବିଳମ୍ବିତ ରାତିରେ ବାଙ୍କିଶୋଲସ୍ଥିତ କୋଭିଡ଼୍ ହସପିଟାଲରେ ମୃତ୍ୟୁ ହୋଇଥିବାର ଜଣାପଡ଼ିଛି । ତେବେ ଦିବଂଗତ ଫେମିଲି କୋର୍ଟର କର୍ମଚାରୀ ପ୍ରଭାତ ଆସ୍ତେ ଆସ୍ତେ ସୁସ୍ଥ ହେବାରେ ଲାଗିଥିଲେ । ୨ ଦିନ ପରେ କୋଭିଡ଼୍ ହସପିଟାଲରୁ ଡ଼ିସଚାର୍ଯ୍ୟ ହୋଇ ଘରକୁ ଫେରିଥାନ୍ତେ । ଘରେ ସ୍ତ୍ରୀ, ପୁଅ ଓ ପରିବାରର ସଦସ୍ୟମାନେ ତାଙ୍କ ଫେରିବା ରାସ୍ତାକୁ ଅନାଇ ବସିଥିଲେ । ଏହି ସମୟରେ ଆଜି ସକାଳ ସମୟରେ ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଏକ ଶୋକାକୋଳ ପରିବେଶ ସୃଷ୍ଟି ହୋଇଥିଲା । ପ୍ରଭାତଙ୍କର ହାର୍ଟ ଚୋକ୍ ହେବାରୁ ତାଙ୍କର ମୃତ୍ୟୁ ହୋଇଥିବାର କୁହାଯାଉଥିବା ସମୟରେ ଏହାକୁ ସାଙ୍ଗସାଥୀ ମହଲ ସହଜରେ ଗ୍ରହଣ କରିପାରି ନାହାନ୍ତି । ଜଣେ ସୁସ୍ଥ ଅବସ୍ଥାକୁ ଫେରି ଆସିଥିବା ବ୍ୟକ୍ତିର ହାର୍ଟ ଚୋକ୍ କରିବା ଉପରେ ପ୍ରଶ୍ନ ଉଠାଇବା ସହ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ କୋଭିଡ଼୍ ପରିଚାଳନା ଉପରକୁ ମଧ ଅଙ୍ଗୁଳି ଉଠାଇଛନ୍ତି ।

## ବିଡିପୁର ଗ୍ରାମ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ସଟ୍ ଡାଉନ୍

ଗଞ୍ଜାମ,୧୦/୦୫ (ନି.ପ୍ର): ଗଞ୍ଜାମ ଜିଲ୍ଲା ଜଗନ୍ନାଥପ୍ରସାଦ ବ୍ଲକ୍ ବିଡିପୁର ପଚାଂୟତ ଅନ୍ତର୍ଗତ ବିଡିପୁର ଗ୍ରାମରେ କରୋନା ମହାମାରୀରେ ୬ ଜଣଙ୍କ ମୃତ୍ୟୁ ଘଟିବା ସହ ସଂକ୍ରମଣ ବଢିବାରେ ଲାଗିଛି । ଫଳରେ ସଂକ୍ରମଣ ଚେନ୍ କୁ ଭାଙ୍ଗିବା ପାଇଁ ବ୍ଲକ୍ ପ୍ରଶାସନ ଓ ପଚାଂୟତ ପକ୍ଷରୁ ଗ୍ରାମକୁ ଆଜି ଠାରୁ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ସଟ୍ ଡାଉନ୍ ଘୋଷଣା କରାଯାଇଛି । ଏନେଇ ଭଞ୍ଜନଗର ଉପଜିଲ୍ଲାପାଳ, ଜଗନ୍ନାଥପ୍ରସାଦ ବିଡ଼ିଓ ଏବଂ ତହସିଲଦାରଙ୍କୁ ଅବଗତ କରାଯାଇଛି । ଏଥି ସହ ମା ଉଗ୍ରତାରା ବଣିକ ସଂଘ ମଧ ଏହି ନିଷ୍ପତିକୁ ସମର୍ଥନ ଜଣାଇଛି । ସଟ୍ ଡାଉନ୍ ରେ କେବଳ ଔଷଧ ଦୋକାନ ଓ କ୍ଷୀର ବିକ୍ରୀକୁ ବାଦ୍ ଦେଇ ଅନ୍ୟ ସମସ୍ତ ଦୋକାନ ବଜାର ବନ୍ଦ ରହିବ । ଏହି ଅବଧି ମଧ୍ୟରେ ଗ୍ରାମବାସୀ ବାହାରକୁ ଯାଇପାରିବେ ନାହିଁ କିମ୍ବା ବାହାରର ଲୋକ ଗ୍ରାମ ମଧ୍ୟକୁ ପ୍ରବେଶ କରିପାରିବେ ନାହିଁ । ଡ଼ାକ୍ତରଖାନାକୁ ଯାନବାହନ ଛଡାଯିବ । ବିଡିପୁର ଗ୍ରାମରେ ବର୍ତ୍ତମାନ ଶତାଧିକ ଲକ୍ଷଣଯୁକ୍ତ ତଥା ଜ୍ୱରରେ ଆକ୍ରାନ୍ତ ଅନେକ ଲୋକ ରହିଛନ୍ତି । ଘରକୁ ଘର ବୁଲି ଲୋକଙ୍କ ଥର୍ମାଲ୍ ସ୍କ୍ରିନିଂ କରାଯାଉଥିଲେ ମଧ କିଛି ଗ୍ରାମବାସୀ ଏଥିରେ ସହଯୋଗ କରୁନାହାଁନ୍ତି । ଫଳରେ ପଚାଂୟତ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି ।

## ତୁରନ୍ତ ମଣ୍ଡି ଖୋଲି ଧାନ କିଣିବାକୁ ଜଳେଶ୍ୱର କିଷାନ କଂଗ୍ରେସ ପକ୍ଷରୁ ଦାବି

ଜଳେଶ୍ୱର,୧୦/୫ (ନିପ୍ର) : ଚଳିତ ବର୍ଷ ବାଲେଶ୍ୱର ଜିଲାର ଜଳେଶ୍ୱର ଅଂଚଳର ଚାଷୀମାନେ ବହୁ ପ୍ରତିକୂଳ ପାଗରେ ରବିଧାନ ଉତ୍ପନ୍ନ କରିଛନ୍ତି । ହେଲେ ଅଦିନିଆ କାଳବୈଶାଖି ବେଡି ଉପରେ କୋରଡା ସାଜିଛି । ଜମିରେ ଧାନ ଗଜା ହେଲାଣି ତ ପୁଣି ଅମଳପରେ ଧାନ ଶୁଖାଇବାକୁ ସମ୍ଭବ ହେଉନାହିଁ । କରୋନା ମହାମାରୀ ସମୟରେ ଲକ୍‌ଡାଉନ୍ ଯୋଗୁଁ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଭାଂଗି ଯାଇଥିବା ବେଳେ ସେମାନେ ପଶ୍ଚିମବଂଗର ବେପାରୀମାନଙ୍କର ଶୀକାର ହେଉଛନ୍ତି । ଚାଷୀମାନେ ଧାନ କ୍ୱିଣ୍ଟଲକୁ ୯ଶହରୁ ଏକ ହଜାର ଟଙ୍କାରେ ଅଭାବୀ ବିକ୍ରି କରିବାକୁ ହେଉଛନ୍ତି । ଚାଷୀମାନଙ୍କ ଏପରି ଦୁର୍ଦ୍ଦିନ ସମୟରେ ସରକାରଙ୍କ ପକ୍ଷରୁ ଯଥାଶୀଘ୍ର ଟୋକନ ଯୋଗାଇ ଦେଇ ସମବାୟ ସମିତି ମାଧ୍ୟମରେ ଧାନକ୍ରୟ କରିବାକୁ ଜଳେଶ୍ୱର କିଷାନ କଂଗ୍ରେସ ପକ୍ଷରୁ ସଭାପତି ସୁଦାମ ପାତ୍ର, ଚିତ୍ତରଂଜନ ପରିଡା, ଶ୍ରୀକାନ୍ତ ସିଂ, ମୋତିଲାଲ ଅଧିକାରୀ, ଉମାଶଂକର ମହାପାତ୍ର, ବିଭୂଦତ୍ତ ଦେ, କ୍ଷିତୀଶ ଦେ, ତ୍ରିଲୋଚନ ନାୟକ, ଜଗଦୀଶ ଜେନା, ଭଗବାନ ଜେନା, କ୍ଷିତିଶ ବେହେରା, ଯତୀନ୍ଦ୍ର ମହାନ୍ତି, ମଧୁ ଗାନ୍ଧୀ, ନବୀନ ପରିଡା, ସୁଜିତ୍ ଦେ, ଦେବ ନନ୍ଦୀ, ରବିନ୍ଦ୍ର ଦାସ, ନୟନ ପାଠୀ, ବିରେନ୍ଦ୍ର ଦେ, ଶିଶିର ଭୂୟାଁ, ଜୟନାରାୟଣ ପ୍ରଧାନ, ପରିତୋଷ କାମିଲା, ଲକ୍ଷ୍ମୀକାନ୍ତ କର, ହେମନ୍ତ ଗିରି, ମନୋରଂଜନ ଜେନା, କାର୍ତ୍ତିକ ବାଗ, ବଳରାମ ଓଝା, ଖୋକନ ମହାନ୍ତି, ରବିନ୍ଦ ମଲ୍ଲିକ, ଗୌରାଙ୍ଗ ମହାପାତ୍ର, ଖଗେନ୍ଦ୍ର ସାମଲ, ସୁଜିତ୍ ଦେ ପ୍ରମୁଖ ଦାବି କରିଛନ୍ତି । ଅନ୍ୟଥା ଆସନ୍ତା ଦିନରେ ସେମାନେ ଜିଲାପାଳଙ୍କୁ ଅବଗତ କରାଇ ରାଜରାସ୍ତାକୁ ଓହ୍ଲାଇବେ ବୋଲି ପ୍ରେସ୍ ବିଜ୍ଞାପ୍ତିରେ ସୂଚନା ଦେଇଛନ୍ତି ।

## ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶରୁ ଟ୍ରେନ୍ ଯାତ୍ରୀଙ୍କ ପାଇଁ ଏସଓପି ଜାରି କଲେ ସରକାର

ଭୁବନେଶ୍ୱର,୧୦/୦୫ (ନି.ପ୍ର): ତେଲେଙ୍ଗାନା ଏବଂ ଆନ୍ଧ୍ରପ୍ରଦେଶରୁ ଟ୍ରେନ ଯୋଗେ ଦିଲ୍ଲୀ ଯାଉଥିବା ଏବଂ ଦେଶର ଯେକୌଣସି ସ୍ଥାନରୁ ଗୋଆ ଯାଉଥିବା ଯାତ୍ରୀମାନଙ୍କ ପାଇଁ ଉଭୟ ସରକାର ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋଟୋକଲ୍ (ଏସଓପି) ଜାରି କରିଛନ୍ତି । ଦେଶର ଯେକୌଣସି ସ୍ଥାନରୁ ଗୋଆର ଯେକୌଣସି ଷ୍ଟେସନକୁ ଯାଉଥିବା ଯାତ୍ରୀ ଗୋଆ ରାଜ୍ୟରେ ପ୍ରବେଶ କରିବାର ୭୨ ଘଂଟା ମଧ୍ୟରେ ପରୀକ୍ଷା ହୋଇଥିବା ଆରଟିପିସିଆର ରିପୋର୍ଟ କିମ୍ବା ଦୁଇଟି ଡୋଜ୍ କୋଭିଡ୍ ୧୯ ଟୀକା ନେଇଥିବା ପ୍ରମାଣ ପତ୍ର ଦର୍ଶାଇବା ଜରୁରୀ ଅଟେ । ତେବେ ଗୋଆ ରାଜ୍ୟର ବାସିନ୍ଦା ହୋଇଥିଲେ , କାମ ପାଇଁ ଗୋଆରେ ପ୍ରବେଶ କରୁଥିବା ବ୍ୟକ୍ତି କାର୍ଯ୍ୟ ପ୍ରମାଣ ପତ୍ର / ନିଯୁକ୍ତିଦାତାଙ୍କଠାରୁ ଚିଠି କିମ୍ବା ମେଡିକାଲ ସେବାରେ ଜରୁରୀକାଳୀନ ପରିସ୍ଥିତି ପାଇଁ ବ୍ୟକ୍ତି ମାନଙ୍କୁ ଏଥିରୁ ବାଦ୍ ଦିଆଯିବ । ସେହିଭଳି ତେଲେଙ୍ଗାନା ଏବଂ ଆନ୍ଧ୍ରପ୍ରଦେଶରୁ ଦିଲ୍ଲୀ ଅଂଚଳକୁ ଯାଉଥିବା ଟ୍ରେନଗୁଡିକ ସଂପୃକ୍ତ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଦ୍ୱାରା ଚିହ୍ନଟ ହୋଇଥିବା ସରକାରୀ ଅନୁଷ୍ଠାନିକ କ୍ୱାରେଂଟାଇନ/ ଦେୟଯୁକ୍ତ କ୍ୱାରେଂଟାନରେ ବାଧ୍ୟତାମୂଳକ ଭାବେ ୧୪ ଦିନ ପାଇଁ ରହିବାକୁ ପଡିବ । ଦୁଇଟି ଡୋଜ୍ କୋଭିଡ୍ ୧୯ ଟୀକା ନେଇଥିବା ପ୍ରମାଣ ପତ୍ର କିମ୍ବା ଯାତ୍ରା ପ୍ରାରମ୍ଭ ଦିନର ୭୨ ଘଂଟା ମଧ୍ୟରେ ପରୀକ୍ଷା ହୋଇଥିବା ଆରଟିପିସିଆର ନେଗେଟିଭ ରିପୋର୍ଟ ଦର୍ଶାଇବା ଜରୁରୀ ଅଟେ । ଯଦି କୌଣସି ବ୍ୟକ୍ତିଙ୍କ ସହିତ ଘର କ୍ୱାରେଂଟାଇନରେ ପାଇଁ କୌଣସି ଉପଯୁକ୍ତ ସୁବିଧା ଉପଲବ୍ଧ ନଥାଏ, ତେବେ ସେ ୭ ଦିନ ପାଇଁ ଚିହ୍ନିତ ଅନୁଷ୍ଠାନରେ / ଦେୟଯୁକ୍ତ କ୍ୱାରେଂଟାଇନ ଚୟନ କରିପାରିବେ । ଯଦି କୌଣସି ବ୍ୟକ୍ତି ପ୍ରମାଣ ପତ୍ର ଦେଖାଇ ନପାରିବେ ତେବେ ସେମାନଙ୍କୁ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ଗୃହ କ୍ୱାରେଂଟାଇନ ସମ୍ବନ୍ଧୀୟ ପ୍ରୋଟୋକଲ୍ / ଗାଇଡଲାଇନ / ଏସଓପି ଗୁଡ଼ିକର ଅନୁପାଳନ କ୍ଷେତ୍ରରେ ଏହିପରି ବ୍ୟକ୍ତିମାନଙ୍କୁ ୭ ଦିନ ସରକାରୀ ଅନୁଷ୍ଠାନରେ କ୍ୱାରେଂଟାଇନରେ ରଖାଯିବ ।

## ପୁରୀ ଜିଲ୍ଲାରେ ନୂଆ ୭୦୮ କରୋନା ପଜିଟିଭ୍ ଚିହ୍ନଟ

ପୁରୀ,୧୦/୦୫ (ନି.ପ୍ର): ପୁରୀ ଜିଲ୍ଲାରେ ଆଜି ନୂଆ ୭୦୮ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ରିପୋର୍ଟ ପଜିଟିଭ୍ ଆସିବା ପରେ ଆକ୍ରାନ୍ତ ମାନଙ୍କୁ କୋଭିଡ୍ ହସ୍ପିଟାଲ ଓ ହୋମ୍ ଆଇସୋଲେସନ ରଖାଯାଇ ଚିକିତ୍ସା କରାଯାଉଛି । ନୂଆ ଚିହ୍ନଟ ଏହି ଆକ୍ରାନ୍ତ ମାନଙ୍କ ମଧରେ ଅସ୍ତରଙ୍ଗ ବ୍ଲକରୁ ୩୯, ବ୍ରହ୍ମଗିରିରୁ ୨୪ ଜଣ, ଡ଼େଲାଙ୍ଗରୁ ୨୧, ଗୋପ ୫୯, କାକଟପୁର ୨୯, କଣାସ ୪୧, କୋଣାର୍କ ବିଜ୍ଞାପିତ ଅଂଚଳରୁ ୯ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ସେହିପରି କୃଷ୍ଣପ୍ରସାଦ ବ୍ଲକରୁ ୪୧ ଜଣ, ନିମାପଡ଼ା ବ୍ଲକରୁ ୪୩ ଜଣ, ନିମାପଡ଼ା ବିଜ୍ଞାପିତ ଅଂଚଳରୁ ୧୫ ଜଣ, ପିପିଲି ବ୍ଲକରୁ ୭୫ ଜଣ, ପିପିଲି ବିଜ୍ଞାପିତ ଅଂଚଳରୁ ୧୭ ଜଣ, ପୁରୀ ସଦର ବ୍ଲକରୁ ୪୪ ଜଣ, ପୁରୀ ପୌରାଚଂଳରୁ ସର୍ବାଧିକ ୨୧୭ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଅନୁରୂପ ଭାବେ ସତ୍ୟବାଦୀ ବ୍ଲକରୁ ୨୭ ଜଣ ଓ ଅନ୍ୟ ଜିଲ୍ଲାରୁ ଆସି ପୁରୀ ଜିଲ୍ଲାରେ ରହିଥିବା ୭ ଜଣ ବ୍ୟକ୍ତି ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ବିଶେଷ କରି ପୁରୀ ଜିଲ୍ଲାରେ କରୋନା ଗ୍ରାଫ୍ ଦିନକୁ ଦିନ ଉପର ମୁହାଁ ହେବାରେ ଲାଗିଥିବା ଜଣାପଡିଛି । ଯାହାକି ଜିଲ୍ଲା ପ୍ରଶାସନ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି ।

## ରାଜ୍ୟରେ ଗତ ୨୪ ଘଂଟାରେ କରୋନାରେ ୧୭ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୧୦/୦୫ (ନି.ପ୍ର): ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ କରୋନାରେ ୧୭ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢ଼ି ୨୧୯୭ ହୋଇ ଯାଇଛି । ଗତକାଲି କରୋନାରେ ରାଜ୍ୟରେ ୧୯ ଜଣଙ୍କ ଜୀବନ ଯାଇଥିଲା । ଅନୁଗୁଳ ଜିଲ୍ଲାର ଜଣେ ୪୧ବର୍ଷୀୟ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ବଲାଙ୍ଗୀର ଜିଲ୍ଲାର ଜଣେ ୬୦ ବର୍ଷୀୟ କରୋନା ସଂକ୍ରମିତଙ୍କ ମଧ୍ୟ ମୃତ୍ୟୁ ଘଟିଛି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପ ରେ ପୀଡିତ ଥିଲେ । ଭୁବନେଶ୍ୱରର ଜଣେ ୪୫ ବର୍ଷୀୟ ମହିଳାଙ୍କ ମୃତ୍ୟୁ ଘଟିଛି । ଭୁବନେଶ୍ୱରର ଜଣେ ୮୦ ବର୍ଷୀୟ ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ଢେଙ୍କାନାଳ ଜିଲ୍ଲାର ଜଣେ ୪୦ ବର୍ଷୀୟ ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ଖୋର୍ଦ୍ଧା ଜିଲ୍ଲାର ୪୨ ବର୍ଷୀୟା କରୋନା ଆକ୍ରାନ୍ତ ମହିଳାଙ୍କ ମୃତ୍ୟୁ ଘଟିଛି । କଳାହାଣ୍ଡି ଜିଲ୍ଲାର ଜଣେ ୪୨ ବର୍ଷୀୟ ମହିଳା, କଳାହାଣ୍ଡି ଜିଲ୍ଲାର ଜଣେ ୪୭ ବର୍ଷୀୟ ପୁରଷ. କଳାହାଣ୍ଡି ଜିଲ୍ଲାର ଜଣେ ୩୫ ବର୍ଷୀୟ ପୁରୁଷଙ୍କ ମୃତ୍ୟୁ ଘଟିଛି । ପୁରୀ ଜିଲ୍ଲାର ଜଣେ ୫୭ ବର୍ଷୀୟା ପୁରୁଷଙ୍କ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ବେଳେ ଏହି ଜିଲ୍ଲାର ଅନ୍ୟ ଜଣେ ୫୫ ବର୍ଷୀୟ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ରାୟଗଡା ଜିଲ୍ଲାର ଜଣେ ୫୫ ବର୍ଷୀୟ ପୁରୁଷ ଜଣେ ୪୮ ବର୍ଷୀୟା ମହିଳା ଓ ଅନ୍ୟ ଜଣେ ୬୨ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସୁନ୍ଦରଗଡ ଜିଲ୍ଲାର ଜଣେ ୬୩ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ବେଳେ ଏହି ଜିଲ୍ଲାର ଜଣେ ୫୬ ବର୍ଷୀୟ କରୋନା ଆକ୍ରାନ୍ତ ମହିଳା ଓ ଅନ୍ୟ ଜଣେ ୪୮ ବର୍ଷୀୟ ପୁରୁଷଙ୍କ ମୃତ୍ୟୁ ଘଟିଛି ।

## କୁମାରୀପାରି ଗ୍ରାମକୁ କଂଟେନମେଂଟ ଜୋନ୍ ଘୋଷଣା

ଗଞ୍ଜାମ,୧୦/୦୫ (ନି.ପ୍ର): ଗଞ୍ଜାମ ଜିଲ୍ଲା ବେଗୁନିଆପଡ଼ା ବ୍ଲକ୍ ଅନ୍ତର୍ଗତ କୁମାରୀପାରି ଗ୍ରାମକୁ କଂଟେନମେଂଟ ଜୋନ୍ ଘୋଷଣା କରିଛନ୍ତି କୋଦଳା ତହସିଲଦାର । ଆଂଟିଜେନ୍ ଟେଷ୍ଟ ପରେ କିଛି ଗ୍ରାମବାସୀ କରୋନା ପଜିଟିଭ୍ ଚିହ୍ନଟ ହେବାରୁ ଭୟର ବାତାବରଣ ଲାଗି ରହିଥିଲା । ଏଭଳି ସମୟରେ ଏହି ଗ୍ରାମରେ ଏକ ଭୋଜିର ଆୟୋଜନ ହେଉଥିବା ଖବର ପାଇ କୋଦଳା ତହସିଲଦାର ଅବନୀ କୁମାର ସାହୁ, ଅତିରିକ୍ତ ତହସିଲଦାର ଅଶୋକ କୁମାର ତ୍ରିପାଠୀ ସେଠାରେ ଚଢ଼ଉ କରିଥିଲେ । ଭୋଜି ବନ୍ଦ କରିବା ସହ ଆୟୋଜନକାରୀଙ୍କ ଠାରୁ ଜରିମାନା ଆଦାୟ କରିଥିଲେ । ପରେ ଏହି ଗ୍ରାମକୁ କଂଟେନମେଂଟ ଜୋନ୍ ଘୋଷଣା କରାଯାଇଛି ।

## ତାଲାବନ୍ଦରେ ପ୍ରଭାବିତ ଅସହାୟଙ୍କୁ 'ସ୍ୱସ୍ତିକ'ର ସହାୟତା



ବାଲେଶ୍ୱର,୧୦/୦୫ (ନି.ପ୍ର): ଦ୍ୱିତୀୟ ଲହର କରୋନା ସଂକ୍ରମଣ ରୋକିବା ପାଇଁ ସରକାରଙ୍କ ପକ୍ଷରୁ ସମଗ୍ର ଓଡ଼ିଶାରେ ଲାଗୁ ତାଲାବନ୍ଦ ଓ ସପ୍ତାହାନ୍ତ ବନ୍ଦର ପ୍ରଭାବ ଏବେ ଗରିବ ତଥା ଶ୍ରମଜୀବୀଙ୍କଠାରେ ଅନୁଭୂତ ହେବାରେ ଲାଗିଲାଣି। ଦୈନନ୍ଦିନ ଜୀବନରେ ପରିବାର ଚଳାଇବା ଏହି ବର୍ଗର ଲୋକଙ୍କ ପାଇଁ ଦୁର୍ବିସହ ହୋଇପଡ଼ିଛି। ଏଭଳି ସ୍ଥିତିରେ ବାଲେଶ୍ୱରର ନବଗଠିତ ସ୍ୱେଚ୍ଛାସେବୀ ସଂଗଠନ 'ସ୍ୱସ୍ତିକ' ସହରର ଦୁସ୍ଥ ଅସହାୟଙ୍କୁ ସହାୟତା ପାଇଁ ଆଗେଇ ଆସିଛି। ସଂଗଠନର ସଂଯୋଜିକା ସଂଯୁକ୍ତାରାଣୀ ବେହେରାଙ୍କ ନେତୃତ୍ୱରେ ସଦସ୍ୟମାନେ ଅସହାୟଙ୍କୁ ପାଉଁରୁଟି, ବିସ୍କୁଟ ଓ ଫଳ ପ୍ରଭୃତି ପ୍ରଦାନ କରିଛନ୍ତି । ସହରର ଆଇଟିଆଇ ଛକ, ପୁଲିସ ଲାଇନ ଛକ, ରେଳ ଷ୍ଟେସନ ଓ ଫକିରମୋହନ ଗୋଲେଇ ପ୍ରଭୃତି ଅଂଚଳରେ ଦୋକାନ ବାରଣ୍ଡା ଓ ଗଛ ମୂଳେ ଆଶ୍ରୟ ନେଇଥିବା ଅସହାୟଙ୍କୁ ଏହି ସହାୟତା ପ୍ରଦାନ କରାଯାଇଥିଲା । ସେହଭଳି ତାଲାବନ୍ଦ ଯୋଗୁଁ ହୋଟେଲ ଓ ରେଷ୍ଟୁରାଣ୍ଟ ସମେତ ସାମାଜିକ ସାଂସ୍କୃତିକ କାର୍ଯ୍ୟକ୍ରମ ବନ୍ଦ ହେବା ଫଳରେ ବୁଲାକୁକୁର ଓ ଗୋରୁଗାଈଙ୍କ ଖାଧ୍ୟ ସଂଗ୍ରହ ମୁସ୍କଲ ହୋଇପଡ଼ିଛି। ସ୍ୱସ୍ତିକ ପକ୍ଷରୁ କୁକୁର ଓ ଗୋରୁଗାଈଙ୍କୁ ବି ଖାଦ୍ୟ ପ୍ରଦାନ କରାଯାଇଥିବା ଦେଖିବାକୁ ମିଳିଥିଲା। ଏଭଳି କାର୍ଯ୍ୟକରି ସ୍ୱସ୍ତିକ ପରିବାରର କର୍ମକର୍ତ୍ତା ଓ ସଦସ୍ୟମାନେ ବେଶ ଆତ୍ମସନ୍ତୋଷ ପାଉଛନ୍ତି ବୋଲି ସଂଯୋଜିକା ସଂଯୁକ୍ତାରାଣୀ ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ମଧ ଏହି ଭଳି କାର୍ଯ୍ୟ ଜାରି ରହିବ ବୋଲି ସେ ସୂଚନା ଦେଇଛନ୍ତି। ସବିତା ମହାନ୍ତି, ସଂଯୁକ୍ତା ପରିଡ଼ା, ରଞ୍ଜୁଲତା ଜେନା, ସୁକାନ୍ତି ଜେନା, ମମତା ରାଉଳ, ବର୍ଷା ରାଉଳ, ଚାରୁଲତା ମଲିକ, ଅଜୟ ନାୟକ ପ୍ରମୁଖ ସଂଗଠନର କାର୍ଯ୍ୟକର୍ତ୍ତା ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ଟୀକା ପାଇଁ ଟୋକନ ଦିଆଯିବ : ଜିଲ୍ଲାପାଳ

ପୁରୀ,୧୦/୦୫ (ନି.ପ୍ର): ପୁରୀ ସହରରେ ସଂକ୍ରମିତଙ୍କ ସଂଖ୍ୟା ଦିନକୁ ଦିନ ବଢୁଥିବା ବେଳେ ଟୀକା ନେବାପାଇଁ ଓ କରୋନା ପରୀକ୍ଷା କରିବା ପାଇଁ ବିଭିନ୍ନ ବୁଥରେ ଭିଡ଼ ଲାଗିରହୁଛି। ଏହାକୁ ନେଇ ଅନେକ ଥର ଅପ୍ରିତିକର ଘଟଣା ଘଟୁଛି । ଏହାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ସମର୍ଥ ବର୍ମା ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ସକାଳ ୬ଟାରୁ ୨୦୦ ଜଣଙ୍କୁ ଟୀକା ପାଇଁ ଟୋକନ୍ ଦିଆଯିବ । ଅନ୍ୟମାନେ ଫେରିଯିବା ପାଇଁ ପରାମର୍ଶ ଦିଆଯାଇଛି । ଟୀକାଦାନ କେନ୍ଦ୍ରରେ ସାମାଜିକ ଦୂରତା, ମାସ୍କ ପରିଧାନ ଓ ସାନିଟାଇଜେସନ ପ୍ରତି ଗୁରୁତ୍ୱ ଦିଆଯିବ । ଏହାସହ ଆନ୍ଧ୍ରରୁ ଆସୁଥିବା ବ୍ୟକ୍ତିମାନଙ୍କୁ କ୍ୱାରେଂଟାଇନରେ ରଖାଯିବା ନେଇ ଜିଲ୍ଲାପାଳ କହିଛନ୍ତି ।

## ଘରବାରି ଭାଗବଣ୍ଟରାରୁ ବିବାଦ : ବିଧବାଙ୍କ ଆତ୍ମହତ୍ୟା ଧମକ



ଜଳେଶ୍ୱର,୧୦/୫ (ନିପ୍ର) : ବାଲେଶ୍ୱର ଜିଲାର ଜଳେଶ୍ୱର ପୌରପରିଷଦର ଦେଉଳି ପଂଚୁଘଣ୍ଟା (ବଡବଜାର)ରେ ଦୀର୍ଘବର୍ଷ ଧରି ବଂକିମ ଚନ୍ଦ୍ର ଦେ ଓ ହେମଚନ୍ଦ୍ର ଦେ ଓ ଅନ୍ୟ କେତେକ ୱାରିସଦାର ବସବାସ କରି ଆସୁଥିଲେ । ମୌଖିକ ଭାବେ ବାସସ୍ଥାନ ଭାଗବଣ୍ଟରା ହୋଇ ଯେ ଯାହାର ଘର ନିର୍ମାଣ କରି ବସବାସ କରି ଆସୁଥିଲେ । ବଂକିମ ଓ ହେମଚନ୍ଦ୍ରଙ୍କ ମୃତ୍ୟୁପରେ ହେମଚନ୍ଦ୍ରଙ୍କ ବିଧବାପତ୍ନୀ ବିଷ୍ଣୁପ୍ରିୟା ସେଠାରେ ବସବାସ କରି ଆସୁଥିଲେ କିନ୍ତୁ ବଙ୍କିମଙ୍କ ପୁତ୍ର ଅଲେଖ ଚନ୍ଦ୍ର ଦେ ବିଷ୍ଣୁପ୍ରିୟାଙ୍କୁ ମିଳିଥିବା ସରକାରୀ ପାଇଖାନାଗୃହ ଭାଂଗିବା, ବାଡିରୁ ଫଳଗଛ କାଟିନେବା ସହ ଧମକ ଚମକ୍ ଦେଇ ଆସୁଥିବାରୁ ସେ ବାରମ୍ବାର ଥାନାରେ ଲିଖିତ ଅଭିଯୋଗ କରିଥିଲେ । କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ସେ ଜିଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କୁ ଲିଖିତ ଭାବେ ଜଣାଇଥିଲେ । ତାଙ୍କୁ ନ୍ୟାୟ ନ ମିଳିଲେ ସେ ଥାନା ସମ୍ମୁଖରେ ଆତ୍ମାହୁତି ଦେବେ ବୋଲି ସାମ୍ବାଦିକ ମାନଙ୍କୁ ସୂଚନା ଦେଇଛନ୍ତି ।

## କମ ରାସନ ଦେଉଥିବା କଂଟ୍ରୋଲ ଦୋକାନୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ବାଲେଶ୍ୱର,୧୦/୦୫ (ନି.ପ୍ର): କରୋନା କାଳରେ ହିତାଧିକାରୀଙ୍କୁ ଧାର୍ଯ୍ୟଠାରୁ କମ ପରିମାଣର ରେସନ ଦେବା ଓ ସୁଲଭ ଖାଉଟି ସାମଗ୍ରୀ ଯୋଗାଣ କେନ୍ଦ୍ରରେ କୋଭିଡ ନିୟମ ଉଲଂଘନ ହେଉଥିବା ନେଇ ଅଭିଯୋଗ ଉଠାଇଛନ୍ତି ସଦର ବିଜେପି ନେତା ତଥା ଯୁବମୋର୍ଚ୍ଚା । ରାଜ୍ୟ ଉପ-ସଭାପତି ମାନସ କୁମାର ଦତ୍ତ। କରୋନା ଭଳି ବିପତ୍ତି ସମୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ପଡ଼ିକାର୍ଡ଼ଧାରୀଙ୍କୁ ମେ ଓ ଜୁନ ଦୁଇମାସରେ ମାଗଣା ଚାଉଳ ତଥା ଗହମ ବ୍ୟବସ୍ଥା କରିଛନ୍ତି। ମାତ୍ର କୌଣସି କାରଣ ନଥାଇ ରିଟେଲରମାନେ ହିତାଧିକାରୀଙ୍କୁ କମ ପରିମାଣର ରେସନ ଦେବାରେ କୌଣସି ଯଥାର୍ଥତା ନାହିଁ। ଅନ୍ୟପକ୍ଷରେ ସୁଲଭ ଖାଉଟି ସାମଗ୍ରୀ ଯୋଗାଣ କେନ୍ଦ୍ରରେ କରୋନା ସମୟରେ ପରିଲକ୍ଷିତ ଭିଡ଼ରେ ସଂକ୍ରମଣ ହାର ବୃଦ୍ଧି ପାଇବା ନେଇ ଶ୍ରୀ ଦତ୍ତ ଆଶଙ୍କା ପ୍ରକାଶ କରିଛନ୍ତି। ଏନେଇ ସେ ଚିଠି ମାଧ୍ୟମରେ ବାଲେଶ୍ୱର ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। କମ ପରିମାଣ ରାସନ ଦେଉଥିବା କଂଟ୍ରୋଲ ଦୋକାନୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସାଙ୍ଗକୁ କରୋନା ସଂକ୍ରମଣକୁ ଏଡ଼େଇବା ପାଇଁ ରାସନ ସାମଗ୍ରୀ ହିତାଧିକାରୀଙ୍କ ଗୃହରେ ପହଞ୍ଚାଇବାକୁ ଶ୍ରୀ ଦତ୍ତ ଦାବି କରିଛନ୍ତି।

## ସପ୍ତାହାନ୍ତ ସଟ୍‌ଡାଉନ୍ ପରେ ସାପ୍ତାହିକ ହାଟରେ ପ୍ରବଳ ଭିଡ




ଜଳେଶ୍ୱର,୧୦/୫ (ନିପ୍ର) : କରୋନା ସଂକ୍ରମଣକୁ ରୋକିବାଲାଗି ରାଜ୍ୟ ସରକାରଙ୍କ ଦ୍ୱାରା ଘୋଷଣା କରାଯାଇଥିବା ୧୪ ଦିନିଆ ଲକଡାଉନ୍ ଘୋଷଣାର ୬ଷ୍ଠ ଦିନରେ ବାଲେଶ୍ୱର ଜିଲାର ଜଳେଶ୍ୱର ସାପ୍ତାହିକ ହାଟରେ ନାହିଁ ନ ଥିବା ଭିଡ ପରିଲକ୍ଷିତ ହୋଇଛି । ୨ ଦିନ ସପ୍ତାହାନ୍ତ ସର୍ଟଡାଉନ ପରେ ହଜାର ହଜାର ପଶ୍ଚିମବଂଗ ଓ ଓଡିଶାର ଲୋକମାନେ ଏହି ହାଟକୁ ଆସିବା ଫଳରେ ସାମାଜିକ ଦୂରତ୍ୱକୁ ଫୁ କରିଥିବା ଦେଖିବାକୁ ମିଳିଛି । ପଶ୍ଚିମବଂଗର ଦାନ୍ତୁନ, ମୋହନପୁର, ନୟାଗ୍ରାମ, ବେଲଦା ଥାନା ଅଂଚଳରୁ ବହୁ ଲୋକ ଓ ବ୍ୟବସାୟୀମାନେ ଏଠାକୁ ଆସିଥିବାରୁ ସ୍ଥାନୀୟ ଲୋକେ ଏହି ଜନସମୁଦ୍ର ଦେଖି ଛାନିଆ ହୋଇଯାଇଥିଲେ । ଜଳେଶ୍ୱର ଅଂଚଳରେ ପରିସ୍ଥିତି ଗମ୍ଭୀର ଥିବାରୁ ପ୍ରଶାସନିକ କଟକଣାପ୍ରତି ଗୁରୁତ୍ୱ ଦେବାକୁ ଦାବି ହୋଇଛି ।

## ୨୪ ଘଂଟାରେ ୯୭୦୬ କରୋନା ଆକ୍ରାନ୍ତ ସୁସ୍ଥ

ଭୁବନେଶ୍ୱର,୧୦/୦୫ (ନି.ପ୍ର): ରାଜ୍ୟରେ ସୋମବାର ୯୭୦୬ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଏଥି ସହିତ ରାଜ୍ୟରେ ମୋଟ ସୁସ୍ଥଙ୍କ ସଂଖ୍ୟା ୪ ଲକ୍ଷ ୫୭ ହଜାର ୫୬୯କୁ ବୃଦ୍ଧି ପାଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ ଜରିଆରେ ଏହି ସୂଚନା ଦିଆଯାଇଛି । ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୧୭୮୭ ଓ ସୁନ୍ଦରଗଡ଼ ଜିଲ୍ଲାରୁ ୧୧୦୦ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । କଟକ ଜିଲ୍ଲାରୁ ୮୨୩ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ବରଗଡ଼ରୁ ୫୦୬, ସମ୍ବଲପୁରରୁ ୪୨୫, ନବରଂଗପୁରରୁ ୪୧୨, ଝାରସୁଗୁଡ଼ାରୁ ୪୦୭, ଅନୁଗୁଳରୁ ୩୯୩, ନୂଆପଡ଼ାରୁ ୩୮୫, କଳାହାଣ୍ଡିରୁ ୩୭୩, ପୁରୀରୁ ୩୦୪, ଯାଜପୁରରୁ ୨୩୧, ନୟାଗଡ଼ରୁ ୨୨୬ ଓ ଭଦ୍ରକ ଜିଲ୍ଲାରୁ ୨୦୬ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ସେହିପରି ମୟୂରଭଂଜ ଜିଲ୍ଲାରୁ ୧୯୯ ଜଣ, ବଲାଙ୍ଗୀରରୁ ୧୯୫, କେନ୍ଦୁଝରରୁ ୧୬୧, ରାୟଗଡ଼ାରୁ ୧୫୦ ଜଣ, ଜଗତସିଂହପୁରରୁ ୧୪୫, କେନ୍ଦ୍ରାପଡ଼ାରୁ ୧୩୨, ବାଲେଶ୍ୱରରୁ ୧୨୫, ସୁବର୍ଣ୍ଣପୁରରୁ ୧୨୩, ଗଜପତିରୁ ୧୧୮, ଗଂଜାମରୁ ୧୧୪, କୋରାପୁଟରୁ ୮୯, କନ୍ଧମାଳରୁ ୬୮, ମାଲକାନଗିରିରୁ ୪୩, ଢେଙ୍କାନାଳରୁ ୪୨, ବୌଦ୍ଧରୁ ୩୭, ଦେବଗଡ଼ରୁ ୨୭ ଓ ରାଜ୍ୟପୁଲରୁ ୩୬୦ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ।

## ମୋବାଇଲ କିଣାକୁ କେନ୍ଦ୍ର କରି ନବବଧୂଙ୍କ ଆତ୍ମହତ୍ୟା



ବାଲିଆପାଳ,୧୦/୦୫ (ନି.ପ୍ର): ବାଲିଆପାଳ ଥାନା କୁମ୍ଭାରୀ ପଂଚାୟତ ତାପୁଣ୍ଡିଆ ଗ୍ରାମର ଜଣେ ନବ ବଧୂଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଛି । ମୋବାଇଲ ପାଇଁ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ କଥା କଟାକଟି ହୋଇ ନବ ବଧୂ ଜଣକ ଫାଶୀ ଲଗାଇ ଆତ୍ମହତ୍ୟା କରିଥିବା ପରିବାର ପକ୍ଷରୁ କୁହାଯାଇଛି । ପ୍ରାପ୍ତ ବିବରଣୀରୁ ପ୍ରକାଶ ଯେ ଗତ ଫେବୃୟାରୀ ୨୮ ତାରିଖରେ ତାପୁଣ୍ଡିଆ ଗ୍ରାମର ଗୌତମ ପ୍ରଧାନ ଜଗତସିଂହପୁର ଜିଲ୍ଲା ତାଳଦଣ୍ଡା ଗ୍ରାମର ପ୍ରୀତିଲତାଙ୍କୁ ପ୍ରେମ ବିବାହ କରିଥିଲେ । ଫେସବୁକରେ ସମ୍ପର୍କ ସ୍ଥାପନ ପରେ ପ୍ରୀତି ଘରୁ ପଳେଇ ଆସି ଗୌତମଙ୍କୁ ବିବାହ କରିଥିଲେ । ରବିବାର ଦିନ ପ୍ରୀତି ଏକ ମୋବାଇଲ କିଣି ଦେବାକୁ ଜିଦ କରିଥିଲେ । ସଟଡାଉନ ଥିବାରୁ ମୋବାଇଲ ଦୋକାନ ସବୁ ବନ୍ଦ ଥିବା ଏବଂ ପାଖରେ ଅର୍ଥ ହେଲେ ମୋବାଇଲ କିଣି ଦେବି ବୋଲି ସ୍ୱାମୀ ଗୌତମ ତାଙ୍କୁ ବୁଝାଇଥିଲେ । ତେବେ ସେହି କଥାକୁ ନେଇ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଝଗଡା ହୋଇଥିଲା । ସମସ୍ତେ ଖାଇ ପିଇ ଶୋଇଗଲା ପରେ ରାତି ପ୍ରାୟ ୨ଟା ବେଳେ ପ୍ରିତି ଶୋଇବା ଘର ଭିତରେ ଫାଶୀ ଲଗାଇ ଦେଇଥିଲେ । ସ୍ୱାମୀ ଗୌତମ ଏହା ଦେଖି ପରିବାର ଲୋକଙ୍କୁ ଡାକିଥିଲେ । କାଳେ ସେ ବଂଚିଥିବେ ଭାବି ତାଙ୍କୁ ଫାଶୀରୁ ଖୋଲିବା ବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିବା କହିଛନ୍ତି । ତେବେ ଖବର ଲେଖା ହେବା ପର୍ଯ୍ୟନ୍ତ ଝିଅ ବାପ ଘର ଲୋକ ପହଂଚିନଥିବାରୁ ଶବ ବ୍ୟବ ଛେଦ ହୋଇପାରିନାହିଁ । ଏହି ଘଟଣାରେ ପୋଲିସ ତଦନ୍ତ କରୁଥିବା କହିଛି ।

## ଜଳେଶ୍ୱରରେ କରୋନା ସଂକ୍ରମଣ ୫୦୦ ଛୁଇଁଲା : ୪ ମୃତ

ଜଳେଶ୍ୱର,୧୦/୫ (ନିପ୍ର) : ବାଲେଶ୍ୱର ଜିଲାର ଜଳେଶ୍ୱର ଅଂଚଳରେ କରୋନାର ୨ୟ ଲହର କାହାବିସ୍ତାର କରିଚାଲିଥିବା ବେଳେ ଅଦ୍ୟାବଧି ସଂକ୍ରମିତଙ୍କ ସଂଖ୍ୟା ୫୦୦ ଛୁଇଁଲା । ବାହାର ରାଜ୍ୟରୁ ଆସିଥିବା ପ୍ରବାସୀ ଓ ଅମାନିଆମାନେ କୌଣସି ସରକାରୀ ନିତୀନିୟମକୁ ନ ମାନି ଗାଁ ଦାଣ୍ଡରେ ସାଂଗମେଳରେ ବୁଲାବୁଲି କରୁଛନ୍ତି । ଫଳରେ ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲି ଯାଉଛି । ଏହିଁ ସଂକ୍ରମଣରେ ଗୋବରଘଟ୍ଟା ଗ୍ରାମର ଅଜିତ୍ ଦାସ (୪୫)ଙ୍କର ମୃତ୍ୟୁ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ପ୍ରକାଶ । ଗତ କିଛି ପୂର୍ବରୁ ସେ କୋଲକତା ଯାଇଥିଲେ । ସେଠାରୁ ଫେରି ୪/୫ଦିନ ଜ୍ୱର ଭୋଗିଥିଲେ ହେଁ କାହାରିକୁ କିଛି ଜଣାଇନଥିଲେ । ତାର କରୋନା ପଜେଟିଭ୍ ଥିବାରୁ ଅଣନିଶ୍ୱସୀ ଅବସ୍ଥାରେ ତାଙ୍କୁ ଜିକେ ଭଟ୍ଟର ହସ୍‌ପିଟାରୁ ବାଲେଶ୍ୱର କୋଭିଦ୍ ହସ୍‌ପିଟାଲକୁ ନେବାବେଳେ ମୃତ୍ୟୁ ଘଟିଥିବା ଜଣାଯାଇଛି । ବ୍ଲକରେ ସରକାରୀଭାବେ ୪ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ପ୍ରକୃତ ସଂଖ୍ୟା ଏହାଠାରୁ ବହୁ ଅଧିକ ବୋଲି ସାଧାରଣରେ ଆଲୋଚନା ହେଉଛି ।

## ରାଜ୍ୟପାଳ ପଶ୍ଚିମବଙ୍ଗ ହିଂସା ପ୍ରଭାବିତ ଅଂଚଳ ପରିଦର୍ଶନ କରିବେ

କଲିକତା,୧୦/୦୫ (ନି.ପ୍ର): ପଶ୍ଚିମବଙ୍ଗ ନିର୍ବାଚନ ପରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ହିଂସା ପ୍ରଭାବିତ ଅଂଚଳ ପରିଦର୍ଶନ କରିସାରିଛନ୍ତି । ସୋମବାର ମମତା କ୍ୟାବିନେଟର ୪୩ ଜଣ ମନ୍ତ୍ରୀଙ୍କ ଶପଥ ଗ୍ରହଣ କରିବା ପରେ ରାଜ୍ୟପାଳ ଜଗଦୀଶ ଧନଖଡ଼ ହିଂସା ପ୍ରଭାବିତ ଅଂଚଳ ପରିଦର୍ଶନ କରିବାକୁ ଘୋଷଣା କରିଛନ୍ତି । ମମତା ସରକାରଙ୍କୁ ହେଲିକେପ୍ଟର ନ ଯୋଗାଇଦେବା ପାଇଁ କହିଛନ୍ତି । ନିର୍ବାଚନ ପରବର୍ତୀ ହିଂସାକୁ ନେଇ ଉଦ୍‌ବେଗ ପ୍ରକାଶ କରି ରାଜ୍ୟପାଳ କହିଛନ୍ତି ଯେ, ପଶ୍ଚିମବଙ୍ଗର ଅବସ୍ଥା ଅତ୍ୟନ୍ତ ଚିନ୍ତାଜନକ । ସେ କହିଛନ୍ତି ଯେ, ହିଂସା ପ୍ରଭାବିତ ଅଂଚଳ ପରିଦର୍ଶନ କରିବେ । ଦେଶ ବିଭାଜନ ପୂର୍ବରୁ ଯେଉଁଭଳି ସ୍ଥିତି ଥିଲା ଏବେ ମଧ୍ୟ ସେହି ସ୍ଥିତି ରହିଛି । ସେ ଏ ନେଇ ରାଜ୍ୟ ସରକାରଙ୍କ ନିକଟକୁ ଯାଇଥିଲେ କିନ୍ତୁ ରାଜ୍ୟ ସରକାରଙ୍କ ତରଫରୁ କୌଣସି ସନ୍ତୋଷଜନକ ଉତର ମିଳିନାହିଁ ।

## ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଡା. କୁନାନନ୍ଦ ଗିରିଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା



ବାଲେଶ୍ୱର,୧୦/୦୫ (ନି.ପ୍ର): ବିଶିଷ୍ଟ ଆୟୁର୍ବେଦିକ ଡାକ୍ତର ତଥା ଭାରତୀୟ ଭେଷଜ ପରିଷଦର ଅବସରପ୍ରାପ୍ତ ଉପନିର୍ଦ୍ଦେଶକ ଡା. କୁନାନନ୍ଦ ଗିରିଙ୍କ ବିୟୋଗରେ ବାଲେଶ୍ୱର ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯିବା ସହିତ ତାଙ୍କ ଦିବଂଗତ ଆତ୍ମାର ସଦ୍‌ଗତି କାମନା ପୂର୍ବକ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଆଜି ଅପରାହ୍ନରେ ସାଧାରଣ ସଂପାଦକ ଲକ୍ଷ୍ମୀଧର ବେହେରାଙ୍କ ଆବାହକତ୍ୱରେ ଆୟୋଜିତ ଏକ ଦୂରଭାଷ ଦୃଶ୍ୟଶ୍ରାବ୍ୟ ଶୋକସଭାରେ ମଞ୍ଚର ସଭାପତି ବୈଦ୍ୟନାଥ ଷଡ଼ଙ୍ଗୀ, ଶରତ ଚନ୍ଦ୍ର ଦାଶ, ଗିରିଶ ଚନ୍ଦ୍ର ଦାଶ, ଗୋପୀନାଥ ଦାସ, ଅଖିଳ କୁମାର ଦାସ, ଦେବେନ୍ଦ୍ର ନାଥ ଚୌଧୁରୀ, ବିଷ୍ଣୁପ୍ରସାଦ ମହାନ୍ତି, ଅର୍ଚ୍ଚନା ନନ୍ଦୀ ଓ ଦାମୋଦର ନାୟକ ପ୍ରମୁଖ କର୍ମକର୍ତ୍ତାମାନେ ଡାକ୍ତର କୁନାନନ୍ଦ ଗିରିଙ୍କ ଅମ୍ଳାନ ବ୍ୟକ୍ତିତ୍ୱ ଓ ସାମାଜିକ ଦାୟିତ୍ୱବୋଧତା ଉପରେ ସ୍ମୃତିଚାରଣ କରି ତାଙ୍କ ଦିବଂଗତ ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସେ ପଡ଼ୋଶୀ ମୟୁରଭଞ୍ଜ ଜିଲ୍ଲାର ବାଙ୍ଗିରିପୋଷି ଥାନାର ପଥରଖମ୍ବ ଗ୍ରାମରେ ଜନ୍ମ ନେଇଥିଲେ ମଧ ବାଲେଶ୍ୱର ତାଙ୍କର କର୍ମଭୂମି ଥିଲା। ୨୦୧୦ରେ ଚାକିରିରୁ ଅବସର ନେବା ପରେ ବିଗତ ୧୧ ବର୍ଷ ଧରି ସେ ବାଲେଶ୍ୱରରେ ବରିଷ୍ଠ ନାଗରିକ ମଞ୍ଚ, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ, ସରକାରୀ ମେଡିକାଲ୍ କଲେଜ୍ ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟି, ଭାଷା ସୁରକ୍ଷା ଆନ୍ଦୋଳନ ପ୍ରମୁଖ ବହୁ ସାମାଜିକ ଓ ସାଂସ୍କୃତିକ ସଂଗଠନର ପ୍ରମୁଖ ଭୂମିକା ନିର୍ବାହ କରିଆସିଥିଲେ। ବାଲେଶ୍ୱରରେ ଏକ ଆୟୁର୍ବେଦ ହସପିଟାଲ ପ୍ରତିଷ୍ଠା ଘେନି ତାଙ୍କର ନିରବଚ୍ଛିନ୍ନ ଉଦ୍ୟମ ଓ ଏଥିଲାଗି ଆବଶ୍ୟକ ଜମି ଅଧିଗ୍ରହଣ କରାଯିବା ପରେ ତାଙ୍କର ଲଗାତର ଉଦ୍ୟମ ଅବିସ୍ମରଣୀୟ ହୋଇରହିବ ବୋଲି ଶ୍ରୀ ବେହେରା ସୂଚନା ଦେଇଥିଲେ।

## ବିଧାୟକ ରମେଶ ଚନ୍ଦ୍ର ସାଇଙ୍କ ଆଶୁ ଆରୋଗ୍ୟ କାମନା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୦/୦୫ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଧାୟକ ଶ୍ରୀ ରମେଶ ଚନ୍ଦ୍ର ସାଇଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ସେ ଟ୍ୱିଟ କରି କହିଛନ୍ତି ଯେ - ବିଧାୟକ ଶ୍ରୀ ରମେଶ ଚନ୍ଦ୍ର ସାଇ କୋଭିଡ ସଂକ୍ରମିତ ହୋଇଥିବା ନେଇ ଅବଗତ ହେଲି। ତାଙ୍କ ଆଶୁଆରୋଗ୍ୟ ଓ ଉତମ ସ୍ୱାସ୍ଥ୍ୟ କାମନା କରୁଛି।

## ଗୋଚର ଓ ଶଶ୍ମାନ ଜାଗା ଅବରୋଧକୁ କେନ୍ଦ୍ରକରି ଗଣ୍ଡଗୋଳ, ଥାନାରେ ଦୁଇଟି ପୃଥକ ମାମଲା

ବାଲିଆପାଳ,୧୦/୦୫ (ନି.ପ୍ର): ସରକାରୀ ଗୋଚର ଓ ଶଶ୍ମାନ ଜାଗା ଅବରୋଧକୁ କେନ୍ଦ୍ରକରି ଏକ ଗ୍ରାମର ଦୁଇ ଗୋଷ୍ଠି ମଧ୍ୟରେ ସୋମବାର ଗଣ୍ଡଗୋଳ ମାରପିଟ ହୋଇଯାଇଛି । ଏନେଇ ଥାନାରେ ଉଭୟ ଗୋଷ୍ଠି ପକ୍ଷରୁ ଦୁଇଟି ଦୁଇଟି ପୃଥକ ପୃଥକ ମାମଲା ରୁଜୁ ସହୋଇଛି । ଘଟଣାରୁ ପ୍ରକାଶ ଏହି ଥାନା ଅନ୍ତର୍ଗତ ଭିକାଗଡିଆ ଗ୍ରାମର ବିନୋଦ ବିହରୀ ମହାନ୍ତି ଗ୍ରାମର ସରକାରୀ ଗୋଚର ଓ ଶଶ୍ମାନ ଜାଗାକୁ ଅବରୋଧ କରି ଘର ଓ ପୋଖରୀ ଖୋଳିଥିଲେ । ଗ୍ରାମବାସୀ ଘଟଣାସ୍ଥଳରେ ପହଂଚି ବିନୋଦକୁ ପଚାରିବାରୁ ବିନୋଦ ତତ୍‌କ୍ଷଣାତ ଉତକ୍ଷିପ୍ତ ହୋଇ ଅଶୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଆକ୍ରମଣ କରିବାକୁ ଉଦ୍ୟତ ହୋଇଥିଲେ । ବିନୋଦ ଜଣେ ଗ୍ରାମବାସୀ ବିରଞ୍ଚି ନାରାୟଣ ପାତ୍ରଙ୍କୁ ମୁଠି ମାରିବାରୁ ସେ ତଳେ ପଡିଯାଇଥିଲେ । ଫଳରେ ଗ୍ରାମବାସୀ ସେଠାରେ ରୁଷ୍ଟ ହୋଇଯିବାରୁ ବିନୋଦ ଥମିଯାଇଥିଲା । ବିନୋଦର ସହଯୋଗୀ ଶୋଭନ କୁମାର ପାତ୍ର, ତପନ କୁମାର ପାତ୍ର ଗ୍ରାମବାସୀଙ୍କୁ ଧମକ ଚମକ ଦେଇଥିଲେ । ଗ୍ରାମବାସୀ ବିନୋଦର ଜବରଦଖଲକୁ ଦେଖି ତହସିଲଦାରଙ୍କ ଠାରେ ପୂର୍ବରୁ ଫେରାଦ ଦେଇଥିଲେ । ତେବେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ସେ ଏଭଳି କାର୍ଯ୍ୟ କରିଚାଲିଛି ବୋଲି ଗ୍ରାମବାସୀ ବଂଶୀଧର ରାଉଳ,ଗଣେଶ ଚନ୍ଦ୍ର ବାଗ,କାର୍ତିକ ଚନ୍ଦ୍ର ସାମନ୍ତରାୟ ପ୍ରମୁଖ କହିଛନ୍ତି । ବିନୋଦ ଗ୍ରାମବାସୀଙ୍କ ନାମରେ ଥାନାରେ ଏକ ମାମଲା ରୁଜୁ କରିଥିବା ବେଳେ ଗ୍ରାମର ବଂଶୀଧର ରାଉଳ,ଗଣେଶ ଚନ୍ଦ୍ର ବାଗ ପ୍ରମୁଖ ଅନ୍ୟ ଏକ ମାମଲା ରୁଜୁ କରିଛନ୍ତି । କେଶ ନଂ ୮୮ ଓ ୮୭ ।

## ଭୁବନେଶ୍ୱରରେ ୨୪ ଘଂଟାରେ ୯୬୨ ପଜିଟିଭ୍

ଭୁବନେଶ୍ୱର,୧୦/୦୫(ନି.ପ୍ର): କିଛି ଦିନର ବ୍ୟବଧାନ ପରେ ରାଜଧାନୀ ଭୁବନେଶ୍ୱରରେ ଦୈନିକ କରୋନା ସଂକ୍ରମିତଙ୍କ ସଂଖ୍ୟା ହଜାରେରୁ ହ୍ରାସ ପାଇଛି। ସୋମବାର ଦିନ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଂଚଳରୁ ଆଉ ୯୬୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୫୪୫୭୬ କୁ ବୃଦ୍ଧି ପାଇଛି। ସେଥିରୁ ୧୮୧ ଜଣ କ୍ୱାରେଂଟାଇନ୍ ରୁ ରହିଥିବା ବେଳେ ୭୮୧ ଲୋକାଲ୍ କେସ ରହିଛନ୍ତି। ଅପରପକ୍ଷରେ ୨୪ ଘଂଟାରେ ୮୫୯ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି। ଏନେଇ ବିଏମ୍‌ସି ପକ୍ଷରୁ ଟ୍ୱିଟ୍ କରାଯାଇଛି। ଆଜି ଚିହ୍ନଟ ହୋଇଥିବା ୭୮୧ ଲୋକାଲ୍ କେସ ଭିତରୁ ସର୍ବାଧିକ ପଟିଆରୁ ୫୬ ଜଣ ରହିଥିବା ବେଳେ ଖଣ୍ଡଗିରିରୁ ୪୦ ଜଣ, ଓଲ୍ଡଟାଉନ୍ ରୁ ୩୮ ଜଣ, ନୟାପଲ୍ଲୀରୁ ୩୭ ଜଣ, ଲକ୍ଷ୍ମୀସାଗରରୁ ୨୮, ଚନ୍ଦ୍ରଶେଖରପୁରରୁ ୨୭, ଡୁମଡୁମାରୁ ୨୪ ,ୟୁନିଟ୍ ୯ରୁ ୨୪, ୟୁନିଟ୍ ୩ରୁ ୨୧, ୟୁନିଟ୍ ୮ରୁ ୨୦, ବରମୁଣ୍ଡାରୁ ୧୬, ଶୈଳଶ୍ରୀବିହାରରୁ ୧୮, ସୁନ୍ଦରପଦା ଓ ନିଳାଦ୍ରୀବିହାରରୁ ୧୭ ଲେଖାଏଁ ଆକ୍ରାନ୍ତ ରହିଛନ୍ତି। ସେହିପରି ପଟିଆରୁ ୨୩, ନୟାପଲ୍ଲୀରୁ ୧୪, ଖଣ୍ଡଗିରି ଓଚନ୍ଦ୍ରଶେଖରପୁରରୁ ୯ ଜଣ ଲେଖାଏଁ , ଡୁମଡୁମାରୁ ୮ ଜଣ ଲୋକାଲ୍ କେସ ଚିହ୍ନଟ ହୋଇଛନ୍ତି। ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୫୪୫୭୬ କୁ ବୃଦ୍ଧି ପାଇଛି। ସେହିପରି ସୁସ୍ଥଙ୍କ ସଂଖ୍ୟା ୪୩୯୨୦ କୁ ବୃଦ୍ଧି ପାଇଛି। ଭୁବନେଶ୍ୱରରେ ଏବେ ୧୦୩୫୩ ଜଣ ସକ୍ରିୟ ଆକ୍ରାନ୍ତଙ୍କର ଚିକିତ୍ସା ଜାରି ଥିବା ବେଳେ ମୃତକଙ୍କ ସଂଖ୍ୟା ୨୮୨ ରହିଛି।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078
❐ Managing & Executive Editor : Srustidhar Parida
❐ Editor: Sairindhree Sahoo